R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୯
ତିଥି: ତୃତୀୟା
୧୪ ସେପ୍ଟେମ୍ବର ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur



## ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍‌ବୋଧନ

# ଅସ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଖଣିଜର ବ୍ୟବହାର ପ୍ରଗତିରେ ବାଧକ

ନୂଆଦିଲ୍ଲୀ,୧୩।୯: ପ୍ରଯୁକ୍ତିବିଦ୍ୟା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦକୁ 'ଅସ୍ତ୍ର' ଭାବେ ବ୍ୟବହାର କରାଗଲେ ସାମୂହିକ ପ୍ରଗତି ବାଧାପ୍ରାପ୍ତହୋଇପାରେବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚେତାବନୀ ଦେଇଛନ୍ତି। ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀ-୨୦୨୬ର ସମାପନୀ ଅଭିଭାଷଣରେ ସେ ଏହା କହିଛନ୍ତି।ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଉପସ୍ଥିତିରେ ମୋଦୀ କହିଥିଲେ ଯେ, ରଣନୈତିକ ସମ୍ପଦ ଓ ପ୍ରଯୁକ୍ତିକୁ ଚାପ ସୃଷ୍ଟି କରିବାର ମାଧ୍ୟମ ଭାବେ ବ୍ୟବହାର କଲେ ବିଶ୍ୱର ସାମୂହିକ ବିକାଶ ପ୍ରଭାବିତ ହୋଇପାରେ। ତାଙ୍କର ଏହି ମନ୍ତବ୍ୟକୁ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଦୁର୍ଲଭ ମୃତ୍ତିକା ଖଣିଜ ଯୋଗାଣ ଶୃଙ୍ଖଳାରେ ଚୀନ୍‌ର ପ୍ରଭାବକୁ ନେଇ ବେଜିଂ ପ୍ରତି ଏକ ବାର୍ତ୍ତା ଭାବେ ଦେଖାଯାଉଛି। ପ୍ରଧାନମନ୍ତ୍ରୀ



ପକ୍ଷ ପାଇଁ ଲାଭଦାୟକ ସହଯୋଗ'ରେ ପରିଣତ କରିବା ଦିଗରେ ଭାରତ କାର୍ଯ୍ୟ କରିଥିବା ମୋଦୀ କହିଥିଲେ। ବ୍ରିକ୍ସ ମଧ୍ୟରେ ସହଯୋଗ କେବଳ ସରକାରୀ ସ୍ତରରେ ସୀମିତ ନରହି ଉଦ୍ୟୋଗୀ, କୃଷକ, ଗବେଷକ, ମହିଳା, ଯୁବବର୍ଗ ଓ ସାଧାରଣ ନାଗରିକଙ୍କୁ ମଧ୍ୟ ସାମିଲ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ବିଶ୍ୱରେ ସଂଘର୍ଷ ଓ ଉତ୍ତେଜନା କ୍ରମାଗତ ଭାବେ ବଢୁଛି ଏବଂ ଏହାର ବ୍ୟାପକ ନକାରାତ୍ମକ ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି ବୋଲି ମୋଦୀ କହିଥିଲେ। ମହାମାରୀ, ଜଳବାୟୁଜନିତ ବିପର୍ଯ୍ୟୟ ଓ ଯୋଗାଣ ଶୃଙ୍ଖଳାରେ ବାଧା ଭଳି ଘଟଣା ଦର୍ଶାଇଛି ଯେ ପରସ୍ପର ସଂଯୁକ୍ତ ବିଶ୍ୱରେ କୌଣସି ସଙ୍କଟ ଗୋଟିଏ ଅଞ୍ଚଳ ମଧ୍ୟରେ ସୀମିତ ରହିପାରିବ ନାହିଁ।

**➥ ବିବିଧତା ଭିତରେ ଏକତା ଆମ ପରିଚୟ**
**➥ ସାରା ବିଶ୍ୱରେ ଅଶାନ୍ତି ବଢ଼ିଛି**
**➥ ୪ ସ୍ତମ୍ଭକୁ ଭାରତର ଗୁରୁତ୍ୱ**

ଏହି କାରଣରୁ ବ୍ରିକ୍ସରେ ସଙ୍କଟ ପ୍ରତିରୋଧ କ୍ଷମତା ବଢ଼ାଇବା ଉପରେ ବିଶେଷ (୯ ପୃଷ୍ଠାରେ)

# ୨୦ରେ ସୃଷ୍ଟି ହୋଇପାରେ ପୁଣି ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୧୩।୯,(ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ସ୍ଥଳ ଭାଗକୁ ଯାଇଛି। ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ କମିଛି। ତଥାପି ମୌସୁମୀ ନିମ୍ନଚାପ ରେଖା ଏବଂ ବଙ୍ଗୋପସାଗରରୁ ଆସୁଥିବା ଜଳୀୟ ବାଷ୍ପ ଯୋଗୁଁ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନୀ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି।

ତେବେ ବଙ୍ଗୋପସାଗରରେ ଆଉ ଏକ ସ୍ପଷ୍ଟ ଲଘୁଚାପ ତୁରନ୍ତ ସୃଷ୍ଟି ହେବାର ସଙ୍କେତ ଏବେ ସ୍ପଷ୍ଟ ନୁହେଁ। କିନ୍ତୁ ମୌସୁମୀ ନିମ୍ନଚାପ ରେଖା ଏବଂ ବଙ୍ଗୋପସାଗରରୁ ଜଳୀୟବାଷ୍ପ ଆସିବ ଯୋଗୁଁ ଓଡ଼ିଶାରେ ବର୍ଷା ବଢ଼ିପାରେ। ସେପ୍ଟେମ୍ବର ୧୮ରୁ ୨୩ ମଧ୍ୟରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସେପ୍ଟେମ୍ବର ୨୦ ବେଳକୁ (୯ ପୃଷ୍ଠାରେ)

## ଏବେ ବାତ୍ୟା ସମ୍ଭାବନା ନାହିଁ

ଭୁବନେଶ୍ୱର,୧୩।୯,(ସବ୍ୟୁ): ବର୍ତ୍ତମାନ ବଙ୍ଗୋପସାଗରରେ କୌଣସି ବାତ୍ୟାର ସମ୍ଭାବନା ନାହିଁ। ଆସନ୍ନ ବାତ୍ୟାକୁ ନେଇ ଚାଲିଥିବା ସାମ୍ପ୍ରତିକ ଚର୍ଚ୍ଚା ବୋଧହୁଏ ଘୂର୍ଣ୍ଣିବଳୟ କିମ୍ବା ବାତ୍ୟା ସୃଷ୍ଟି ପ୍ରକ୍ରିୟା ଭଳି ସାଧାରଣ ପାଣିପାଗ ଶବ୍ଦ ଗୁଡ଼ିକର ଭୁଲ ଅର୍ଥ କାଢ଼ିବା ଯୋଗୁଁ ସୃଷ୍ଟି ହୋଇଥାଇପାରେ ବୋଲି ପାଣିପାଗ ବିଜ୍ଞାନୀ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି।

ଘୂର୍ଣ୍ଣିବଳୟକୁ ପାଣିପାଗ ବିଜ୍ଞାନୀମାନେ ଯେତେବେଳେ କହନ୍ତି ସେତେବେଳେ ଏହାର ସାଧାରଣ ଅର୍ଥ ହେଉଛି ବାୟୁମଣ୍ଡଳର ଉପରିଭାଗରେ ଜଳୀୟ ବାଷ୍ପପୂର୍ଣ୍ଣ ବାୟୁର ଏକ ନିୟମିତ ଘୂର୍ଣ୍ଣନ। ସେପ୍ଟେମ୍ବର ମାସରେ ଏହି ଘୂର୍ଣ୍ଣିବାଳୀୟ ଗୁଡ଼ିକ ସାଧାରଣତଃ ମୌସୁମୀ ସହ ମିଶି ଆଞ୍ଚଳିକ ବର୍ଷା କରାଇଥାନ୍ତି। ଏହା ସାଘାଂତିକ ବାତ୍ୟା ନୁହେଁ। ସେହିପରି ବାତ୍ୟା ସୃଷ୍ଟି ପ୍ରକ୍ରିୟା ପରି ଶବ୍ଦ ଗୁଡ଼ିକ ସାଧାରଣ (୯ ପୃଷ୍ଠାରେ)

# ଓରାଙ୍ଗଉଟାନ ଲାଗି ୫ ଜଣିଆ ବୈଷୟିକ କମିଟି

ବାଲେଶ୍ୱର , ୧୩।୯ (ସବ୍ୟୁ): ଓରାଙ୍ଗଉଟାନ ଚାଲାଣ ଲିଙ୍କ ନେଇ ଚାଲିଥିବା ଛାନଭିନ ମଧ୍ୟରେ ନୂଆ ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି । ଦୀଘାର ଜଣେ ସନ୍ଦିଗ୍ଧ ହୋଟେଲ ସମ୍ମୁଖରେ ଲାଗିଥିବା ସିସିଟିଭିରେ ଦୁଇଟି କାର୍ ଆଗପଛ ହୋଇ ହୋଟେଲ ସମ୍ମୁଖରେ ରହିବା ଏବଂ ପରେ ସେଠାରୁ ବାହାରିଯିବାର ଦୃଶ୍ୟ ରେକର୍ଡ ହୋଇଥିବା ଜଣାପଡ଼ିଛି । ତେବେ ଉଦ୍ଧାର ହୋଇଥିବା ୫ ଓରାଙ୍ଗ ଉଟାନର ଦେଖା ଶୁଣା ପାଇଁ ୫ ଜଣିଆ ବୈଷୟିକ କମିଟି ପିସିସିଏଫ (ବନ୍ୟ ପ୍ରାଣୀ) ଗଠନ କରିଛନ୍ତି। ଏହି କମିଟିରେ ମହୀସୁର ସ୍ଥିତ ଶ୍ରୀ ଚାମରା ଜେନ୍ଦ୍ର ପ୍ରାଣୀ ଉଦ୍ୟାନର ଜଣେ ପ୍ରାଣୀ ଚିକିତ୍ସକଙ୍କ ସହ ଡେରାଡୁନ ସହ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆର ନିର୍ଦ୍ଦେଶକଙ୍କ ଜଣେ ପ୍ରତିନିଧି ଓୟୁଏଟି ସେଣ୍ଟର ଫର ୱାଇଲ୍ଡ ଲାଇଫ ହେଲଥର ପ୍ରକଳ୍ପ ସଂଯୋଜକ ଏବଂ ନୂଆଦିଲ୍ଲୀର ଜାତୀୟ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକଙ୍କ ଦ୍ୱାରା ମନୋନୀତ ଜଣେ ପ୍ରାଣୀ ଚିକିତ୍ସା ଅଧିକାରୀ ଏହାର ସଦସ୍ୟ ଅଛନ୍ତି। ନନ୍ଦନକାନନ ନିର୍ଦ୍ଦେଶକ କମିଟିର ଆବାହକ ଦାୟିତ୍ୱ ନିର୍ବାହ କରିବେ।

**➥ ସାମ୍ନାକୁ ଆସିଲା ନୂଆ ସିସିଟିଭି ଫୁଟେଜ**

ସିସିଟିଭି ଫୁଟେଜରେ କିଛି ସନ୍ଦିଗ୍ଧ ବ୍ୟକ୍ତି କାର୍ ଭିତରକୁ ଯିବାଆସିବା କରୁଥିବାର ଦୃଶ୍ୟ ମଧ୍ୟ ଥିବା ଜଣାପଡ଼ିଛି । ଏହି ଫୁଟେଜକୁ ନେଇ ତଦନ୍ତକାରୀ ସଂସ୍ଥାର ସନ୍ଦେହ ଆହୁରି ବଢ଼ିଛି । ହୋଟେଲ ସମ୍ମୁଖରେ ଦୁଇଟି କାରର ଗତିବିଧି ଏବଂ ସେଥିରେ ଥିବା ବ୍ୟକ୍ତିମାନଙ୍କ ପରିଚୟ ନେଇ ଛାନଭିନ ଚାଲିଥିବା ସୂଚନା ମିଳିଛି ।

ଅନ୍ୟପକ୍ଷରେ, ଗୋଟିଏ ଦାମୀ କାରରେ ଓରାଙ୍ଗଉଟାନକୁ ବିଚିତ୍ରପୁର ଜଙ୍ଗଲ ଅଞ୍ଚଳକୁ ଚାଲାଣ କରାଯାଇଥିବା ସନ୍ଦେହ ନେଇ ତଦନ୍ତ ଜାରି ରହିଛି । ଦୀଘାରୁ ବିଚିତ୍ରପୁର ପର୍ଯ୍ୟନ୍ତ କାରରେ ଗତିବିଧି, ହୋଟେଲରେ ରହଣି ଏବଂ ସେଠାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଆଗମନ ଓ ପ୍ରସ୍ଥାନ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯାଉଛି ।

ନୂଆ ସିସିଟିଭି ଫୁଟେଜ ମିଳିବା ପରେ ଓରାଙ୍ଗଉଟାନ ଚାଲାଣ ପଛରେ କେଉଁମାନେ ଅଛନ୍ତି ଏବଂ ଏହାର ଲିଙ୍କ କେଉଁଆଡ଼େ ରହିଛି, ତାହା ଜାଣିବା ପାଇଁ ତଦନ୍ତକୁ ଆହୁରି ଜୋରଦାର କରାଯାଇଛି । ଗଠନ ହୋଇଥିବା ବୈଷୟିକ କମିଟି ଓରାଙ୍ଗଉଟାଙ୍ଗଙ୍କ ଉଚିତ ଦେଖାଶୁଣା କରିବା ପାଇଁ ପରାମର୍ଶ ଦେବ। ଏଥିପାଇଁ କମିଟି ଜାତୀୟ ବା ଆନ୍ତର୍ଜାତୀୟସ୍ତରରେ କୌଣସି ବ୍ୟକ୍ତିବିଶେଷ ବା ସଂଗଠନର ପରାମର୍ଶ ନେଇପାରିବ। ୬ ମାସ ପାଇଁ ଏହି କମିଟି ଗଠନ କରାଯାଇଛି। ଆବଶ୍ୟକ ହେଲେ ଏହାର କାର୍ଯ୍ୟକାଳ ବୃଦ୍ଧି କରାଯିବ।

## ୟୁଏଇ ଗସ୍ତ ସାରି ଫେରିଲେ ମୁଖ୍ୟମନ୍ତ୍ରୀ

# ୨.୪୩ ଲକ୍ଷ କୋଟିର ନିବେଶ, ୯ ଲକ୍ଷ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୧୩।୯,(ସବ୍ୟୁ): ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି ବୋଲି ୟୁଏଇ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ସେ କହିଛନ୍ତି ଯେ ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିଳ୍ପାୟନ ଅଭିଯାନକୁ ବ୍ୟାପକ କରାଯାଇଛି। ଭୁବନେଶ୍ୱର ବିମାନବନ୍ଦର ଠାରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ନିକଟରେ ବିବୃତ୍ତି ରଖି ସେ କହିଥିଲେ ଯେ, ଏହି ୟୁଏଇ ଗସ୍ତ, ଗତ ଦୁଇ ବର୍ଷ ଧରି ସରକାରଙ୍କ ଶିଳ୍ପାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ୨୦୨୫ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା – ମେକ ଇନ ଓଡ଼ିଶା କନକ୍ଲେଭ' ପରେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ଗୁଜରାଟ ଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି । ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। (୯ ପୃଷ୍ଠାରେ)



**☛ ମୋଟ ପୁଞ୍ଜି ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ହେଲା**
**☛ ଆମ ସାମର୍ଥ୍ୟ ଯୁବ ବର୍ଗର ଭବିଷ୍ୟତ ପାଇଁ ଉପଯୋଗ: ମୁଖ୍ୟମନ୍ତ୍ରୀ**


# ଅପରାଧୀ ଇରଫାନ୍‌କୁ ଏନ୍‌କାଉଣ୍ଟର

ସମ୍ବଲପୁର,୧୩।୯,(ସବ୍ୟୁ): ସମ୍ବଲପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ସୁଡୁଙ୍ଗା ଜଙ୍ଗଲରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏଥିରେ ସୁନାପାଲିର ଦୁର୍ଦ୍ଧାନ୍ତ ଅପରାଧୀ ମହମ୍ମଦ ଇରଫାନ (୩୮) ଆହତ ହୋଇଛି । ତାଙ୍କ ବାମ ଗୋଡ଼ରେ ଗୁଳି ବାଜିଥିବା ବେଳେ ଚିକିତ୍ସା ପାଇଁ ଭିମସାରରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରୁ ପୋଲିସ ୨ଟି ପିସ୍ତଲ, କିଛି ଜୀବନ୍ତ ଗୁଳି, ୩ଟି ଖାଲି କାର୍ଟ୍ରିଜ୍, ବ୍ୟବହୃତ ବାଇକ୍ ଆଦି ଜବତ କରିଛି । ଫରେନସିକ ଅଧିକାରୀ ମାନେ ଘଟଣାସ୍ଥଳ ଅନୁଧ୍ୟାନ କରି ପ୍ରମାଣ ପରୀକ୍ଷା କରିଛନ୍ତି । ତେବେ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

ସୂଚନାଯୋଗ୍ୟ, ସମ୍ବଲପୁର ସଦର ଥାନା ପୋଲିସ କର୍ମଚାରୀମାନେ ସୁଡୁଙ୍ଗା ଜଙ୍ଗଲ ନିକଟ କେନାଲ ରୋଡରେ ରବିବାର ଭୋର ୫ଟାରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଏକ କଳା ରଙ୍ଗର ପଲସର ମୋଟର (୯ ପୃଷ୍ଠାରେ)

# ହରମୁଜରେ ଜାହାଜକୁ ଆକ୍ରମଣ: ଜଣେ ମୃତ, ୩ ଆହତ

ନୂଆଦିଲ୍ଲୀ,୧୩।୯: ବିଶ୍ୱର ସର୍ବାଧିକ ତୈଳ ପରିବହନ ହେଉଥିବା ହରମୁଜ ପ୍ରଣାଳୀରେ ପୁଣି ଉତ୍ତେଜନା ଦେଖାଦେଇଛି। ଏହି ପ୍ରଣାଳୀ ଦେଇ ଆସୁଥିବା ଏକ ଜାହାଜ ଉପରେ ଆକ୍ରମଣ ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଇରାନ ଓ ଆମେରିକା ନିଜସ୍ୱ ଢ଼ଙ୍ଗରେ ଏହି ଆକ୍ରମଣ ଆରମ୍ଭ କରୁଛନ୍ତି। ସମୁଦ୍ର ମାର୍ଗରେ ଅତି



ସମ୍ବେଦନଶୀଳ କୁହାଯାଉଥିବା ହର୍ମୁଜ ପ୍ରଣାଳୀ ଦେଇ ଗତି କରୁଥିବା ଏକ ଜାହାଜ ଉପରେ ମିଶାଇଲ ମାଡ଼ କରାଯାଇଛି ।


ରାତି ତମାମ ଏହି ପ୍ରଣାଳୀରେ ଅନେକ ବିସ୍ଫୋରଣ ଘଟିଛି। ସାଉଦୀ ଆରବର ଅଶୋଧିତ ତୈଳ ରପ୍ତାନୀ ପାଇଁ ବ୍ୟବହୃତ ହୋଇଥିବା ଏହି ସାମୁଦ୍ରିକ ମାର୍ଗରେ ଏବେ ସଙ୍କଟ ଦେଖାଦେଇଛି। ଏହି ଆକ୍ରମଣ (୯ ପୃଷ୍ଠାରେ)

# ଚିଲିର ନର୍ସିଂହୋମ୍‌ରେ ଅଗ୍ନିକାଣ୍ଡ, ୧୬ ବୃଦ୍ଧଙ୍କ ମୃତ୍ୟୁ

ସାଣ୍ଟିଆଗୋ,୧୩।୯: ଚିଲିର ଆରାଉକାନିଆ ଅଞ୍ଚଳର ପିଟ୍ରୁଫ୍କେନ୍ ସହରରେ ଥିବା ଏକ ନର୍ସିଂ ହୋମରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୬ ଜଣ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ଶନିବାର ସକାଳେ ନିଆଁକୁ ଆୟତ୍ତ କରାଯାଇଥିଲା। ଘଟଣାସ୍ଥଳ ରାଜଧାନୀ ସାଣ୍ଟିଆଗୋଠାରୁ ପ୍ରାୟ ୬୪୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ। ଅଗ୍ନିକାଣ୍ଡ ସମୟରେ ନର୍ସିଂ ହୋମରେ ମୋଟ ୨୬ ଜଣ ବୃଦ୍ଧ ରହୁଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଉଦ୍ଧାର କରାଯାଇଥିବା ୧୦ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରିଥିଲା। ପିଟ୍ରୁଫେକନର ମେୟର ଜାକ୍ଲିନ୍ ରୋମେରୋ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି କହିଛନ୍ତି, ପୀଡ଼ିତଙ୍କ ପରିବାରକୁ ସହାୟତା (୯ ପୃଷ୍ଠାରେ)

# ରାହୁଲଙ୍କୁ ଭେଟିଲେ ମାଲେସିଆ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୩।୯: ମାଲେସିଆ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇଛି। ଉଭୟ ସକାଳ ଜଳଖିଆ ସମୟରେ ପରସ୍ପର ମଧ୍ୟରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ସାଂସଦ ପ୍ରିୟଙ୍କା ଗାନ୍ଧୀ ଉପସ୍ଥିତ ଥିଲେ।



**⏵⏵⏵ ପୂର୍ବ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂହଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି**

ପୂର୍ବ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ପ୍ରଥମେ ମାଲେସିଆ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଏହାପରେ ରାହୁଲଙ୍କୁ ସାକ୍ଷାତ କରିଥିଲେ। ଉଭୟଙ୍କ ମଧ୍ୟରେ ଭାରତ ଓ ମାଲେସିଆର ବିଭିନ୍ନ ବୁଝାମଣା ଉପରେ ଆଲୋଚନା ହୋଇଥିଲା। ୨୦୨୬ ବ୍ରିକ ସମିଟ ପାଇଁ ମାଲେସିଆ ପ୍ରଧାନମନ୍ତ୍ରୀ ତାଙ୍କ ପ୍ରତିନିଧି ସହ ନୂଆଦିଲ୍ଲୀ ଆସିଛନ୍ତି। ବ୍ରିକ୍ ସହଯୋଗୀ ରାଷ୍ଟ୍ରରେ ମାଲେସିଆ ହେଉଛି ଭାରତ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ରାଷ୍ଟ୍ର। କଂଗ୍ରେସ ପକ୍ଷରୁ ରାହୁଲ ଓ ପ୍ରିୟଙ୍କା ଙ୍କ ସହ ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ବ୍ରେକ ଫାଷ୍ଟ ବୈଠକର ଫଟୋ ପୋଷ୍ଟ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମାଲେସିଆ ନେତାମାନେ ଗତକାଲି ବାଣିଜ୍ୟିକ ସହଯୋଗ, ସେମିକଣ୍ଡକ୍ଟର ଓ ଭିତ୍ତିଭୂମି ନେଇ ଆଲୋଚନା କରିଥିଲେ। ଏହାପରେ ଆଜି ସେ ରାହୁଲଙ୍କୁ ଭେଟିଛନ୍ତି। ଇବ୍ରାହିମ କହିଛନ୍ତି ଯେ, ରାହୁଲଙ୍କ ସହ ତାଙ୍କର ଏହି ବୈଠକ ପୂର୍ବ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଦୀର୍ଘକାଳୀନ ପ୍ରେରଣା ପାଇଁ ହୋଇଥିଲା। ସ୍ୱର୍ଗତଃ ମନମୋହନ ସିଂଙ୍କୁ ଇବ୍ରାହିମ (୯ ପୃଷ୍ଠାରେ)

# ସ୍ତ୍ରୀଙ୍କ ବେକ କାଟିଲା ସ୍ୱାମୀ, ପାନ ନଦେବାରୁ ବୃଦ୍ଧାଙ୍କୁ ହତ୍ୟା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଦୁଇଟି ପୃଥକ ହତ୍ୟାକାଣ୍ଡ ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି । ବାରିପଦା ଟାଉନ ଥାନା ଅନ୍ତର୍ଗତ ବାଗଡିହା ଛକ ନିକଟରେ ସ୍ୱାମୀ ନିଜ ସ୍ତ୍ରୀଙ୍କ ବେକକୁ ଧାରୁଆ ଛୁରିରେ କାଟି ହତ୍ୟା କରିଥିବା ବେଳେ ମୋରଡା ଥାନା ଅନ୍ତର୍ଗତ ଟିଆଁସି ଗାଁରେ ପାନ ନଦେବାକୁ କେନ୍ଦ୍ର କରି ଜଣେ ବୃଦ୍ଧାଙ୍କୁ ଠେଙ୍ଗାରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି ।

ବାରିପଦା ଟାଉନଥାନା ଅନ୍ତର୍ଗତ ବାଗଡିହା ଛକ ନିକଟରେ ଘଟିଥିବା ଘଟଣାରେ ମୃତକ ହେଲେ ଶୁଳିଆପଦା ଥାନା ଅନ୍ତର୍ଗତ ଗଡଡୁଣୀଡୁବା ଗ୍ରାମର କଟିଆ ନାୟକଙ୍କ ସ୍ତ୍ରୀ ସୁକାନ୍ତି ନାଏକ (୪୫) । କଟିଆ ଓ ସୁକାନ୍ତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ବିବାଦ ହେବା ପରେ ସୁକାନ୍ତି ବାରିପଦା ଚାଲିଆସିଥିଲେ । ପରେ କଟିଆ ତାଙ୍କୁ ଖୋଜି ବାରିପଦାରେ ପହଞ୍ଚିଥିଲେ । ବାଗଡିହା ଛକ ନିକଟରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଓ ଯୁକ୍ତିତର୍କ ହେବା ସମୟରେ କଟିଆ ଉତ୍‌କ୍ଷିପ୍ତ ହୋଇ ଧାରୁଆ ଛୁରିରେ ସୁକାନ୍ତିଙ୍କ ବେକକୁ କାଟି ଦେଇଥିଲେ । ଗୁରୁତର ଅବସ୍ଥାରେ ସୁକାନ୍ତି ଚିତ୍କାର କରି ନିକଟସ୍ଥ ଲୋକଙ୍କ ସହାୟତା ଲୋଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କ ବେକରେ କପଡ଼ା ବାନ୍ଧି ରକ୍ତସ୍ରାବ ରୋକିବାକୁ ଉଦ୍ୟମ କରିବା ସହ ତାଙ୍କୁ ଉଦ୍ଧାର କରି ପିଆରଏମ ମେଡିକାଲ କଲେଜ ଓ ହସ୍‌ପିଟାଲ୍‌କୁ ନେଇଥିଲେ । ତେବେ ସେଠାରେ ଡାକ୍ତର ସୁକାନ୍ତିଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ପରେ ଟାଉନ ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀ କଟିଆ ନାୟକଙ୍କୁ ଗିରଫ କରି ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ ମୋରଡା ଥାନା ଅନ୍ତର୍ଗତ ଟିଆଁସି ଗାଁରେ ପାନ ନଦେବାକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ପାନ ମାଗିବାକୁ ଯାଇଥିବା ଧୀରେନ ନାଏକ ପ୍ରଥମେ ଅନ୍ତ ନାଏକଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ । ତାଙ୍କୁ ଅଟକାଇବାକୁ ଆସିଥିବା (୯ ପୃଷ୍ଠାରେ)

**☛ ମୟୂରଭଞ୍ଜରେ ଦୁଇ ହତ୍ୟାକାଣ୍ଡ**



ପବିତ୍ର ଗଣେଶ ପୂଜା ଉତ୍କଳରେ ନୁହେଁ,ସମଗ୍ର ଭାରତ ବର୍ଷରେ ପାଳିତ ହେଉଛି। ଗଣେଶ ଜ୍ଞାନଦାତା, ବିଦ୍ୟାଦାତା, ବିଘ୍ନ ବିନାଶକାରୀ ପ୍ରଭୁ ଗଣନାଥ ଭାବେ ସର୍ବବିଦିତ। ଆବାଳବୃଦ୍ଧ ବନିତା ସମସ୍ତେ ତାଙ୍କୁ ପୂଜା କରନ୍ତି। ଗଣେଶ ହେଉଛନ୍ତି ଜ୍ଞାନ ଓ ପ୍ରଜ୍ଞାର ପ୍ରତୀକାତ୍ମକ ବିଗ୍ରହ। ଛାତ୍ରଛାତ୍ରୀ, ପଣ୍ଡିତ ଓ ବୁଦ୍ଧିଜୀବୀମାନେ ହାତ ଯୋଡି ତାଙ୍କ ପାଖରେ ଜ୍ଞାନ ଭିକ୍ଷା କରନ୍ତି । ଭାଦ୍ରବ ମାସର ଚତୁର୍ଥୀ ଥିତିରେ ପବିତ୍ର ଶ୍ରୀଗଣେଶ ଚତୁର୍ଥୀ। ବାଳକବାଳିକାମାନଙ୍କ ନୂତନ ବିଦ୍ୟାରମ୍ଭର ଏହି ଦିନ ହୋଇଥାଏ । ହିନ୍ଦୁ ଗୃହରେ ଅନ୍ନପ୍ରାଶନ, ବିଦ୍ୟାରମ୍ଭ, ଗୃହପ୍ରବେଶ, ଉପନୟନ, ବିବାହାଦି ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ସର୍ବପ୍ରଥମେ ଗଣେଶଙ୍କୁ ଅର୍ଚ୍ଚନା କରାଯାଇ ତା'ପରେ ଶୁଭକାର୍ଯ୍ୟ ଆରମ୍ଭ ହୁଏ। ଶିବ ପାର୍ବତୀ ଗଣେଶଙ୍କର ଜନକ ଜନନୀ ହେଲେ ମଧ୍ୟ ଗଣେଶ ହେଉଛନ୍ତି ଆଦିଦେବ। ସେ ସର୍ବଦେବ ତାଙ୍କ ଦ୍ୱାରା ପୂଜିତ, ଅଗ୍ରପୂଜା ଗଣଦାତା ଶୁଭଦ ଓ ବରଦ ଅଟନ୍ତି। ମଙ୍ଗଳଦାୟକ ଶ୍ରୀଗଣେଶ। ବ୍ୟାସଦେବଙ୍କ କଥିତ ଶାସ୍ତ୍ରକୁ ଲେଖନୀ ଧରି ଭକ୍ତମାନଙ୍କ ପାଇଁ ଗଣେଶ ହିଁ ସର୍ବଶାସ୍ତ୍ର ଲେଖିଥିଲେ । ତେଣୁ ତାଙ୍କୁ ପୂଜା କରିବା ଦ୍ୱାରା ସର୍ବବିଘ୍ନ ନିବାରଣ ହୋଇଥାଏ । ଓଡ଼ିଶାର ପୁରପଲ୍ଲୀରେ ଗଜାନନଙ୍କ ପୂଜାକୁ ବେଶ୍ ଧୁମଧାମରେ ପାଳନ କରାଯାଇଥାଏ । ପ୍ରତିଟି ସ୍କୁଲ କଲେଜ ସହିତ ବିଭିନ୍ନ ଅନୁଷ୍ଠାନରେ ଗଜାନନଙ୍କୁ ଖୁବ ଶ୍ରଦ୍ଧାର ସମସ୍ତେ ପୂଜାଅର୍ଚ୍ଚନା କରିଥାଆନ୍ତି । ଏହାସହ ଦୁର୍ଗାପୂଜା ଭଳି ବିଭିନ୍ନ ପେଣ୍ଡାଲ ମାନଙ୍କରେ ମଧ୍ୟ ଗଣେଶଙ୍କ ପୂଜାର ଆୟୋଜନ କରାଯାଇଥାଏ । ଏଥିପାଇଁ ଅନେକ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏଠାରେ ଗଣେଶଙ୍କ ସୁଉଚ୍ଚ ମୂର୍ତ୍ତି ସହିତ ବଡବଡ ଉଚ୍ଚ ତୋରଣ ଶୋଭା ପାଇଥାଏ । ପାଖାପାଖି ସାତ ଦିନ ଧରି ପ୍ରତିଟି ମଣ୍ଡପରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥାଏ । ପ୍ରତିଦିନ ସନ୍ଧ୍ୟାରେ ଭଜନ ଆସର ଜମିଥାଏ । ବିଶେଷଭାବେ ଓଡ଼ିଶାର ଜଟଣୀରେ ଖୁବ ଜାକଜମକରେ ଗଣେଶ ପୂଜାର ପାଳନ ହୋଇଥାଏ । ଜଟଣୀ ବଜାରରେ ଉଚ୍ଚଉଚ୍ଚ ତୋରଣ ସହିତ ମେଢ ପ୍ରସ୍ତୁତ ହୋଇଥାଆନ୍ତି, ଯାହାକୁ ଦେଖିବାକୁ ଶ୍ରଦ୍ଧାଳୁଙ୍କର ଭିଡ ଜମିଥାଏ । ତେବେ କେବଳ ସାର୍ବଜନୀନ ସ୍ଥାନ ନୁହେଁ ଘରେଘରେ ମଧ୍ୟ ଛୋଟଛୋଟ ଗଣେଶଙ୍କ ମୂର୍ତ୍ତି ପୂଜା ହେଉଥିବାର ଦେଖିବାକୁ ମିଳିଥାଏ ।

# ଅଗ୍ରପୂଜ୍ୟ ଗଜାନନ

## ପ୍ରସାଦ

**ଚୁଡ଼ାଘସା :** ଗଣେଶ ପୂଜାରେ ଓଡ଼ିଶାର ସବୁଠାରୁ ପ୍ରସିଦ୍ଧ ଓ ସ୍ୱତନ୍ତ୍ର ଭୋଗ ହେଉଛି 'ଚୁଡ଼ା ଘସା' । ଚୁଡ଼ାକୁ ହାତରେ ଭଲଭାବେ ଘଷି ସେଥିରେ ନଡ଼ିଆ, ଗୁଡ଼ କିମ୍ବା ଚିନି, ଦେଶୀ ଘିଓ, ଗୋଲମରିଚ ଗୁଣ୍ଡ ଏବଂ ଗୁଜୁରାତି ମିଶାଯାଇ ଏହାକୁ ପ୍ରସ୍ତୁତ କରାଯାଏ । ଏହା ସହିତ କଦଳୀ, ସେଓ, ଆଙ୍ଗୁର ଓ ଖଜୁରୀ ପରି କଟା ଫଳ ଏବଂ ବୁନ୍ଦି ମିଶାଇ ପ୍ରଭୁଙ୍କୁ ଅର୍ପଣ କରାଯାଏ ।

ମଗଜ ଲଡୁ : ଓଡ଼ିଶାର ପ୍ରସିଦ୍ଧ ପାରମ୍ପରିକ ମିଠା ମଧ୍ୟରୁ ମଗଜ ଲଡୁ ଅନ୍ୟତମ । ଗହମ ଅଟା କିମ୍ବା ବେସନକୁ ଦେଶୀ ଘିଓରେ ଧୀମା ଆଞ୍ଚରେ ଭଲଭାବେ ଭାଜି ସେଥିରେ ଚିନି ଗୁଣ୍ଡ, ଗୁଜୁରାତି ଏବଂ ମଗଜ ଜାତୀୟ ମଞ୍ଜି ମିଶାଇ ଏହି ଲଡୁ ତିଆରି କରାଯାଏ । ଏହାର ସ୍ୱାଦ ଓ ମହକ ଅତ୍ୟନ୍ତ ନିଆରା ।



ରାଶି **ଲଡୁ :** ସିଦ୍ଧିଦାତା ଗଣପତିଙ୍କର ଲଡୁ ଅତି ପ୍ରିୟ ହୋଇଥିବାରୁ ଓଡ଼ିଶାରେ ରାଶି ଏବଂ ଗୁଡ଼କୁ ନେଇ 'ରାଶି ଲଡୁ' ପ୍ରସ୍ତୁତ କରାଯାଏ । ଏହା ସ୍ୱାସ୍ଥ୍ୟକର ହେବା ସହ ପୂଜା ଭୋଗରେ ବିଶେଷ ଭାବେ ବ୍ୟବହୃତ ହୋଇଥାଏ ।

କାକରା ଓ ମଣ୍ଡା ପିଠା : ଓଡ଼ିଶାର ପ୍ରତ୍ୟେକ ପର୍ବପର୍ବାଣି ପରି ଗଣେଶ ପୂଜାରେ ମଧ୍ୟ ସୁଜି, ଚାଉଳ ଚୂନା ଏବଂ ଅଟାରେ କାକରା ଓ ମଣ୍ଡା ପିଠା ତିଆରି ହୋଇଥାଏ । ଏହା ଭିତରେ ନଡ଼ିଆ, ଗୁଡ଼, ଛେନା ଏବଂ ଗୁଜୁରାତି ଗୁଣ୍ଡର ପୁର ଦିଆଯାଇଥାଏ ।



ଅଗ୍ରପୂଜ୍ୟ ଭାବେ ସର୍ବତ୍ର ପୂଜା ପାଇଥାଆନ୍ତି ପ୍ରଭୁ ଶ୍ରୀଗଣେଶ । ବିଦ୍ୟା ବୁଦ୍ଧିର ଦେବ ଗଜାନନଙ୍କ ପୂଜାକୁ ସମସ୍ତେ ବେଶ୍ ଉତ୍କଣ୍ଠା ସହିତ ଅପେକ୍ଷା କରିଥାଆନ୍ତି । ଗାଁଠାରୁ ସହର ସବୁସ୍ଥାନ ଗଜାନନଙ୍କ ଆଗମନରେ ଉତ୍ସବମୁଖର ହୋଇଉଠେ । ପୁରପଲ୍ଲୀ ବାସିନ୍ଦା ବେଶ୍ ଜାକଜମକରେ ପାଳନ୍ତି ଗଣେଶ ଚତୁର୍ଥୀ ।



ସାରା ଭାରତରେ ଗଣେଶ ପୂଜା ଖୁବ୍ ଉତ୍ସାହର ସହ ପାଳନ କରାଯାଉଥିବା ବେଳେ ବିଭିନ୍ନ ରାଜ୍ୟରେ ଏହାର ପରମ୍ପରା ଭିନ୍ନ। ଯେପରିକି ମହାରାଷ୍ଟ୍ରରେ ୧୦ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇ ବଡ଼ ମୂର୍ତ୍ତି, ବିଶାଳ ମେଢ, ସିଦ୍ଧିବିନାୟକ ମନ୍ଦିରରେ ଭିଡ଼, ଭକ୍ତିପୂର୍ଣ୍ଣ ନୃତ୍ୟ, ମୋଦକ ପ୍ରସାଦ ଓ ଜାକଜମକପୂର୍ଣ୍ଣ ଭସାଣି ଶୋଭାଯାତ୍ରା ଦେଖିବାକୁ ମିଳେ। ମହାରାଷ୍ଟ୍ର ପରେ ଦିଲ୍ଲୀରେ ମଧ୍ୟ ବଡ଼ ମୂର୍ତ୍ତି, ମେଢ, ମନ୍ଦିର ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସୁସ୍ୱାଦୁ ପ୍ରସାଦ ସହ ବ୍ୟାପକ ଭାବେ ଏହା ସମ୍ପନ୍ନ ହୁଏ। ସେହିଭଳି ଗୋଆରେ ଲୋକମାନେ ଘର ସଫା କରି ପ୍ରତିଘରେ ଓ ମନ୍ଦିରରେ ପୂଜା କରିବା ସହ ସ୍ଥାନୀୟ କାରିଗରଙ୍କ ମୂର୍ତ୍ତିକୁ ବାଉଁଶ, ନଡ଼ିଆ ଖୋଳ ଓ ଆଖୁ ଭଳି କଳାତ୍ମକ ସାମଗ୍ରୀରେ ସଜ୍ଜିତ ପେଣ୍ଡାଲରେ ପୂଜା କରନ୍ତି। କର୍ଣ୍ଣାଟକରେ ଏହାକୁ 'ଗଣେଶ ହବ୍ବା' କୁହାଯାଏ, ଯେଉଁଠାରେ ଗଣେଶଙ୍କ ସହ ମା' ପାର୍ବତୀଙ୍କୁ ପୂଜା କରିବାର ବିଶେଷ ପରମ୍ପରା ରହିଛି। ଅନ୍ୟପଟେ ତାମିଲନାଡୁରେ ମଧ୍ୟ ବଡ଼ ବଡ଼ ମୂର୍ତ୍ତି ଓ ପେଣ୍ଡାଲ ସହ ସମସ୍ତ ମନ୍ଦିରରେ ପୂଜାର ଆୟୋଜନ କରାଯାଇ ଶ୍ରଦ୍ଧାଳୁଙ୍କୁ ମୋଦକ ପ୍ରସାଦ ବଣ୍ଟନ କରାଯାଏ।

## ଭିନ୍ନସ୍ଥାନ ଭିନ୍ନପୂଜା



## ଓଡ଼ିଶାରେ କେଉଁଠି କେମିତି

ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ ଓଡ଼ିଶାର କୋଣ-ଅନୁକୋଣରେ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ଅତ୍ୟନ୍ତ ନିଷ୍ଠା ଓ ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ । ବିଦ୍ୟାର୍ଥୀଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ ଏବଂ ଶ୍ରଦ୍ଧାଳୁମାନେ ସିଦ୍ଧିଦାତାଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଓଡ଼ିଶାର ବିଭିନ୍ନ ସହର ଓ ଅଞ୍ଚଳରେ ଏହି ପୂଜା ଭିନ୍ନ ଭିନ୍ନ ଶୈଳୀ ଓ ପରମ୍ପରା ପାଇଁ ପ୍ରସିଦ୍ଧ ।

### ଜଟଣୀ

ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲାର ଜଟଣୀରେ ଖୁବ ଜାକଜମକରେ ପାଳିତ ହୋଇଥାଏ ଗଣେଶ ପୂଜା । ଗଣେଶ ପୂଜା ପାଇଁ ଜଟଣୀ ସହର ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ବହନ କରେ । ଏଠାରେ ମହାରାଷ୍ଟ୍ରର ଗଣେଶୋତ୍ସବ ଭଳି ବିଶାଳ ତୋରଣ, ଆକର୍ଷଣୀୟ ଆଲୋକମାଳା ଏବଂ ଗୋଟିଏ ସପ୍ତାହରୁ ଅଧିକ ଦିନ ଧରି ମହୋତ୍ସବ ଚାଲିଥାଏ । ଶହ ଶହ ପୂଜା ମଣ୍ଡପରେ ବିଶାଳକାୟ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୁଏ ।

### କଟକ

ସିଲଭର ସିଟି କଟକରେ ସାହି-ସାହି ଏବଂ ବିଭିନ୍ନ କ୍ଲବ୍ ପକ୍ଷରୁ ଗଣପତିଙ୍କ ଆରାଧନା କରାଯାଇଥାଏ । ମୃଣ୍ମୟୀ ମୂର୍ତ୍ତି, ଆକର୍ଷଣୀୟ ମଣ୍ଡପ ସାଙ୍ଗକୁ ଏଠାରେ ପୂଜା ପରବର୍ତ୍ତୀ ଭାସାଣି ଶୋଭାଯାତ୍ରା ପ୍ରସିଦ୍ଧ, ଯେଉଁଥିରେ ପାରମ୍ପରିକ ବାଜା ଓ ରଙ୍ଗାରଙ୍ଗ ଶୋଭାଯାତ୍ରାର ସମାହାର ଦେଖିବାକୁ ମିଳେ। ଚଳିତ ଥର ପୂଜା ମଣ୍ଡପରେ ୬୨ ଫୁଟର ଗଣେଷ ମୂର୍ତ୍ତି ଶୋଭା ପାଉଛନ୍ତି ।

### ଭୁବନେଶ୍ୱର



ରାଜଧାନୀ ଭୁବନେଶ୍ୱରରେ ଅନେକ ବୃହତ୍ ପୂଜା କମିଟି ପକ୍ଷରୁ ସମସାମୟିକ ବିଷୟବସ୍ତୁ ଏବଂ କଳା ସଂସ୍କୃତିକୁ ନେଇ ସୁଦୃଶ୍ୟ ତୋରଣ ନିର୍ମାଣ କରାଯାଇଥାଏ । ଏହାସହ ବିଭିନ୍ନ କ୍ଲବ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସରକାରୀ-ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ବ୍ୟାପକ ପୂଜା ଆୟୋଜନ ହୋଇଥାଏ । ଏଠାରେ ମଧ୍ୟ ଅନେକ ବଡବଡ ଯେପରି ୫୦ ଫୁଟର ଅଧିକ ମୂର୍ତ୍ତି ମଧ୍ୟ ପଣ୍ଡାଲରେ ଦେଖିବାକୁ ମିଳେ ।

### ତାଳଚେର

କୋଇଲାଖଣି ପାଇଁ ପ୍ରସିଦ୍ଧ ତାଳଚେରରେ ଗଣେଶ ପୂଜା ସମଗ୍ର ଅଞ୍ଚଳର ସବୁଠାରୁ ବଡ଼ ପର୍ବ ଭାବେ ପାଳନ କରାଯାଏ । ଏଠାରେ ୧୦୦ରୁ ଅଧିକ ମଣ୍ଡପରେ ଗଣପତି ପୂଜା ପାଆନ୍ତି। ପ୍ରାୟ ୧୧ରୁ ୧୫ ଦିନ ଧରି ଚାଲୁଥିବା ଏହି ପୂଜା ଦେଖିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ।

### ବ୍ରହ୍ମପୁର

ରେଶମ ସହର ବ୍ରହ୍ମପୁରରେ ଗଣେଶ ଚତୁର୍ଥୀ ଅତ୍ୟନ୍ତ ଆନନ୍ଦ-ଉଲ୍ଲାସର ସହ ପାଳିତ ହୁଏ । ଏଠାରେ ପାରମ୍ପରିକ ଦକ୍ଷିଣ ଭାରତୀୟ ସଂସ୍କୃତିର ପ୍ରଭାବ ମଧ୍ୟ ଦେଖିବାକୁ ମିଳିଥାଏ । ବିଶେଷ କରି ମିଷ୍ଟାନ୍ନ, ଲଡୁ ଭୋଗ ଏବଂ ଭକ୍ତିପୂର୍ଣ୍ଣ ଆରତୀ ଏଠାକାର ଅନ୍ୟତମ ଆକର୍ଷଣ । ଏଠାରେ ପଣ୍ଡାଲରେ ଶତାଧିକ ଭକ୍ତଙ୍କର ଭିଡ ଜମିଥାଏ ।



**ମେଷ:** ପ୍ରୀତି ହାନି, ନୂତନ କାର୍ଯ୍ୟରେ ସମସ୍ୟା, ପାରିବାରିକ ଖୁସି, ବନ୍ଧୁ ଲାଭ, ସ୍ୱାଦିଷ୍ଟ ଭୋଜନ, ଭ୍ରମଣ ଖୁସି, ସମ୍ପତ୍ତି ବିବାଦ, କର୍ମକ୍ଷେତ୍ରରେ ସମସ୍ୟା, ସନ୍ତାନ ଲାଭ, ବ୍ୟବସାୟରେ ସଫଳତା। ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ।

**ବୃଷ:** ଯାତ୍ରାରେ କଷ୍ଟ, ବନ୍ଧୁ ସହଯୋଗ, ଅର୍ଥ କଷ୍ଟ, ଦ୍ରବ୍ୟ ପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ପାରିବାରିକ ସହଯୋଗ, ସମ୍ମାନ ଲାଭ, ପୁରାତନ ବିବାଦ, ସନ୍ତାନ ସମସ୍ୟା। କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା- ଶଙ୍କର ଭଗବାନ।

**ମିଥୁନ:** କାର୍ଯ୍ୟରେ ସଫଳ, ସମ୍ପତ୍ତି ଲାଭ, ଶୁଭ ଖବର, ପାରିବାରିକ ସହଯୋଗ, ଦେବଦର୍ଶନ, ଶାରୀରିକ ସୁସ୍ଥ, କର୍ମକ୍ଷେତ୍ରରେ ସଫଳ, ବ୍ୟବସାୟିକ ଲାଭ, ବନ୍ଧୁ ଦର୍ଶନ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ହନୁମାନ।

**କର୍କଟ:** ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ବ୍ୟବସାୟରେ ସନ୍ତୋଷ, ନୂତନ କର୍ମାରମ୍ଭ, ପାରିବାରିକ ଖୁସି, ଅନୁଷ୍ଠାନରୁ ଲାଭ, ଶତ୍ରୁ ସମସ୍ୟା, ଦାମ୍ପତ୍ୟ ଖୁସି, ବ୍ୟକ୍ତି ସାହାଯ୍ୟ, ମାନସିକ ଅବସାଦ। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା- ମା' ଭୁବନେଶ୍ୱରୀ।

**ସିଂହ:** ସୁସମାଚାର, ମାନସିକ ଶାନ୍ତି, ସମ୍ମାନ ପ୍ରାପ୍ତି, ଲୋକସମ୍ପର୍କରେ ଉନ୍ନତି, ଦେବଦର୍ଶନ, ଶାରୀରିକ ସୁସ୍ଥ, କର୍ମକ୍ଷେତ୍ରରେ ସମ୍ମାନ, ବିଦ୍ୟାରେ ସଫଳ, ଅନୁଷ୍ଠାନରୁ ଲାଭ। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା- ମା' ଦକ୍ଷିଣକାଳୀ।

**କନ୍ୟା:** ଅଯଥା ଖର୍ଚ୍ଚ, ଶତ୍ରୁ ସମସ୍ୟା, ଭ୍ରମଣ କଷ୍ଟ, ଭ୍ରାତୃ ସ୍ନେହ, ପାରିବାରିକ ସହଯୋଗ, ତୀର୍ଥ ଯାତ୍ରା, କିଛି କାର୍ଯ୍ୟରେ ବିବାଦ, କଚେରୀ ମାମଲା, ଦାମ୍ପତ୍ୟ ଖୁସି, ଚୋରି ଭୟ। ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା- ମା' ଭଗବତୀ।

**ତୁଳା:** ଭ୍ରମଣ ସୁଖ, ଖୁସି ଖବର, ଦାମ୍ପତ୍ୟ ସୁଖ, ସମ୍ମାନ ଲାଭ, ସମ୍ପତ୍ତି ବିବାଦ, ପାରିବାରିକ ଖୁସି, ସ୍ୱାଦିଷ୍ଟ ଭୋଜନ, ଉଚ୍ଚ ଆଶା ସଫଳ, ଦେବ ଦର୍ଶନ, ବିଦ୍ୟାରେ ସଫଳ, ପଡ଼ିଶା ଗଣ୍ଡଗୋଳ। ସ୍ୱାତି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୯, ଆରାଧନା- ମା' ପାର୍ବତୀ।

**ବିଛା:** ଖୁସି ଖବର,ବ୍ୟବସାୟରେ ଲାଭ, ବ୍ୟକ୍ତି ସାହାଯ୍ୟ, ଅର୍ଥ ପ୍ରାପ୍ତି, ଶରୀର ସୁସ୍ଥ, ପରିବାର ସହ ମନାନ୍ତର, କର୍ମକ୍ଷେତ୍ରରେ ଶୁଭଖବର, ସମ୍ମାନ ବୃଦ୍ଧି, ଶତ୍ରୁ ବୃଦ୍ଧି, ଦାମ୍ପତ୍ୟ ଖୁସି, ସନ୍ତାନ ଲାଭ। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** କାର୍ଯ୍ୟରେ ବାଧା, ଦ୍ରବ୍ୟ ନଷ୍ଟ, ବନ୍ଧୁ ସହଯୋଗ, ଅର୍ଥ ସମସ୍ୟା, ଅନୁଷ୍ଠାନରୁ ଲାଭ, ସନ୍ତାନ ସମସ୍ୟା, ଦୂରଯାତ୍ରା ସଫଳ, ପାରିବାରିକ ବିରୋଧ, ଅପମାନ ଯୋଗ, ଶତ୍ରୁ ସମସ୍ୟା, ସମ୍ପତ୍ତି ଲାଭ। ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଗୁରୁଜନଙ୍କ ସେବା।

**ମକର:** ଯାତ୍ରାରେ ସତର୍କ, ତୀର୍ଥ ଯାତ୍ରା ସଫଳ, ବନ୍ଧୁ ଦର୍ଶନ, ଶତ୍ରୁ ସମସ୍ୟା, ବ୍ୟୟ ବୃଦ୍ଧି, ଲୋକସମ୍ପର୍କ ଖୁସି। ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୬, ଆରାଧନା- ଗ୍ରାମଦେବତୀ।

**କୁମ୍ଭ:** ସମ୍ପର୍କରେ ଉନ୍ନତି, ବ୍ୟବସାୟିକ ଲାଭ, ଶୁଭ ଖବର, ଶରୀର ସୁସ୍ଥ, ଦୂର ଯାତ୍ରା, ଦାମ୍ପତ୍ୟ ଖୁସି, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ଉଚ୍ଚ ଆଶାରେ ଲାଭ, ବାନ୍ଧବୀ ଲାଭ, ସନ୍ତାନ ଖୁସି ଗୃହେ ଶୁଭ ଆଲୋଚନା। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୯, ଆରାଧନା- ମା' ବଗଳାମୁଖୀ।

**ମୀନ:** ଦ୍ରବ୍ୟ ଲାଭ, ଗୃହେ ସହଯୋଗ, ଶରୀର ସୁସ୍ଥ, ଦେବଦର୍ଶନ, ନୂତନ କାର୍ଯ୍ୟ ଆରମ୍ଭ, ସମ୍ମାନ ଲାଭ, ଦୂର ଯାତ୍ରା ସଫଳ, ବିଦ୍ୱାନ ବ୍ୟକ୍ତିଙ୍କ ସାହାଯ୍ୟ, ଗୃହଜଞ୍ଜାଳ ବୃଦ୍ଧି, ଶୁଭ ଖବର, ଦାମ୍ପତ୍ୟ କଳହ। ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଗୌରୀ।

ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀ
୧୪.୯.୨୦୨୬, ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତରୁ ଫେରିବା ପରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

### ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ପରିଦର୍ଶନ କଲେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି

## ଆଦିବାସୀଙ୍କ ସଂଗ୍ରାମ, ବୀରତ୍ୱ ଓ ବଳିଦାନର ଗାଥା ବଖାଣୁଛି ସଂଗ୍ରହାଳୟ

ଭୁବନେଶ୍ୱର, (ସବ୍ୟୁ): ଛତିଶଗଡ଼ର ଆଦିବାସୀ ଐତିହ୍ୟ, ସଂଗ୍ରାମ ଓ ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀ ସମୁଦାୟର ଅବଦାନକୁ ନିକଟରୁ ଜାଣିବାର ସୁଯୋଗ ପାଇଛନ୍ତି ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନେ। ପ୍ରେସ୍ ଇନ୍‌ଫର୍ମେସନ୍ ବ୍ୟୁରୋ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଆନ୍ତଃରାଜ୍ୟ ମିଡିଆ ଏକ୍ସପୋଜର ଟୁର୍‌ର ପ୍ରଥମ ଦିନରେ ସାମ୍ବାଦିକମାନେ ନୂଆ ରାୟପୁରସ୍ଥିତ ଶହୀଦ ବୀର ନାରାୟଣ ସିଂହ ସ୍ମାରକ ଓ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ସଂଗ୍ରହାଳୟର ୧୬ଟି ଗ୍ୟାଲେରୀ ବୁଲି ଗଣମାଧ୍ୟମ ପ୍ରତିନିଧିମାନେ ଆଦିବାସୀ ସମୁଦାୟର ବୀରତ୍ୱ, ବଳିଦାନ ଓ ଔପନିବେଶିକ ଶାସନ ବିରୋଧୀ ସଂଗ୍ରାମ ସମ୍ପର୍କରେ ଅବଗତ ହୋଇଥିଲେ। ମୂର୍ତ୍ତି, ଡିଜିଟାଲ୍ ଇନ୍‌ଷ୍ଟଲେସନ୍, ଐତିହାସିକ ବିବରଣୀ ଓ ଇଣ୍ଟରଆକ୍ଟିଭ୍ ପ୍ରଦର୍ଶନୀ ମାଧ୍ୟମରେ ଆଦିବାସୀ ସଂଗ୍ରାମର ବିଭିନ୍ନ ଦିଗକୁ ଉପସ୍ଥାପନ କରାଯାଇଛି। ସଂଗ୍ରହାଳୟରେ ହାଲ୍‌ବା କ୍ରାନ୍ତି, ସରଗୁଜା କ୍ରାନ୍ତି, ପରଲକୋଟ



କ୍ରାନ୍ତି, ଭୋପାଳପଟ୍ଟନମ୍ କ୍ରାନ୍ତି, ମୁରିଆ କ୍ରାନ୍ତି ଓ ଭୂମକାଲ୍ କ୍ରାନ୍ତି ଭଳି ବିଭିନ୍ନ ଆଦିବାସୀ ଆନ୍ଦୋଳନର ଇତିହାସକୁ ସ୍ଥାନ ଦିଆଯାଇଛି। ଛତିଶଗଡ଼ର ପ୍ରମୁଖ ଆଦିବାସୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ଶହୀଦ ବୀର ନାରାୟଣ ସିଂହଙ୍କ ଜୀବନ ଓ ବଳିଦାନ ମଧ୍ୟ ଏହାର ଏକ ପ୍ରମୁଖ ଆକର୍ଷଣ। ଏହାସହ ଆଦିବାସୀ ସମୁଦାୟର ଝଣ୍ଡା ସତ୍ୟାଗ୍ରହ ଓ ଜଙ୍ଗଲ ସତ୍ୟାଗ୍ରହ ଭଳି ବ୍ୟାପକ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ ସମ୍ପର୍କରେ ମଧ୍ୟ ସାମ୍ବାଦିକମାନେ ଜାଣିଥିଲେ। ଔପନିବେଶିକ ଶୋଷଣ ଓ ଅତ୍ୟାଚାର ବିରୋଧରେ ନିଜ ଜମି, ସଂସ୍କୃତି ଓ ସମ୍ମାନର ସୁରକ୍ଷା ପାଇଁ ଆଦିବାସୀଙ୍କ ଦୃଢ଼ ପ୍ରତିରୋଧକୁ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ଦର୍ଶାଯାଇଛି।

ଟ୍ରାଇବାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଟିଆର୍‌ଟିଆଇ)ର ସହକାରୀ ନିର୍ଦ୍ଦେଶକ ଡ. ଅନିଲ ବିରୁଲକର ସାମ୍ବାଦିକମାନଙ୍କୁ ସଂଗ୍ରହାଳୟର ବିଭିନ୍ନ ପ୍ରଦର୍ଶନୀ, ଐତିହାସିକ ଘଟଣା ଓ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ଐତିହ୍ୟ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ଏହି ପରିଦର୍ଶନ ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧିମାନେ ଛତିଶଗଡ଼ର ଆଦିବାସୀ ଐତିହ୍ୟ ଓ ପ୍ରତିରୋଧର ଇତିହାସକୁ ପାରମ୍ପରିକ ଦୃଷ୍ଟିକୋଣରୁ ଆଗକୁ ଯାଇ ଜାଣିବାର ସୁଯୋଗ ପାଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସମୁଦାୟର ଅବଦାନକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାରେ ଏହି ସଂଗ୍ରହାଳୟ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ଉଭା ହୋଇଛି।

### ପୋଖରୀରେ ବୁଡି ଛାତ୍ର ମୃତ

ବୋଲଗଡ଼, (ସବ୍ୟୁ): ପ୍ରତିରକ୍ଷା କିମ୍ବା ପୋଲିସ ବିଭାଗରେ ଚାକିରି କରିବାପାଇଁ ଲକ୍ଷ ରଖି ଏବେଠାରୁ ଛାତ୍ର ବୟସରେ ପାଣିରେ ପହଁରି ଅଭ୍ୟାସ କରିବା ମହାଙ୍ଗା ପଡିଲା ଜଣେ ସ୍କୁଲ ଛାତ୍ରକୁ । ସେ ହେଲେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ଜାମ୍ବୁ ସାହି ଗ୍ରାମର ନିରୋଜ ଖାଁ (୧୪) । ସେ ଦେଉଳି ସରକାରୀ ଉଚ୍ଚବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର । ଶନିବାର ଦିନ ଗାଁ ମୁଣ୍ଡପୋଖରୀରେ ପହଁରା ଅଭ୍ୟାସ କରୁଥିଲା ବେଳେ ବୁଡ଼ିଯାଇ ପ୍ରାଣ ହରାଇଥିଲେ । ଖବର ପାଇ ବେଗୁନିଆ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଶବ ଉଦ୍ଧାର କରିଥିଲେ । ବେଗୁନିଆ ଥାନ ପୋଲିସ ଏସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏହି ଘଟଣାକୁ ନେଇ ସ୍କୁଲ ଓ ଗ୍ରାମରେ ଶୋକାକୁଳ ଅବସ୍ଥା ସୃଷ୍ଟି ହୋଇଛି ।

### ଆନ୍ତଃଜିଲ୍ଲା ଚେନ୍ ଲୁଟେରା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍: ୩ ଗିରଫ

## ୩.୧୦ ଲକ୍ଷ ଟଙ୍କା, ସୁନା ଚେନ୍ ସହ ବହୁ ଅଳଙ୍କାର ଓ ୯ ମୋବାଇଲ ଜବତ

ପୁରୀ, (ସବ୍ୟୁ): ପୁରୀ, ଭୁବନେଶ୍ୱର ଓ ଖୋର୍ଦ୍ଧା ଅଞ୍ଚଳରେ ସକ୍ରିୟ ଥିବା ଏକ ଆନ୍ତଃଜିଲ୍ଲା ଚେନ୍ ଲୁଟେରା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିଛି ପୁରୀ ପୁଲିସ । ଚନ୍ଦନପୁର ଥନାରେ ରୁଜୁ ହୋଇଥିବା ଏକ ମାମଲାର ତଦନ୍ତ ବେଳେ ପୁଲିସ ୩ ଜଣଙ୍କୁ ଗିରଫ କରିଥିବା କହିଛନ୍ତି ପୁରୀ ଏସ୍ପି। ଗିରଫ ଅଭିଯୁକ୍ତମାନେ ହେଲେ ବାଇନା ଓରଫ ପ୍ରଦୀପ ମଲ୍ଲା (୨୪), ସାପନ ଓରଫ ପଦ୍ମନାଭ ପରିଡ଼ା (୪୭) ଏବଂ ବାବୁଲୁ ଓରଫ ଏସ୍.କେ. ଲିଆକତ (୩୦)। ସେମାନେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଞ୍ଚଳର ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏହି ଗ୍ୟାଙ୍ଗ ସହ ସମ୍ପୃକ୍ତ ଅନ୍ୟ ୩ ଜଣ ରିସିଭର୍‌ଙ୍କ ସମ୍ପର୍କରେ ମଧ୍ୟ ତଦନ୍ତ ଚାଲିଛି। ପୁଲିସ ସେମାନଙ୍କ ନିକଟରୁ ନଗଦ ୩.୧୦ ଲକ୍ଷ ଟଙ୍କା, ସୁନା ଚେନ୍, ସୁନା ବ୍ରେସ୍‌ଲେଟ୍, ସୁନା କାନଫୁଲ, ସୁନା ଲକେଟ୍ ଏବଂ ୯ଟି ମୋବାଇଲ ଫୋନ୍ ଜବତ କରିଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଅଭିଯୁକ୍ତମାନେ ମୋଟର ସାଇକେଲରେ ବିଭିନ୍ନ ଅଞ୍ଚଳରେ ବୁଲି ମହିଳାମାନଙ୍କୁ ଟାର୍ଗେଟ୍ ଚିହ୍ନଟ କରୁଥିଲେ । ସୁଯୋଗ ପାଇଲେ ମହିଳାମାନଙ୍କ ବେକରୁ ସୁନା ଚେନ୍ କିମ୍ବା ହାତରୁ ଭ୍ୟାନିଟି ବ୍ୟାଗ୍ ଝାମ୍ପି ନେଇ ମୋଟର ସାଇକେଲରେ ଦ୍ରୁତ ଗତିରେ ଫେରାର ହୋଇ ଯାଉଥିଲେ । ଏହି ଗ୍ୟାଙ୍ଗ ପୁରୀ, ଭୁବନେଶ୍ୱର ଓ ଖୋର୍ଦ୍ଧାର ବିଭିନ୍ନ ଥାନା ଅଞ୍ଚଳରେ



ଏପରି ଅପରାଧ ଘଟାଇଥିବା ସନ୍ଦେହ କରୁଛି ପୁଲିସ।

ଗିରଫ ଅଭିଯୁକ୍ତଙ୍କ ସମ୍ପୃକ୍ତି ଚନ୍ଦନପୁର, କାକଟପୁର, ସଦର, ପୁରୀ ସଦର, କୁମ୍ଭାରପଡ଼ା, ନିମାପଡ଼ା, ସତ୍ୟବାଦୀ ଓ ପିପିଲି ଥାନାରେ ରୁଜୁ ହୋଇଥିବା ମୋଟ ୧୫ଟି ମାମଲା ସହ ଥିବା ନେଇ ପୁଲିସ ତଦନ୍ତ କରୁଛି। ପୁଲିସର ସୂଚନା ଅନୁଯାୟୀ, ଚନ୍ଦନପୁର ଥାନାର ୭୯ ଓ ୮୫ ନମ୍ବର ମାମଲା, କାକଟପୁର ଥାନାର ୨୮୫ ନମ୍ବର, ସଦର ଥାନାର ୨୨୭, ୩୧୬, ୧୨୭ ଓ ୨୬୦ ନମ୍ବର, ପୁରୀ ସଦର ଥାନାର ୩୨୮ ନମ୍ବର, କୁମ୍ଭାରପଡ଼ା ଥାନାର ୩୯୬/୨୬ ନମ୍ବର, ନିମାପଡ଼ା ଥାନାର ୧୦୪/୨୬ ନମ୍ବର, ସତ୍ୟବାଦୀ ଥାନାର ୩୩୭/୨୬, ୧୩୭/୨୬, ୪୪/୨୬ ଓ ୩୮୪/୨୫ ନମ୍ବର ଏବଂ ପିପିଲି ଥାନାର ୭୨/୨୬ ନମ୍ବର ମାମଲାରେ ସେମାନଙ୍କ ସମ୍ପୃକ୍ତି ଯାଞ୍ଚ ହେଉଛି। ଅଭିଯୁକ୍ତମାନଙ୍କଠାରୁ ଜବତ ଅଳଙ୍କାର ଓ ଅନ୍ୟ ସାମଗ୍ରୀ କେଉଁ କେଉଁ ମାମଲା ସହ ସମ୍ପୃକ୍ତ, ତାହାର ଯାଞ୍ଚ ସହ ଗ୍ୟାଙ୍ଗ୍‌ର ସମ୍ପୂର୍ଣ୍ଣ ଅପରାଧିକ ନେଟୱର୍କ, ପୂର୍ବ ଅପରାଧରେ ସମ୍ପୃକ୍ତି ଓ ଅନ୍ୟ ସହଯୋଗୀଙ୍କ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।

### ସିଡିଏ ସେକ୍ଟର-୧୩ ବସ୍ତିରେ ଚାଞ୍ଚଲ୍ୟ

## ମହିଳାଙ୍କୁ ପଥରରେ ଛେଚି ହତ୍ୟା, ସନ୍ଦିଗ୍ଧ ଯୁବକ ଅଟକ

କଟକ, (ସବ୍ୟୁ) : ସିଡିଏ ସେକ୍ଟର ୧୩ ନମ୍ବର୍ ବସ୍ତିରେ ନିର୍ମମ ହତ୍ୟାକାଣ୍ଡ ଘଟିଯାଇଛି । ଜଣେ ମହିଳାଙ୍କୁ ପଥରରେ ଛେଚି ବିଭତ୍ସ ଭାବେ ହତ୍ୟା କରାଯାଇଛି । ବସ୍ତିବାସୀ ନିଜ ନିଜ କାମରେ ବ୍ୟସ୍ତ ଥିବା ବେଳେ ଏହି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି । ମୃତ ମହିଳା ଜଣଙ୍କ ହେଲେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳର ଫୁଲ କୁମାରୀ । ସେ ଦୀର୍ଘ ଦିନ ହେବ କଟକ ସିଡିଏ ସେକ୍ଟର ୧୨ ଅଞ୍ଚଳରେ ଏକ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରି ନିଜର ତଥା ପରିବାର ପ୍ରତିପୋଷଣ କରିଆସୁଥିଲେ । ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ପରିବାର ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ଘଟଣାସ୍ଥଳରେ ମର୍କତନଗର ଓ ଫେଜ୍-୨ ଥାନା ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହିତ ଶବକୁ ଏସ୍‌ସିବି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଯଦିଓ ପ୍ରକୃତ ହତ୍ୟାକାରୀ ବିଷୟରେ ପୁଲିସ ସୂଚନା ଦେଇନାହିଁ, ଜଣେ ସନ୍ଦିଗ୍ଧ ଯୁବକଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି ।

ପୁଲିସ ସୂଚନା ଅନୁସାରେ, ଆଜି ମଧ୍ୟାହ୍ନରେ ସେକ୍ଟର ୧୩ ବସ୍ତିରେ ଫୁଲଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଘଟଣା ସମ୍ପର୍କରେ ସର୍ବପ୍ରଥମେ ଫୁଲଙ୍କ ଝିଅ ଜାଣିବାକୁ ପାଇଥିଲେ । ଝିଅଟି ନିଜ ମା'ଙ୍କ ରକ୍ତାକ୍ତ ଅବସ୍ଥା ଦେଖି ଭୟଭୀତ ହୋଇପଡ଼ିଥିଲା ଏବଂ ସଙ୍ଗେ ସଙ୍ଗେ ସେ ନିଜ ପରିବାରର ଅନ୍ୟ ଲୋକଙ୍କୁ ଏ ସମ୍ପର୍କରେ ଖବର ଦେଇଥିଲା । ଖବର ପାଇ ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିର୍ଜନ ସ୍ଥାନରେ ଫୁଲଙ୍କ ବିଭତ୍ସ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ । ଏହାପରେ ସେମାନେ ପୁଲିସକୁ ଏ ବିଷୟରେ ଅବଗତ କରାଇଥିଲେ । ଖବର ପାଇବା ପରେ ମର୍କତନଗର ଥାନା ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା । ଏହା ସହିତ ଘଟଣାକୁ ଦୃଷ୍ଟିରେ ରଖି ଏକ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ଛାନଭିନ୍ କରିଥିଲା । ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ପ୍ରକାରର ନମୁନା, ହତ୍ୟାରେ ବ୍ୟବହୃତ ପଥର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିଛନ୍ତି । ପୁଲିସ ମୃତଦେହକୁ ନିଜ ଜବତକୁ ନେଇ ବ୍ୟବଚ୍ଛେଦ ପାଇଁ ମେଡ଼ିକାଲ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି । ପୁଲିସ ପକ୍ଷରୁ ସେହି ଅଞ୍ଚଳରେ ଥିବା ଆଖପାଖ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଉଛି ।

ଏହି ହତ୍ୟାକାଣ୍ଡ ଘଟଣାରେ ସିଡିଏ ସେକ୍ଟର ୧୨ ବସ୍ତିରେ ରହୁଥିବା ଜଣେ ଯୁବକଙ୍କ ସଂପୃକ୍ତି ଥିବା ନେଇ ପୁଲିସ ସନ୍ଦେହ କରୁଛି । ଘଟଣା ପରେ ପୁଲିସ ତୁରନ୍ତ ପଦକ୍ଷେପ ନେଇ ଉକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ନେଇ ଜୋନ୍-୩ ଏସିପି ଅନନ୍ୟା ଅଗ୍ନିହୋତ୍ରି ସୂଚନା ଦେଇଛନ୍ତି । ପୁଲିସର ପ୍ରାଥମିକ ଜେରାରୁ ହତ୍ୟାକାଣ୍ଡର କିଛି ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିବା କୁହାଯାଉଛି, ମାତ୍ର ତଦନ୍ତ ଦୃଷ୍ଟିରୁ ପୁଲିସ ଅଧିକ ତଥ୍ୟ ପ୍ରକାଶ କରିନାହିଁ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଆଜି ଫୁଲ ଏବଂ ଅଟକ ଥିବା ଯୁବକଙ୍କୁ ଏକା ସାଙ୍ଗରେ ବୁଲୁଥିବାର ଦେଖିବାକୁ ମିଳିଥିଲା । ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ କଥାକଟାକଟି ହୋଇଥିଲା । ଏପରିକି ଯେଉଁ ଘରେ ହତ୍ୟାକାଣ୍ଡ ଘଟିଛି, ସେହି ଘରର ପାଲ ଚିରି ଦୁହେଁ ଭିତରକୁ ପଶିଥିବା ସ୍ଥାନୀୟ ଲୋକେ ଦେଖିଥିବା ପ୍ରକାଶ କରିଛନ୍ତି । ଏଥିରୁ ଅନୁମାନ କରାଯାଉଛି ଯେ, ଘର ଭିତରେ କୌଣସି ବିବାଦ ସୃଷ୍ଟି ହେବା ପରେ ଏହି ନିର୍ମମ ହତ୍ୟାକାଣ୍ଡ ଘଟାଯାଇଛି । ଅନ୍ୟପଟେ ହତ୍ୟାକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇନଥିଲେ ବି ପ୍ରେମ ସମ୍ପର୍କ, ପୂର୍ବ ଶତ୍ରୁତା, ଟଙ୍କାପଇସା କାରବାର କିମ୍ବା କୌଣସି ବ୍ୟକ୍ତିଗତ ବିବାଦରୁ ଏହି କାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି । ଅଟକ ଯୁବକଙ୍କୁ ପୁଲିସ ଜେରା କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏବଂ ସାଇଣ୍ଟିଫିକ୍ ରିପୋର୍ଟ ମିଳିବା ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ସତ୍ୟାସତ୍ୟ ସମ୍ପୂର୍ଣ୍ଣ ପର୍ଦ୍ଦାଫାସ୍ ହେବ ବୋଲି ବରିଷ୍ଠ ପୁଲିସ ଅଧିକାରୀମାନେ ପ୍ରକାଶ କରିଛନ୍ତି ।

## ବାଲି ବୋଝେଇ ଦୁଇ ହାଇୱା ଜବତ; ଦୁଇ ଗିରଫ



ଖୋର୍ଦ୍ଧା, (ସବ୍ୟୁ): ଗଡ଼ଖୋର୍ଦ୍ଧା ନିକଟରେ ବେଆଇନ୍‌ଭାବେ ବାଲି ବୋଝେଇ ଯାଉଥିବା ଦୁଇଟି ହାଇୱାକୁ ପୁଲିସ ଜବତ କରିଛି । ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲ୍ଲା ପିପିଲି ଗୋବିନ୍ଦପୁର ଗ୍ରାମର ବିଜୟ ପ୍ରଧାନ ଏବଂ ଡେଲାଙ୍ଗ ମୁନିଡା ଗ୍ରାମର ପ୍ରକାଶ ଚନ୍ଦ୍ର ସ୍ୱାଇଁ। ଓଡି-୧୩-ୟୁ-୨୩୦୦ ଏବଂ ଓଡି-୦୨-ସିଜେ -୨୩୯ ୯ ନଂ ବିଶିଷ୍ଟ ଦୁଇଟି ହାଇୱା ଗାଡିରେ ବେଆଇନ୍‌ଭାବେ ବାଲି ବୋଝେଇ ହୋଇ ପୁରୀ ଅଭିମୁଖେ ଯାଉଥିବାବେଳେ ଗଡ଼ଖୋର୍ଦ୍ଧା ନିକଟରେ ଶିଳ୍ପାଂଚଳ ପୁଲିସ ଗାଡି ଦୁଇଟି କୁ ଅଟକାଇ ଯାଂଚ କରିଥିଲା । ଯାଂଚ ସମୟରେ କୌଣସି ବୈଧ କାଗଜ ପତ୍ର ଦେଖାଇ ପାରିନଥିବାରୁ ପୁଲିସ ବାଲି ଚୋରା ପରିବହନ ଅଭିଯୋଗରେ ଗାଡି ଦୁଇଟି କୁ ଜବତ୍ କରିବା ସହ ଡ୍ରାଇଭର ଦୁଇଜଣଙ୍କୁ ଗିରଫ କରିଛି । ଏନେଇ ପୁଲିସ ୨୯୦/୨୬ ଓ ୨୯୧/୨୬ରେ ଦୁଇଟି ପୃଥକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି ।

## ୩୦ ଗ୍ରାମ ବ୍ରାଉନସୁଗର ଜବତ : ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଆଦର୍ଶ ଥାନା ପୁଲିସ ଶନିବାର ରାତିରେ ଚଢ଼ଉ କରି ଜଣେ ନିଶା ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ତରତୁଆ ଗ୍ରାମ ର କଲିମ ଖାନ ଓରଫ ରାଜୁ (୨୮) । ତା'ଠାରୁ ୩୦ ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି। ଜବତ ବ୍ରାଉନ୍‌ସୁଗର ର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଆଇଟିବିପି ନିକଟ ଫୁଟବଲ ପଡ଼ିଆରେ ବ୍ରାଉନସୁଗର କାରବାର ହେ ଉଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ବେପାରୀ କୁ ଧରିବାକୁ ଏସ୍‌ପି ପରମାରସ୍ମିଥ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ ଓ ଆଦର୍ଶ ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଥିଲା। ଏହି ଟିମ୍ ପୂର୍ବ ଯୋଜନା ମୁତାବକ



ଶନିବାର ସନ୍ଧ୍ୟାରେ ତରତୁଆସ୍ଥିତ ଆଇଟିବିପି ନିକଟ ଫୁଟବଲ ପଡ଼ିଆରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ତରତୁଆ ର ରାଜୁ କୁ ପୁଲିସ ଗିରଫ କରିଥିଲା। ସେ ବ୍ରାଉନ୍‌ସୁଗର କୁ ଛୋଟ ଛୋଟ ପ୍ୟାକେଟ୍ ରେ ବିଭକ୍ତ କରୁଥିବା ବେଳେ ଧରାପଡ଼ିଥିବା ପୁଲିସ ସୂଚନା ଦେଇଛି। ତା' ନିକଟରୁ ୩୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ଏନେଇ ଆଦର୍ଶ ଥାନାରେ କେସ୍ ନଂ-୫୬୫/୨୬ରେ ଏନ୍‌ଡିପିଏସ୍ ଆଇନର ଧାରା ୨୧(ବି) ଅନୁଯାୟୀ ମାମଲା ରୁଜୁ ହୋଇଥିବାବେଳେ ଗିରଫ ରାଜୁ କୁ ପୁଲିସ କୋର୍ଟ ଚାଲାଣ କରିଛି।

## ଏଥର ଭୁବନେଶ୍ୱର ବାଲିଯାତ୍ରାରେ ୧୫୦୦ ଷ୍ଟଲ୍

ବାରଙ୍ଗ ,(ସବ୍ୟୁ): ରବିବାର ଦିନ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକ ପଟିଆ ନିକଟସ୍ଥ ଏକ ଘରୋଇ ମଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି ।ମହୋତ୍ସବ କମିଟିର ସଭାପତି ତଥା ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେବିଜେପି ନେତା ଗୋଲେଖ ମହାପାତ୍ର,ମେୟର ସୁଲଚନା ଦାସ,ମହୋତ୍ସବ କମିଟି ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର,ତପନ ବଳିଆରସିଂ,ପ୍ରତାପ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ସାଧାରଣ ଲୋକଙ୍କ ପସନ୍ଦ ସାଜିଥିବା ଭୁବନେଶ୍ୱର ବାଲିଯାତ୍ରାକୁ ଚଳିତ ବର୍ଷ ଆହୁରି ଆକର୍ଷଣୀୟ ଓ ମନୋରମ କରିବା ପାଇଁ କହିଥିଲେ ।ଏଥର ବାଲିଯାତ୍ରାରେ ଷ୍ଟଲ ସଂଖ୍ୟା ବଢ଼ିବାକୁ ଯାଉଛି ।ପ୍ରାୟ୧୫୦୦ଷ୍ଟଲ ଏଥର ପଡ଼ିବ ।ଆସୁଥିବା ଲୋକମାନଙ୍କୁ ସେମାନଙ୍କ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ ମହୋତ୍ସବ କମିଟି ପକ୍ଷରୁ ପ୍ରାଥମିକତା ଦିଆଯାଇଛି ।ଖାଦ୍ୟ,ପାନୀୟ ଜଳ,ପ୍ରାଥମିକ ଚିକିତ୍ସା,ପର୍ଯ୍ୟାପ୍ତ ପରିମାଣର ପାର୍କିଂ ସୁବିଧା,ଆଇନ ଶୃଙ୍ଖଳା ଦୃଷ୍ଟିରୁ ବ୍ୟାପକ ପୋଲିସ ଫୋର୍ସ ଓ ଅଧିକ ପରିମାଣର ସ୍ଥାନୀୟ ଯୁବକମାନଙ୍କୁ ସ୍ୱେଚ୍ଛାସେବୀ ନିଯୁକ୍ତି ପ୍ରତି ଗୁରୁତ୍ୱ ଦିଆଯାଇଛି ।ରାଜ୍ୟର ନାମୀଦାମୀ କଳାକାରମାନଙ୍କୁ ନେଇ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ,ଏହାସହ ରାଜ୍ୟର ଲୋକକଳାକୁ ପ୍ରାଧାନ୍ୟ ଦିଆଯାଇ ପାଲା, ଦାସକାଠିଆ,ସଙ୍କୀର୍ତ୍ତନ ଆଦି ମଞ୍ଚ ପରିବେଷଣ ପାଇଁ ଗୁରୁତ୍ୱ ଦିଆଯାଇଛି ବୋଲି ବିଧାୟକ ରାଉତ କହିଥିଲେ ।ଏହି ପ୍ରସ୍ତୁତି ବୈଠକରେ ସନ୍ତୋଷ ନାଥ, ମିହିର କୁମାର ରାଉତ,ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସମେତ ମହୋତ୍ସବକମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ସରକାରଙ୍କ ଆଶା - ସୃଷ୍ଟି ହେବ ଲକ୍ଷଲକ୍ଷ ନିଯୁକ୍ତି

ଭୁବନେଶ୍ୱର, (ତଥ୍ୟ) ଓଡ଼ିଶାର ବିଜେପି ସରକାର ପ୍ରଥମ ଦୁଇ ବର୍ଷ ଭିତରେ ମଞ୍ଜୁରୀ ଦେଇଥିବା ୪୩୩ଟି ପ୍ରକଳ୍ପ ମାଧ୍ୟମରେ ୮ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଉଥିବାବେଳେ ଏବେ ମଧ୍ୟପ୍ରାଚ୍ୟରେ ହୋଇଥିବା ନିବେଶ ସମ୍ମିଳନୀ ସଂକ୍ରାନ୍ତରେ ଯେଉଁ ତଥ୍ୟ ପ୍ରକାଶ ପାଇଛି ସେଥିରେ ଆଉ ୨,୪୩,୧୬୨ କୋଟିର ପୁଞ୍ଜି ନିବେଶ ପ୍ରସ୍ତାବ ଥିବାବେଳେ ମୋଟ ୮,୯୫,୭୨୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି।

କେବଳ ସେତିକି ନୁହେଁ, ଓଡ଼ିଶା ଦେଶର ଇସ୍ପାତ ରାଜଧାନୀରେ ପରିଣତ ହେବାକୁ ଯାଉଛି ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଏହାଛଡ଼ା କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଥିବା ୫ ହଜାର କୋଟି ଟଙ୍କା ଅନୁଦାନରେ ପାରାଦୀପ-କଟକ-ଭୁବନେଶ୍ୱର-ପୁରୀ ଅର୍ଥନୈତିକ କରିଡର୍ ନିର୍ମାଣ ହେବ ଯେଉଁଥିରେ ପାରାଦୀପ ମୁଖଶାଳା ସାଜିବ ବୋଲି ସରକାରୀ ଭାବେ କୁହାଯାଇଥିଲା।

ଏଥିସହ ଆଗାମୀ କିଛିବର୍ଷ ମଧ୍ୟରେ କେବଳ ପାରାଦୀପ ଅଞ୍ଚଳରେ ୧ଲକ୍ଷରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ପ୍ରଗତି ପ୍ରବାହ'ରେ ମଧ୍ୟ ସୂଚନା ଦିଆଯାଇଛି। ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ ବୋଲି ରାଜ୍ୟ ସରକାର ବାରମ୍ବାର ଘୋଷଣା କରିଆସୁଛନ୍ତି। ଦୁବାଇ ଓ ଆବୁଧାବିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ହୋଇଥିବା ଗ୍ରାଣ୍ଡ ରୋଡ୍ ଶୋ'ରେ ଶହଶହ ଉଦ୍ୟୋଗୀ ନିବେଶକ ଓ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରତିନିଧି ସାମିଲ ହୋଇଥିବାବେଳେ ଅନେକ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ଓଡ଼ିଶାରେ ଆସି ପୁଞ୍ଜି ଖଟାଇବେ ବୋଲି ପ୍ରତିଶ୍ରୁତି ମିଳିଥିବା କୁହାଯାଉଛି। କେବଳ ଆଦାନୀ-ଆଇଏଚ୍‌ସି ଗ୍ରୁପ୍ ଏହି ଅବସରରେ ମିଳିତ ଭାବେ ଓଡ଼ିଶା ସରକାରଙ୍କ ସହିତ ୧୪ଟି ପ୍ରକଳ୍ପ ପାଇଁ ବୁଝାମଣା ପତ୍ର କରିଛନ୍ତି, ଯେଉଁଥିରେ ୨ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶର ପ୍ରସ୍ତାବ ଥିବା କୁହାଯାଉଛି।

ବିଶେଷକରି ଖଣିଜ ସଂପଦକୁ ଆଧାର କରି ଅନେକ କାରଖାନା ଓଡ଼ିଶାରେ ପ୍ରତିଷ୍ଠା କରାଯିବାର ସମ୍ଭାବନା ରହିଛି। ଏହାଛଡ଼ା ସାର ଓ ରସାୟନ, ଜାହାଜ ମରାମତି, ଇସ୍ପାତ, ଅକ୍ଷୟଶକ୍ତି, ବିରଳ ଖଣିଜ, ଶିଳ୍ପ ଭିତ୍ତିଭୂମି, ପର୍ଯ୍ୟଟନ, ପେଟ୍ରୋ କେମିକାଲ୍ସ, ସ୍ୱାସ୍ଥ୍ୟସେବା, ହାଉସିଂ ପ୍ରକଳ୍ପ ଆଦି କ୍ଷେତ୍ରରେ ମଧ୍ୟ ନିବେଶକମାନେ ଓଡ଼ିଶା ପ୍ରତି ଆଗ୍ରହ ପ୍ରକାଶ କରୁଥିବା କୁହାଯାଉଛି। କେବଳ ସେତିକି ନୁହେଁ, ପୂର୍ବରୁ ହାଇଦ୍ରାବାଦ୍, କୋଲକାତା ଓ ଗୁଜରାଟରେ ହୋଇଥିବା ନିବେଶକ ସମ୍ମିଳନୀରେ ୨ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଓଡ଼ିଶା ପାଇଥିବା ସରକାରୀ ସୂତ୍ରରୁ ପ୍ରକାଶ।

ରାଜ୍ୟରେ ବିଜେପି ସରକାର ଗଢ଼ାଯିବାର ୨ବର୍ଷ ଭିତରେ ୧୪୮ଟି ପ୍ରକଳ୍ପର ଭୂମି ପୂଜନ ସରିଥିଲା ଓ ଏହା ମାଧ୍ୟମରେ ପ୍ରାୟ ୨ଲକ୍ଷ ୩୭ ହଜାର ଯୁବକ ଯୁବତୀ ନିଯୁକ୍ତି ପାଇସାରିଛନ୍ତି ବୋଲି ଗତ ଜୁନ୍ ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ପାରାଦୀପ, ଝାରସୁଗୁଡ଼ା ସମେତ ଢେଙ୍କାନାଳ ଓ କେନ୍ଦୁଝରରେ ଖୁବ୍‌ଶୀଘ୍ର ଇସ୍ପାତ କାରଖାନାମାନ ମୁଣ୍ଡ ଟେକିବେ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଯେଉଁ ହାରରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ ପାଉଥିବା ସରକାର କହୁଛନ୍ତି ତାହା ଅବ୍ୟାହତ ରହିଲେ ଆଗାମୀ କିଛିବର୍ଷ ମଧ୍ୟରେ ଓଡ଼ିଶା ବେକାରମୁକ୍ତ ରାଜ୍ୟରେ ପରିଣତ ହେବ ବୋଲି ବାରମ୍ବାର ନେତାମାନେ ସୂଚନା ଦେଉଛନ୍ତି। ରାଜ୍ୟର ଋଣବୋଝ ଏବେ ଦେଢ଼ ଲକ୍ଷ କୋଟି ଆଡକୁ ମୁହାଁଇଥିବାବେଳେ ବ୍ୟାପକ ପୁଞ୍ଜି ବିନିଯୋଗ ମାଧ୍ୟମରେ ଓଡ଼ିଶାର ଆର୍ଥିକ ସମୃଦ୍ଧି ଆସିପାରେ ବୋଲି ରାଜ୍ୟ ସରକାର ଆଶା ରଖିଥିବା କୁହାଯାଉଛି।


ସହିଦନଗର ସହିଦ କ୍ଲବ



ଭିଏସ୍ଏସ୍‌ନଗର ଗଡେଶ୍ୱରନାଥ



ଏମ୍ଏଲ୍ଏ କଲୋନୀ ପାସନ କ୍ଲବ

ପବିତ୍ର ଗଣନାଥଙ୍କ ପୂଜା ଉପଲକ୍ଷେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ମଣ୍ଡପ

### ସିଲ୍ ଓ କଠୋର କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଆମେ ଭୁବନେଶ୍ୱରିଆ ପକ୍ଷରୁ ଦାବି

## ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ମେୟରଙ୍କୁ ସାକ୍ଷାତ କରିବେ

ଭୁବନେଶ୍ୱର, (ସବ୍ୟୁ): ଆମେ ଭୁବନେଶ୍ୱରିଆର ଏକ ପ୍ରତିନିଧିମଣ୍ଡଳୀ ବିଜେପି ରାଜ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ (ଭୁବନେଶ୍ୱର ସେଣ୍ଟ୍ରାଲ୍) ଜଗନ୍ନାଥ ପ୍ରଧାନଙ୍କୁ ସାକ୍ଷାତ କରି ବିଏମସିର ବ୍ୟାପକ କାରଣ ଦର୍ଶାଅ ନୋଟିସ, ସିଲ୍ ଧମକ ଓ ଧ୍ୱଂସମୂଳକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ହଜାର ହଜାର ସାଧାରଣ କରଦାତା ନାଗରିକଙ୍କ ଉଦ୍‌ବେଗ ସଂପର୍କରେ ତାଙ୍କୁ ଅବଗତ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ସଂଯୋଜକ ବାସୁଦେବ ଭଟ୍ଟ। ମୁଖପାତ୍ର ଅଲତାଫ୍ ଅଲି, ସୁପ୍ରକାଶ ମିଶ୍ର, ଅନନ୍ତ ଆଚାର୍ଯ୍ୟ, ଶେଖର, ବନୋଜ କୁମାର ପ୍ରଧାନ, ଶକ୍ତି ପ୍ରସାଦ ମହାନ୍ତି, ବିଶ୍ୱଜିତ ବର୍ମା, ଲିଜାନ ପରିଡ଼ା, ରଞ୍ଜନ ସ୍ୱାଇଁ, ରାମକୃଷ୍ଣ ଦାଶ, ବିଭୂତି ଭୂଷଣ ଦାଶ, ପ୍ରଦୀପ୍ତ ମହାପାତ୍ର ଓ ଅନ୍ୟ ସଦସ୍ୟମାନେ ରହିଥିଲେ।

ପ୍ରତିନିଧିମଣ୍ଡଳୀ ଶ୍ରୀ ପ୍ରଧାନଙ୍କୁ ଜଣାଇଲେ ଯେ, ୨୦୨୬ ଜୁଲାଇ ଶେଷ ଭାଗରୁ ଜାରି ହୋଇଥିବା ନୋଟିସ ଭୁ ବିଏମସି ପତ୍ର ସଂଖ୍ୟା ୪୫୩୦୮ / ୪୫୧୦୮ ଓ ପରବର୍ତ୍ତୀ ବ୍ୟାଚ୍ ସମେତ ଭୁ ଦୀର୍ଘଦିନ ଧରି ବସବାସ କରୁଥିବା ଆବାସିକ ଘର, ଛୋଟ ଅଫିସ୍ / ହୋମ୍-ଅଫିସ୍ ଓ ଛୋଟ



ଦୋକାନକୁ ଯେପରି ବେଆଇନ ନିର୍ମାଣ ଭାବରେ ବିବେଚନା କରିଛି ତାହାକୁ ଭୁବନେଶ୍ୱରିଆ ବିରୋଧ କରିଛି । ପ୍ରଥମେ ପ୍ଲାନିଂ ଅନୁମୋଦନ, ସମୟସୀମାବଦ୍ଧ ଶୁଣାଣି ଓ ଏକ ମାନବିକ ନିୟମିତକରଣ ସୁଯୋଗ ଦିଆଯାଇନାହିଁ। ଶ୍ରୀ ଜଗନ୍ନାଥ ପ୍ରଧାନଙ୍କ ଏଥିରେ ହସ୍ତକ୍ଷେପ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ କଥାବାର୍ତ୍ତା କରି ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଏକ ସରକାରୀ ବୈଠକ ଆୟୋଜନ କରିବାକୁ ଅନୁରୋଧ କରିଛନ୍ତି, ଯାହାଦ୍ୱାରା ଆମେ ଭୁବନେଶ୍ୱରିଆର ଅଭିଯୋଗ ବ୍ୟବସ୍ଥିତ ଭାବରେ ଉପସ୍ଥାପିତ ହୋଇ ନିୟମିତକରଣ ଉପରେ ଏକ ଲିଖିତ, ସମୟସୀମାବଦ୍ଧ ନାଗରିକ ନିର୍ଦ୍ଦେଶନାମା ଜାରି ହୋଇପାରିବ।

ଶ୍ରୀ ପ୍ରଧାନ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ର କମିଶନର ଶ୍ରୀ ଚଞ୍ଚଳ ରାଣାଙ୍କ ସହିତ ମଧ୍ୟ କଥା ହୋଇ କାରଣ ଦର୍ଶାଅ / ସିଲ୍ ଅଭିଯାନର ବର୍ତ୍ତମାନ ସ୍ଥିତି ରିପୋର୍ଟ ନେଇଛନ୍ତି। ସେ ନଗର ପ୍ରଶାସନକୁ କହିଛନ୍ତି ଯେ, ପ୍ରଭାବିତ ନାଗରିକଙ୍କୁ ପ୍ରଥମେ ଶୁଣାଣିର ଅଗ୍ରାଧିକାର ଓ ଦଲିଲ ଦାଖଲ କରିବା ପାଇଁ ଯଥେଷ୍ଟ ସମୟ ନଦେଇ ଦୋକାନ ସିଲ୍ କିମ୍ବା ଭଙ୍ଗାଭଙ୍ଗୀ ପରି ପଦକ୍ଷେପ ଭଳି କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନ କରାଯାଉ। ଏହି ସିଧାସଳଖ ଯୋଗାଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କବଚ ସୃଷ୍ଟି କରିଛି, ଯାହାଦ୍ୱାରା ହଠାତ୍ ସିଲ୍ ପରିବର୍ତ୍ତେ ନ୍ୟାୟସଙ୍ଗତ ପ୍ରକ୍ରିୟାକୁ ଅଗ୍ରାଧିକାର ଦିଆଯିବ। ଏହି ପରିପ୍ରେକ୍ଷୀରେ ସଂଗଠନର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ମେୟରଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନା କରିବେ ବୋଲି ସଂଗଠନର ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ଓଇଏସ୍ ଆଲୋଚନାଚକ୍ର

## 'ସୁସ୍ଥ ପରିସଂସ୍ଥା ନିମନ୍ତେ ପରାଗସଙ୍ଗମକାରୀ ଅତ୍ୟାବଶ୍ୟକ'

ଭୁବନେଶ୍ୱର, (ସବ୍ୟୁ): ଜଙ୍ଗଲ କ୍ଷୟ, ଖଣି ଖନନ, ଶିଳ୍ପାୟନ, ପ୍ରଦୂଷଣ, କୀଟନାଶକର ଅତ୍ୟଧିକ ବ୍ୟବହାର, ସହରୀକରଣ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ନକାରାତ୍ମକ ମାନବ କାର୍ଯ୍ୟକଳାପ ଯୋଗୁଁ ପ୍ରାକୃତିକ ପରିବେଶର ଅବନତି ବୃଦ୍ଧି ପାଉଛି। ଏହାର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷତିକାରକ ପରିଣାମ ହେଉଛି ଉପକାରୀ କୀଟପତଙ୍ଗ ଏବଂ ପକ୍ଷୀମାନଙ୍କର ହ୍ରାସ, ବିଶେଷକରି ମହୁମାଛି, ପ୍ରଜାପତି, ପତଙ୍ଗ, ଭଅଁର ଏବଂ କିଛି ମାଛିଙ୍କ ପରି ପରାଗସଙ୍ଗମକାରୀଙ୍କର। ଏହି ପ୍ରାଣୀମାନେ ସୁସ୍ଥ ପରିସଂସ୍ଥା ବଜାୟ ରଖିବା ଏବଂ କୃଷି ଉତ୍ପାଦନକୁ ସମର୍ଥନ କରିବାରେ (ପ୍ରାୟତଃ ୩୫%) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। କୀଟପତଙ୍ଗମାନେ ଗୋଟିଏ ଫୁଲରୁ ଅନ୍ୟ ଫୁଲକୁ ପରାଗ ସ୍ଥାନାନ୍ତର କରନ୍ତି, ଯାହା ଫଳରେ ଗଛଗୁଡ଼ିକ ଫଳ ଏବଂ ମଞ୍ଜି ଉତ୍ପାଦନ କରିପାରନ୍ତି। ଏହି ଅବଦାନରେ କୀଟପତଙ୍ଗଙ୍କର ଭୂମିକା ୮୫% ରହିଥିଲା ବେଳେ କେବଳ ମହୁମାଛିଙ୍କର ରହିଛି ୮୦% ଓ ଫଳ, ପନିପରିବା, ବାଦାମ ଏବଂ ତୈଳବୀଜ ସମେତ ବହୁ ସଂଖ୍ୟକ ଖାଦ୍ୟ ଫସଲ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବରେ କୀଟପତଙ୍ଗ ପରାଗଣ ଉପରେ ନିର୍ଭରଶୀଳ। ତେଣୁ, ପରାଗକଙ୍କ ହ୍ରାସ ସିଧାସଳଖ ପରିବେଶ ସ୍ଥିରତା, ଖାଦ୍ୟ



ଉତ୍ପାଦନ ଏବଂ ଜୈବବିବିଧତାକୁ ପ୍ରଭାବିତ କରେ। ପରିବେଶ ଅବକ୍ଷୟକୁ ରୋକିବା ଏବଂ କୀଟପତଙ୍ଗ ଅନୁକୂଳ ବାସସ୍ଥଳୀ ସୃଷ୍ଟି କରିବା ପରାଗକମାନଙ୍କୁ ସୁରକ୍ଷା ଦେବା ଏବଂ ଏକ ସୁସ୍ଥ ଓ ସ୍ଥାୟୀ ପରିବେଶ ସୁନିଶ୍ଚିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଓଡ଼ିଶା ପରିବେଶ ସମିତି ଦ୍ୱାରା ଏହାର ସମ୍ମିଳନୀ କକ୍ଷରେ 'ପରିବେଶ ଅବକ୍ଷୟ - ପରାଗସଙ୍ଗମ ଉପରେ ପ୍ରଭାବ' ବିଷୟବସ୍ତୁ ଉପରେ ଆୟୋଜିତ ଏକ ଆଲୋଚନାଚକ୍ରରେ ପରିବେଶ ବିଶେଷଜ୍ଞମାନେ ଏପରି ମତ ପ୍ରକାଶ କରିଛନ୍ତି।

ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଓୟୁଏଟିର ପୂର୍ବତନ ପ୍ରଫେସର ତଥା ଏମେରିଟସ୍ ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ପ୍ରଫେସର ଶତପଥୀ ମତବ୍ୟକ୍ତ କରିଥିଲେ ଯେ ଜଳବାୟୁ ପରିବର୍ତ୍ତନ ଫୁଲ ଫୁଟିବା ସମୟ ଏବଂ କୀଟପତଙ୍ଗ ଜୀବନଚକ୍ରକୁ ମଧ୍ୟ ପ୍ରଭାବିତ କରେ, କେତେକ ସମୟରେ ଉଦ୍ଭିଦ ଏବଂ ସେମାନଙ୍କର ପରାଗକ ମଧ୍ୟରେ ସମନ୍ୱୟର ଅଭାବ ଘଟେ। କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଫୁଲଗଛ ଲଗାଇବା, ଗୁଳ୍ମବାଡ଼ର ରକ୍ଷଣାବେକ୍ଷଣ, ଜଙ୍ଗଲ ସୁରକ୍ଷା ଏବଂ ପରାଗକ-ଅନୁକୂଳ ଉଦ୍ୟାନ ସୃଷ୍ଟି ଉପରେ ଗୁରୁତ୍ୱପ୍ରଦାନ କରିଥିଲେ, ଯାହା କୀଟପତଙ୍ଗମାନଙ୍କୁ ଖାଦ୍ୟ ଏବଂ ଆଶ୍ରୟ ଯୋଗାଇପାରିବ। ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପ୍ରାରମ୍ଭିକ ଭାଷଣ ପ୍ରଦାନ ଏବଂ ବିଷୟବସ୍ତୁର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଂଯୋଜକ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଉପ-ସଭାପତି ଡ. ଲାଲା ଏକେ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ନୟାପଲ୍ଲୀ ଯୋଗ ଜିଲ୍ଲା ପକ୍ଷରୁ ଭବ୍ୟ ଯୋଗ ଉତ୍ସବ

ଭୁବନେଶ୍ୱର: (ସବ୍ୟୁ): ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶା ପ୍ରାନ୍ତର ନୟାପଲ୍ଲୀ ଯୋଗ ଜିଲ୍ଲା ପକ୍ଷରୁ ସ୍ଥାନୀୟ ଏନ-୨ ବିଡିଏ ପାର୍କ ପରିସରରେ ଏକ ଭବ୍ୟ ଯୋଗ ଉତ୍ସବ ଆୟୋଜିତ ହୋଇଯାଇଛି । ଯୋଗର




ମହତ୍ତ୍ୱ, ଏହାର ଉପକାରିତା ଏବଂ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଯୋଗ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗକୁ ଘରେ ଘରେ ପହଞ୍ଚାଇବା, ସମସ୍ତ ନାଗରିକଙ୍କୁ ଯୋଗ ପ୍ରତି ସଚେତନ କରାଇବା ଏବଂ ନୂତନ ପିଢ଼ିକୁ ଏହି ପ୍ରାଚୀନ ଭାରତୀୟ ଜ୍ଞାନ ପରମ୍ପରା ସହିତ ଯୋଡ଼ିବା । ଏହି ଉଦ୍ଦେଶ୍ୟରେ ନୟାପଲ୍ଲୀ ଯୋଗ ଜିଲ୍ଲା ପକ୍ଷରୁ ବରିଷ୍ଠ ଗୁରୁମାନଙ୍କ ତତ୍ତ୍ୱାବଧାନରେ ଦୁଇଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରଥମ ଦିନରେ ଏକ ସଚେତନତାମୂଳକ "ପ୍ରଭାତ ଫେରି" ଆୟୋଜିତ ହୋଇଥିଲା । ଏହା ଏନ-୩ ବିଡିଏ ପାର୍କରୁ ଆରମ୍ଭ ହୋଇ ଏନ -୪ ପାର୍କ ଦେଇ ଏନ -୫ ପାର୍କରେ ସମାପ୍ତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ସାଧକ ଓ ସାଧିକା ଯୋଗଦେଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଯୋଗ ସମ୍ପର୍କିତ ଏକ ସକାରାତ୍ମକ ବାର୍ତ୍ତା ପହଞ୍ଚାଇଥିଲେ । ଦ୍ୱିତୀୟ ଦିନରେ ଏନ -୨ ବିଡିଏ ପାର୍କ ପରିସରରେ ଆୟୋଜିତ ମୁଖ୍ୟ ସମାରୋହର ଶୁଭାରମ୍ଭ ପ୍ରଦୀପ ପ୍ରଜ୍ୱଳନ ଓ ଭଜନ ପରିବେଷଣରୁ ହୋଇଥିଲା । ପରବର୍ତ୍ତୀ ସମୟରେ ସଂସ୍ଥାନର ଉଦ୍ଦେଶ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯାଇଥିଲା । ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡିଶା ପ୍ରାନ୍ତ ସଂଗଠନ ମନ୍ତ୍ରୀ ରାମୈୟା ରେଡ୍ଡୀ ଯୋଗଦେଇ ଯୋଗର ମହତ୍ତ୍ୱ ଓ ଏହାର ସାମାଜିକ ଉପଯୋଗିତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଭାବେ ନୟାପଲ୍ଲୀ ଯୋଗ ଜିଲ୍ଲା ପ୍ରଧାନ ଜ୍ୟୋତିର୍ମୟ ରଥ, ଜିଲ୍ଲା ସଂଗଠନ ମନ୍ତ୍ରୀ ଶ୍ରୀମତୀ ମମତା ଦାଶ ଏବଂ କ୍ଷେତ୍ର ପ୍ରଧାନ ଶ୍ରୀମତୀ ଶୁଭଶ୍ରୀ ପଣ୍ଡା ଉପସ୍ଥିତ ଥିଲେ। ଏହି ଯୋଗ ଉତ୍ସବରେ ପ୍ରାୟ ୭୦ ଜଣ ସାଧକ ଓ ସାଧିକା ଉତ୍ସାହର ସହ ଯୋଗଦେଇଥିଲେ । ସମଗ୍ର କାର୍ଯ୍ୟକ୍ରମର ମଞ୍ଚ ପରିଚାଳନାର ଦାୟିତ୍ୱ କ୍ଷେତ୍ର ସଂଗଠନ ମନ୍ତ୍ରୀ ଶ୍ରୀମତୀ ଅନିତା ନାୟକ ସୁଚାରୁ ଭାବେ ତୁଲାଇଥିଲେ ।

### ବଳରାମପୁରଗଡ଼ରେ "ଆମ ଗାଁ, ଆମ ତହସିଲ'

ସାକ୍ଷୀଗୋପାଳ ,(ସବ୍ୟୁ): ରାଜସ୍ୱ ସେବା ପାଇଁ ଆଉ ତହସିଲ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବନି । ଗାଁରେ ହିଁ ମିଳିଲା ତହସିଲସ୍ତରୀୟ ସେବା । ଲୋକଙ୍କ ନିକଟରେ ରାଜସ୍ୱ ବ୍ୟବସ୍ଥାକୁ ପହଞ୍ଚାଇବା ଏବଂ ଜମିଜମା ସମ୍ପର୍କିତ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ଆଜି ସତ୍ୟବାଦୀ ତହସିଲର ବଳରାମପୁରଗଡ଼ ଆର୍‌ଆଇ ସର୍କଲରେ "ଆମ ଗାଁ, ଆମ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।କାର୍ଯ୍ୟକ୍ରମରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡ଼ାଙ୍କ ସମେତ ସମ୍ପୃକ୍ତ ଆର୍‌ଆଇ ସର୍କଲର ରାଜସ୍ୱ କର୍ମଚାରୀମାନେ ଉପସ୍ଥିତ ଥିଲେ । ଶିବିରରେ ବିଭିନ୍ନ ରାଜସ୍ୱ ମାମଲାର ଶୁଣାଣି କରାଯାଇ ଫଇସଲା କରାଯାଇଥିଲା । ଏଥିସହ ଇ୨ଇ ଓ ଫର୍ମର ରେଜିଷ୍ଟ୍ରି ସମ୍ପର୍କିତ କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇ ଚାଷୀଙ୍କ ସମସ୍ୟାର ସମାଧାନ କରାଯାଇଥିଲା ।ଏହାବ୍ୟତୀତ ଗ୍ରାମବାସୀଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣାଣି କରାଯାଇଥିଲା । ଅଭିଯୋଗଗୁଡ଼ିକର ଆବଶ୍ୟକ ତଦନ୍ତ ଓ ପଦକ୍ଷେପ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ଶିବିରରେ ତହସିଲସ୍ତରୀୟ ଅଧିକାରୀ ଓ ରାଜସ୍ୱ କର୍ମଚାରୀମାନେ ଲୋକଙ୍କ ଆବେଦନ ଓ ସମସ୍ୟା ଶୁଣିବା ସହ ଆବଶ୍ୟକ ସେବା ଯୋଗାଇ ଦେଇଥିଲେ ।

## କେନ୍ଦ୍ରୀୟ ଅନୁଦାନ - ଗତବର୍ଷ ତୁଳନାରେ କମ୍ ମିଳିଛି

ଭୁବନେଶ୍ୱର(ତଥ୍ୟ) ଚଳିତ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷ ସୁଦ୍ଧା କେନ୍ଦ୍ରୀୟ ଅନୁଦାନ ବାବଦରେ ଓଡିଶାକୁ ପୂର୍ବ ବର୍ଷ ତୁଳନାରେ କମ୍ ଅର୍ଥ ମିଳିଛି। ବଜେଟ୍‌ରେ ଧାର୍ଯ୍ୟ କରାଯାଇଥିବା ଅର୍ଥର ମାତ୍ର ୧୧ ପ୍ରତିଶତ ମିଳିଛି ଯାହାକି ଗତ ଆର୍ଥିକବର୍ଷରେ ଏହି ସମୟରେ ମିଳିଥିବା ଅର୍ଥ ତୁଳନାରେ ୩ ପ୍ରତିଶତ କମ୍। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇବା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ରାଜ୍ୟ ବଜେଟ୍‌ରେ ଏକ ବଡ ଅଂଶ ହେଉଛି କେନ୍ଦ୍ରୀୟ ଅନୁଦାନ। ଚଳିତ ଆର୍ଥିକ ବର୍ଷର ବଜେଟ୍ ଆକଳନରେ ସମୟରେ କେନ୍ଦ୍ରରୁ ଏ ବାବଦରେ ୪୦ହଜାର କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଥିଲା। ସେହି ଆଧାରରେ କେନ୍ଦ୍ରରୁ ଅର୍ଥ ମିଳିବାକଥା। ହେଲେ ଅଗଷ୍ଟ ସୁଦ୍ଧା ମିଳିଛି ୪୫୧୦ କୋଟି ଟଙ୍କା। ଏହା ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ମିଳିଥିବା ଅର୍ଥର ୩ ପ୍ରତିଶତରୁ କମ୍ ହୋଇଥିବାବେଳେ ୨୦୨୪ ବର୍ଷର ଏହି ସମୟ ମଧ୍ୟରେ ମିଳିଥିବା ଅର୍ଥ ତୁଳନାରେ ୧୨ ପ୍ରତିଶତରୁ କମ୍ ରହିଛି।

ଗତ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷ ସୁଦ୍ଧା କେନ୍ଦ୍ରୀୟ ଅନୁଦାନ ଆକାରରେ ୪୭୫୧ କୋଟି ଟଙ୍କା ମିଳିଥିବାବେଳେ ୨୦୨୪ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷ ସୁଦ୍ଧା କେନ୍ଦ୍ରରୁ ଅନୁଦାନ ବାବଦରେ ୫୩୧୭ କୋଟି ଟଙ୍କାରୁ ଅଧିକ ମିଳିଥିଲା। ହେଲେ ଚଳିତବର୍ଷ ଅନୁଦାନ ମିଳିବା ହ୍ରାସ ପାଇଛି। ତେବେ କେନ୍ଦ୍ରରୁ ମିଳୁଥିବା ଅଂଶଧନ ଟିକସ ବାବଦୀୟ ଅର୍ଥ କିନ୍ତୁ ଅଧିକ ମିଳିଥିଲା ଜଣାଯାଇଛି। ବଜେଟ୍‌ରେ ଏବାବଦରେ କେନ୍ଦ୍ରରୁ ୬୭,୪୫୦ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଥିବାବେଳେ ଅଗଷ୍ଟ ଶେଷସୁଦ୍ଧା ମିଳିଛି ୨୬ହଜାର କୋଟିରୁ ଅଧିକ। ଏହା ଗତ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୯ ପ୍ରତିଶତ ଅଧିକ ରହିଛି।

ତେବେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଥିବାରୁ ଏବେ ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ପ୍ରକଳ୍ପ ଓ ଯୋଜନା ଚଳାଇବା କଷ୍ଟକର ହୋଇପଡିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। କାରଣ ବହୁ ପ୍ରକଳ୍ପ ଏହି ଅର୍ଥ ଉପରେ ନିର୍ଭର କରୁଥିବାବେଳେ ସେଗୁଡିକ ରାଜ୍ୟ ସରକାର ପାଣ୍ଠିରୁ ଅର୍ଥ ଦେଇ ଚଳାଇ ରଖିବା କଷ୍ଟ ବ୍ୟାପାର। ରାଜ୍ୟ ସରକାର ବଜେଟ୍‌ର ଆକାର ୩ଲକ୍ଷ କୋଟି ଟଙ୍କାରୁ ଅଧିକ କରିଥିବାବେଳେ ଏହାର ସିଂହଭାଗ କେନ୍ଦ୍ରୀୟ ଅର୍ଥ ଉପରେ ନିର୍ଭର କରୁଛି। କେନ୍ଦ୍ରୀୟ ଅଂଶଧନ ଟିକସ, ଅନୁଦାନ ବାବଦରେ ମିଳୁଥିବା ଅର୍ଥକୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ ହେବା ସହିତ ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ରୂପରେଖ ପ୍ରସ୍ତୁତ ହୋଇଥାଏ। ବର୍ତ୍ତମାନ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଥିବାବେଳେ ଲଘୁ ଖଣିଜ ଦ୍ରବ୍ୟ, ବୃହତ୍ ଓ ମଧ୍ୟମ ଜଳସେଚନ ଆଦି କ୍ଷେତ୍ରରୁ ଆଦାୟ ଟିକସ ପୂର୍ବବର୍ଷ ତୁଳନାରେ ହ୍ରାସ ପାଉଥିବାରୁ ତାହା ଚିନ୍ତାର କାରଣ ହୋଇଛି।

### ଜେ ଡବ୍ଲୁ ମାରିଅଟ ହୋଟେଲ ଭୁଷୁଡ଼ିବା ପ୍ରସଙ୍ଗ

## ଡିଏନ ହୋମ୍ସ ପ୍ରାଇଭେଟ ଲିମିଟେଡର ଡାଇରେକ୍ଟରଙ୍କୁ ଗିରଫ କରାଯାଉ : ଯୁବ କଂଗ୍ରେସ

ଭୁବନେଶ୍ୱର (ସବ୍ୟୁ): ଜେ ଡବ୍ଲୁ ମାରିଅଟ ହୋଟେଲ ଭୁଷୁଡ଼ିବା ପ୍ରସଙ୍ଗରେ ଡିଏନ ହୋମ୍ସ ପ୍ରାଇଭେଟ ଲିମିଟେଡର ଡାଇରେକ୍ଟର ଜଗଦିଶ ପ୍ରସାଦ ନାୟକ ଏବଂ ତତ୍କାଳୀନ ବିଡିଏ ପ୍ଲାନିଂ ମେମ୍ବର ଗୌରୀ ଶଙ୍କର ଭୂୟାଁଙ୍କୁ ଦୋଷୀ ବୋଲି ଅଭିଯୋଗ କରାଯାଇ ସେମାନଙ୍କ ଉପରେ ପୋଲିସ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସଭାପତି ମହମ୍ମଦ ଗୁଲଫାମଙ୍କ ନେତୃତ୍ୱରେ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଛି। ଏହି ଏତଲାରେ ଯୁବ କଂଗ୍ରେସ ପକ୍ଷରୁ ଦର୍ଶାଯାଇଛି ଯେ ଏହି ବହୁତଳ ଅଟ୍ଟାଳିକା ନିର୍ମାଣଧିନ ଥିବା ବେଳେ ଭୁଷୁଡ଼ି ପଡ଼ିବା ଦୁର୍ଭାଗ୍ୟଜନକ ଘଟଣା। ଜେ ଡବ୍ଲୁ ମାରିଅଟ ହୋଟେଲ ନିର୍ମାଣ ଏବଂ ଏହି ହୋଟେଲର ମାଲିକାନାରେ ଡିଏନ୍ ହୋମସ ଅଂଶୀଦାର ରହିଛି। ଯେହେତୁ ନିର୍ମାଣ ଅତି ନିମ୍ନମାନର ଥିଲା ତେଣୁ ତାହା ନିର୍ମାଣଧିନ ଥିବାବେଳେ ଭୁଷୁଡ଼ି ପଡ଼ିଲା। ପ୍ରଶାସନ ପକ୍ଷରୁ ଡିଏନ ହୋମସକୁ ସୁରକ୍ଷା ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ଏହି ଘଟଣାର ପୂର୍ଣ୍ଣାଙ୍ଗ ତଦନ୍ତ ପାଇଁ ଯୁବ କଂଗ୍ରେସ ଦାବି କରିଛି। ତୁରନ୍ତ ଜନସୁରକ୍ଷା ସହିତ ଜଡ଼ିତ, ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏଭଳି ବିଲ୍ଡିଂ ପାଖରେ ବହୁ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି। ବର୍ତ୍ତମାନ ଏହାର ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯାଉ।




ଜଗଦିଶ ପ୍ରସାଦ ନାୟକ ଏବଂ ଗୌରୀ ଶଙ୍କର ଭୂୟାଁ, ପ୍ରୋଜେକ୍ଟ ଇଂଜିନିୟର ଏବଂ କଣ୍ଟ୍ରାକ୍ଟର, ଇଂଜିନିୟରିଂ ପରାମର୍ଶ ଦାତା, ଆରକିଟେକ ଏବଂ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ତୁରନ୍ତ ଗିରଫ କରାଯାଉ। ଯେହେତୁ ଏହା ଏହି କାର୍ଯ୍ୟକ୍ରମରେ ସୁଦିପ ସାମଲ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ, ସୁରଜ ରାଉତ, ଚିତ୍ତରଞ୍ଜନ ନାୟକ, ବିଶ୍ୱଜିତ ସ୍ୱାଇଁ, ଏମଡି ମନୁଓ୍ୱର, ସନ୍ଦିପ ରାଉତରାୟ, ନିଆଜୁଲ ଇସଲାମ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### 'ସେବା ସଂକଳ୍ପ' ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ

## ସେବାରୁ ସଂକଳ୍ପ, ସଂକଳ୍ପରୁ ବିକଶିତ ଓଡ଼ିଶା : ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ଓ ଜନସେବାରୁ ପ୍ରେରଣା ନେଇ ଦେଶବ୍ୟାପୀ ଭାବେ ଆରମ୍ଭ ହେଉଥିବା 'ସେବା ସଂକଳ୍ପ ଅଭିଯାନ'କୁ ଓଡ଼ିଶାରେ ଏକ ବ୍ୟାପକ ଜନସେବା ଅଭିଯାନରେ ପରିଣତ କରାଯିବ । ସେବାକୁ କେବଳ ଏକ କାର୍ଯ୍ୟକ୍ରମରେ ସୀମିତ ନରଖି ଏହାକୁ ଜନଭାଗିଦାରୀର ଏକ ଆନ୍ଦୋଳନରେ ପରିଣତ କରିବାକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଆହ୍ୱାନ ଦେଇଛନ୍ତି । ଡଃ ମହାପାତ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ହେଉଛି ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଏକ ଦୀର୍ଘ ଯାତ୍ରା । ଏହି ଯାତ୍ରାରୁ ପ୍ରେରଣା ନେଇ 'ସେବା ସଂକଳ୍ପ' ଅଭିଯାନର ଲକ୍ଷ୍ୟ ହେଉଛି ସମାଜର ପ୍ରତ୍ୟେକ ବର୍ଗ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜନସେବା ସହ ଯୋଡ଼ିବା । ରାଜନୀତି କେବଳ ନିର୍ବାଚନକୁ କେନ୍ଦ୍ର କରି ନୁହେଁ, ବରଂ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଓ ଆବଶ୍ୟକ ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ଜନସେବା ବୋଲି ସେ କହିଛନ୍ତି ।

ଓଡ଼ିଶାରେ ଏହି ଅଭିଯାନକୁ ସାଂଗଠନିକ ଜିଲ୍ଲା, ମଣ୍ଡଳ ଓ ବୁଥ୍ ସ୍ତର ପର୍ଯ୍ୟନ୍ତ ନେଇଯିବା ସହ ସମାଜର ଶେଷ ପର୍ଯ୍ୟାୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ଉପରେ ଗୁରୁତ୍ୱ ଦିଆଯିବ । ଜନଜାତି ସମାଜ, ମହିଳା, ଚାଷୀ, ଯୁବକ, ଗରିବ ଓ ବଞ୍ଚିତ ବର୍ଗଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ଶୁଣିବା, ସେମାନଙ୍କ ଆବଶ୍ୟକତା ବୁଝିବା ଏବଂ ଯଥାସମ୍ଭବ ସହଯୋଗ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ରହିବ । ଅଭିଯାନ ଅବସରରେ ରକ୍ତଦାନ ଶିବିର, ସ୍ୱଚ୍ଛତା ଅଭିଯାନ, ଶ୍ରମଦାନ, ବୃକ୍ଷରୋପଣ, ଜନସଚେତନତା ଓ ବିଭିନ୍ନ ସାମାଜିକ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସେବା କେବଳ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସୀମିତ ନରହି ସାଧାରଣ ନାଗରିକଙ୍କୁ ମଧ୍ୟ ଏହାର ସକ୍ରିୟ ଅଂଶୀଦାର କରିବାକୁ ଉଦ୍ୟମ କରାଯିବ ।

ଡଃ ମହାପାତ୍ର କହିଛନ୍ତି, "ସେବାର ଆକାର ବଡ଼ ହେବା ଆବଶ୍ୟକ ନାହିଁ, ସେବାର ଭାବନା ବଡ଼ ହେବା ଆବଶ୍ୟକ ।" ଜଣେ ବ୍ୟକ୍ତି ରକ୍ତଦାନ କରି, ଗଛ ଲଗାଇ, ସ୍ୱଚ୍ଛତା କାର୍ଯ୍ୟରେ ଯୋଗଦେଇ କିମ୍ବା ଜଣେ ଆବଶ୍ୟକତା ଥିବା ବ୍ୟକ୍ତିଙ୍କୁ ସରକାରୀ ଯୋଜନାର ଲାଭ ପାଇବାରେ ସହଯୋଗ କରି ମଧ୍ୟ ରାଷ୍ଟ୍ରସେବାରେ ନିଜର ଯୋଗଦାନ ଦେଇପାରିବେ । ଯୁବଶକ୍ତିକୁ ଅଭିଯାନର ଏକ ପ୍ରମୁଖ ଅଂଶ କରାଯିବ। ସ୍କୁଲ ଓ କଲେଜ ସ୍ତରରେ ଚିତ୍ରାଙ୍କନ, ଭାଷଣ, ଆଲୋଚନା ଓ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ମାଧ୍ୟମରେ 'ବିକଶିତ ଭାରତ-୨୦୪୭', ରାଷ୍ଟ୍ର ନିର୍ମାଣ, ଜନସେବା ଓ ଯୁବଶକ୍ତି ଭଳି ବିଷୟ ଉପରେ ଯୁବପିଢ଼ିଙ୍କ ଚିନ୍ତନ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରାଯିବ । ଆଜିର ଯୁବପିଢ଼ି କେବଳ ନିଜର ଭବିଷ୍ୟତ ନୁହେଁ, ଓଡ଼ିଶା ଓ ଭାରତର ଭବିଷ୍ୟତ ଗଢ଼ିବାର ମୁଖ୍ୟ ଶକ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

ମହିଳା ସଶକ୍ତୀକରଣ, ଚାଷୀଙ୍କ ସମୃଦ୍ଧି, ଯୁବକଙ୍କ ଦକ୍ଷତା ବିକାଶ, ଗରିବଙ୍କ କଲ୍ୟାଣ ଓ ଜନଜାତି ସମାଜର ଉନ୍ନତିକୁ ମଧ୍ୟ ଏହି ଅଭିଯାନର ସେବାମୂଳକ ଦୃଷ୍ଟିକୋଣ ସହ ଯୋଡ଼ାଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ସୁବିଧା ସମାଜର ଶେଷ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ନେଇ ଜନସଚେତନତା ଓ ସହଯୋଗମୂଳକ କାର୍ଯ୍ୟକ୍ରମକୁ ଗତିଶୀଳ କରାଯିବ । "ସେବା ସଂକଳ୍ପ ଅଭିଯାନ କେବଳ ଏକ ମାସର କାର୍ଯ୍ୟକ୍ରମ ନୁହେଁ; ଏହା ଏକ ଚିନ୍ତାଧାରା, ଏକ ଦାୟିତ୍ୱ ଓ ଏକ ଦୀର୍ଘକାଳୀନ ସଂକଳ୍ପ। ସେବାରୁ ସମୃଦ୍ଧି, ସଂକଳ୍ପରୁ ବିକାଶ ଏବଂ ଜନଭାଗିଦାରୀରୁ ବିକଶିତ ଓଡ଼ିଶା ଏହା ଆମର ଲକ୍ଷ୍ୟ," ଡଃ ମହାପାତ୍ର କହିଛନ୍ତି । ଏହି ଅବସରରେ ସେ ଓଡ଼ିଶାବାସୀଙ୍କୁ ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଦେଇ କହିଛନ୍ତି ଯେ, ଗୋଟିଏ ଦିନର ଶ୍ରମଦାନ, ଗୋଟିଏ ୟୁନିଟ୍ ରକ୍ତଦାନ, ଗୋଟିଏ ଗଛରୋପଣ, ଜଣେ ଅସହାୟଙ୍କୁ ସହାୟତା କିମ୍ବା ଜଣେ ଆବଶ୍ୟକତା ଥିବା ବ୍ୟକ୍ତିଙ୍କୁ ତାଙ୍କ ଅଧିକାର ଓ ସରକାରୀ ସୁବିଧା ବିଷୟରେ ସଚେତନ କରିବା ପ୍ରତ୍ୟେକ ଛୋଟ ଯୋଗଦାନ ମଧ୍ୟ ରାଷ୍ଟ୍ରସେବାର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ସେ କହିଛନ୍ତି, "ଆସନ୍ତୁ, ସେବାକୁ କେବଳ ଏକ କାର୍ଯ୍ୟକ୍ରମରେ ସୀମିତ ନରଖି ଏହାକୁ ଜନଜୀବନର ଏକ ଅଭ୍ୟାସରେ ପରିଣତ କରିବା । ସେବାରୁ ସଂକଳ୍ପ, ସଂକଳ୍ପରୁ ବିକାଶ ଏବଂ ବିକାଶରୁ ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ଗଠନ କରିବା"

# "ନମସ୍ତେ ଓଡ଼ିଶା'ରେ ମିଳିବ ଓଡ଼ିଆ ଖାଦ୍ୟର ମାଟିର ସ୍ୱାଦ
# ପରମ୍ପରା, ପାରମ୍ପରିକ ରେସିପିକୁ ନେଇ ନୂଆ ପ୍ରୟାସ

ବାରିପଦା, (ସବ୍ୟୁ): : ଓଡ଼ିଆ ଖାଦ୍ୟ କେବଳ ଖାଦ୍ୟ ନୁହେଁ, ଏହା ଓଡ଼ିଶାର ମାଟି, ପରମ୍ପରା, ଜୀବନଶୈଳୀ ଓ ଆତିଥ୍ୟର ଏକ ଅବିଚ୍ଛିନ୍ନ ଅଂଶ । ରାଜ୍ୟର ପ୍ରତ୍ୟେକ ଅଞ୍ଚଳ ଓ ସମ୍ପ୍ରଦାୟର ନିଜସ୍ୱ ଖାଦ୍ୟ ପରମ୍ପରା ଓ ସ୍ୱତନ୍ତ୍ର ସ୍ୱାଦ ରହିଛି । ଏହି ବିବିଧତାକୁ ଗୋଟିଏ ଛାତ ତଳେ ପରସିବା ଲକ୍ଷ୍ୟରେ ବାରିପଦାରେ ଆରମ୍ଭ ହୋଇଛି "ନମସ୍ତେ ଓଡ଼ିଶା' । ବାରିପଦା ମଧୁବନସ୍ଥିତ କେସି ସର୍କଲ-ଅସ୍ତିଆ ରୋଡ୍‌ରେ ରବିବାର ଏହି ନୂଆ ରେଷ୍ଟୁରାଣ୍ଟର ଶୁଭାରମ୍ଭ ହୋଇଛି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସ୍ୱରାଜ ବାରିକ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ । ଓଡ଼ିଶାର ପାରମ୍ପରିକ ଓ ପ୍ରାମାଣିକ ଖାଦ୍ୟକୁ ଗୁରୁତ୍ୱ ଦେଇ ଏଭଳି ଏକ ରେଷ୍ଟୁରାଣ୍ଟର ପରିକଳ୍ପନା




କରାଯାଇଥିବାରୁ ସେ ଏହାକୁ ପ୍ରଶଂସା କରିଥିଲେ । "ନମସ୍ତେ ଓଡ଼ିଶା'ର ଫାଉଣ୍ଡର ଗୁରୁଜେ୍ୟାତି ପାଠୀ, କୋ-ଫାଉଣ୍ଡର ନିଗମ ଜେ୍ୟାତି ପାଠୀ ଏବଂ ମାଷ୍ଟର ସେଫ୍ ମଧୁସ୍ମିତା ସୋରେନ୍ ଓ ମୌସୁମୀ ଦାସ କହିଛନ୍ତି ଯେ, ଓଡ଼ିଶାର ବିଭିନ୍ନ ଅଞ୍ଚଳ ଓ ସମ୍ପ୍ରଦାୟର ପାରମ୍ପରିକ ରେସିପି, ରନ୍ଧନ ପ୍ରଣାଳୀ ଓ ସ୍ୱାଦକୁ ମେନୁରେ ସ୍ଥାନ ଦେବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ । ଏହା କେବଳ ଏକ ରେଷ୍ଟୁରାଣ୍ଟ ଖୋଲିବାର ପ୍ରୟାସ ନୁହେଁ ବରଂ ଓଡ଼ିଆ ଖାଦ୍ୟର ସମୃଦ୍ଧ ପରମ୍ପରାକୁ ନୂଆ ପିଢ଼ି ଓ ବ୍ୟାପକ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାର ଏକ ପ୍ରୟାସ । ଆଗାମୀ ଦିନରେ ଏହି ପ୍ରୟାସକୁ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶା ବାହାରକୁ ବିସ୍ତାର କରିବାର ଯୋଜନା ରହିଛି ।

ଓଡ଼ିଶା ବାହାରର ଲୋକମାନେ ଓଡ଼ିଆ ଖାଦ୍ୟ ବିଷୟରେ ଭାବିଲେ ଯେପରି ଓଡ଼ିଶାର ମାଟିର ସ୍ୱାଦ, ପରମ୍ପରା ଓ ଆତିଥ୍ୟକୁ ଅନୁଭବ କରିପାରିବେ, ସେହି ଲକ୍ଷ୍ୟ ନେଇ ଏହି ଯାତ୍ରା ଆରମ୍ଭ କରାଯାଇଥିବା ସେମାନେ କହିଛନ୍ତି । ଅଭିଜ୍ଞତା, ପରିଶ୍ରମ ଓ ଓଡ଼ିଆ ଖାଦ୍ୟ ପ୍ରତି ଭଲପାଇବା ହିଁ "ନମସ୍ତେ ଓଡ଼ିଶା'ର ମୂଳ ଶକ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି । ଓଡ଼ିଆ ଖାଦ୍ୟକୁ କେବଳ ପରସିବା ନୁହେଁ, ଏହା ପଛରେ ଥିବା ମାଟିର କାହାଣୀ, ପରମ୍ପରା ଓ ସଂସ୍କୃତିକୁ ମଧ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେମାନେ କହିଛନ୍ତି ।

# ଗୁଳି ମାଡ଼ରେ ଆହତ ଜୟସେନ ସେଣ୍ଟ୍ରାଲ ଆଇସିୟୁରେ

ବ୍ରହ୍ମପୁର, (ସବ୍ୟୁ): ଶନିବାର ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୁଳିକାଣ୍ଡର ଶିକାର ହୋଇଥିବା ବ୍ରହ୍ମପୁର ଥାନା ଅଧୀନ ସରାବା ଗ୍ରାମର ଜୟସେନ ପ୍ରଧାନ (୩୦) ଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ଏମକେସିଜିରେ ତାଙ୍କର ସିଟିସ୍କାନ ସହ ଏକ୍ସ-ରେ ପରେ ଗୁଳି ଶରୀରରେ ଥିବା ଜଣାପ ଡାକ୍ତରୀଦଳ ଶରୀରରୁ ଗୁଳିକୁ ବାହାର କରିଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ତାଙ୍କୁ ବର୍ତ୍ତମାନ ଏମକେସିଜିର ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସା କରାଯାଉଛି ।

ଏକ୍ସ-ରେ ରିପୋର୍ଟରେ ଅଣ୍ଟା ଓ ମେରୁଦଣ୍ଡରେ ଦୁଇଟି ଗୁଳି ବାଜିଥିବା ସ୍ପଷ୍ଟ ଜଣାପଡୁଛି । ଶନିବାର ରାତିରେ ପୁରୁଣା ରାଗ କାରଣରୁ ଗୁଳିକାଣ୍ଡ ଘଟିଥିଲା । ଆସିକା ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର ହୋଇଥିଲେ। ପ୍ରଚୁର ରକ୍ତସ୍ରାବ କାରଣରୁ ତାଙ୍କୁ ଏମକେସିଜିରେ ରକ୍ତ ଦେବା ସହ ସ୍ୱାସ୍ଥ୍ୟବସ୍ଥାକୁ ସ୍ଥିର କରାଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି । ପ୍ରକାଶଥାଉକି ଏକ ଅଟୋ ପୋଡ଼ିକୁ ନେଇ ଦୁଇ ଗୋଷ୍ଠୀ ଭିତରେ ବିବାଦ ହୋଇଥିଲା । ଯୋ ଛକରେ ଜୟସେନ ଛିଡ଼ା ହୋଇଥିବା ବେଳେ ବୁଲେଟରେ ତିନିଜଣ ଯୁବକ ଆସି ତାଙ୍କୁ ଅତି ନିକଟରୁ ଗୁଳି କରି ଫେରାର ହୋଇଯାଇଥିଲେ । ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା ।

# କେବୁଲ ଚୋରି ଅଭିଯୋଗ: ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସଦର ଥାନା ପୋଲିସ ଏକ ପେଟ୍ରୋଲ ପମ୍ପରୁ ତମ୍ବା କେବୁଲ ଚୋରୀ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଚୋରଙ୍କ ସହ ଚୋରୀ ସାମଗ୍ରୀ କିଣିଥିବା ଜଣେ କବାଡି ବ୍ୟବସାୟୀଙ୍କୁ ଗିରଫ କରିଛି । କବାଡି ଦୋକାନୀ ନିକଟରୁ ଚୋରୀ ହୋଇଥିବା ତମ୍ବା ଜବତ ହୋଇଛି ।ଉକ୍ତ ଥାନା ଅଂଚଳର ପଦାରବାଲିର ରଞ୍ଜନ ଦାସ (୨୬) ପଞ୍ଚୁ ଦାସ(୨୨)ଓ ଅଙ୍କୁଶପୁରର କବାଡି ବାଲା ହୀନ ସାହୁ(୫୦ଙ୍କୁ ଗିରଫ କରାଯାଇଥିଲା । ମାମଲା ନଂ ୫୬୬/୨୬ ରେ ଉକ୍ତ ଅଭିଯୁକ୍ତମାନଙ୍କୁ ରବିବାର ଦିନ କୋର୍ଟ ଚାଲାଣ କରାଯାଇଛି ।



ସୂଚନା ପ୍ରକାରେ, ସେପେଫମ୍ବର ୧୨ ରେ ବାଘଝରି କାଲୁଆ ଗେଟ ଛକ ସ୍ଥିତ ଜିଓ ବିପି ପେଟ୍ରୋଲ ପମ୍ପ ମାଲିକ ତିରୁପତି ସାହୁ ପମ୍ପ ପଛପଟରୁ ତମ୍ବା କେବୁଲ ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ଘଟଣାର ତଦନ୍ତ ବେଳେ ସିସିଟିଭି ଫୁଟେଜ ଯାଞ୍ଚ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଧରିଥିଲା । ପଚରାଉଚରା ବେଳେ ସେମାନେ କେବୁଲ ଚୋରୀ କରି ପ୍ଲାଷ୍ଟିକ ଆବରଣ ପୋଡ଼ି ତମ୍ବା ବାହାର କରି ଅଙ୍କୁଶପୁରର କବାଡି ବ୍ୟବସାୟୀ ୭,୦୦୦ ଟଙ୍କାରେ ବିକି ଦେଇଥିବା ପୋଲିସକୁ କହିଥିଲେ । ପୋଲିସ କବାଡି ଦୋକାନରେ ଚଢ଼ାଉ କରି ଚୋରୀ ହୋଇଥିବା ତମ୍ବା ଜବତ କରିଛି । ତିନି ଅଭିଯୁକ୍ତ ରଞ୍ଜନ ଦାସ, ପଞ୍ଚୁ ଦାସ ଏବଂ ହୀନ ସାହୁଙ୍କୁ ପୋଲିସ ଗିରଫ କରିଥିଲା ବୋଲି କହିଛି ।

# ଭାଗଚାଷୀଙ୍କ ଆଇନ ପ୍ରଣୟନ , ଭୂ-ବନ୍ଦୋବସ୍ତ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି

ଛତ୍ରପୁର, (ସବ୍ୟୁ): ଭାଗଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ସ୍ୱତନ୍ତ୍ର ଭାଗଚାଷୀ ଆଇନ ପ୍ରଣୟନ ସହ ଭୂ-ବନ୍ଦୋବସ୍ତ ପ୍ରକ୍ରିୟା ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଛି ଋଷିକୂଲ୍ୟା ରୟତ ମହାସଭା । ଏନେଇ ଛତ୍ରପୁରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହାସଭା ପକ୍ଷରୁ ଭାଗଚାଷୀ ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇଥିଲା । ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମହାସଭା ଚେତାବନୀ ଦେଇଛି । ନିଜ ନାମରେ ପଟ୍ଟା ଥିବା ଜମିଧାରୀ କେବଳ ପ୍ରକୃତରେ ଚାଷୀ ନୁହନ୍ତି । ନିଜ ଜମିରେ ଚାଷ କରୁଥିବା ବ୍ୟକ୍ତିଙ୍କ ସହ ଭାଗଚାଷୀମାନେ ମଧ୍ୟ ପ୍ରକୃତ ଚାଷୀ । ତେଣୁ ଭାଗଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ସୁବିଧା ଯୋଗାଇବା ପାଇଁ ସ୍ୱଚ୍ଛ ବ୍ୟବସ୍ଥା କରାଯିବା ଆବଶ୍ୟକ ।




କୃଷି କାର୍ଯ୍ୟ ଆରମ୍ଭ ପୂର୍ବରୁ ଜମିଧାରୀ ଓ ଭାଗଚାଷୀଙ୍କ ସହମତିରେ ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ ବ୍ୟବସ୍ଥା କରିବାକୁ ମହାସଭା ଦାବି କରିଛି। ଏହି ପ୍ରକ୍ରିୟା ପଞ୍ଚାୟତ, ସମବାୟ ସମିତି ଓ କୃଷି ବିଭାଗ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବା ସହ ନିଜ ଜମିରେ ଚାଷ କରୁଥିବା ଚାଷୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଫର୍ମ ବ୍ୟବସ୍ଥା କରିବାକୁ କୁହାଯାଇଛି।

ଗଞ୍ଜାମ ଜିଲ୍ଲାରେ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷୀ ଭାଗଚାଷୀ ଥିବା ଦାବି କରି ମହାସଭା କହିଛି ଯେ, ଭାଗଚାଷୀଙ୍କ ଜମି ସମ୍ପର୍କିତ ସମସ୍ତ ତଥ୍ୟ ସହ ଆନ୍ଧ୍ରପ୍ରଦେଶ ଢାଞ୍ଚାରେ ଜମି ପାସ୍ବୁକ ପ୍ରଦାନ କରାଯାଉ । ରାଜ୍ୟରେ ପ୍ରାୟ ୫୫ ଲକ୍ଷ ଚାଷୀ ଥିବା ବେଳେ ମାତ୍ର ୧୪ ଲକ୍ଷ ଚାଷୀ ସମବାୟ ସଦସ୍ୟ ଥିବାରୁ ସମସ୍ତ ଚାଷୀଙ୍କୁ ସମବାୟ ସଦସ୍ୟ କରିବାକୁ ମଧ୍ୟ ଦାବି ହୋଇଛି ।

ସେହିପରି ଚାଷୀଙ୍କ ଉତ୍ପାଦିତ ଧାନ, ଫଳ ଓ ପନିପରିବା ଆଦି ସରକାର ଉଚିତ ମୂଲ୍ୟରେ କ୍ରୟ କରିବା ସହ ପଞ୍ଚାୟତସ୍ତରରେ ଶୀତଳଭଣ୍ଡାର ସ୍ଥାପନ, ଚାଷୀଙ୍କୁ ଜମି ଓ ଘରର ପଟ୍ଟା ପ୍ରଦାନ ଏବଂ ଭୂ-ବନ୍ଦୋବସ୍ତ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ମହାସଭା ଦାବି କରିଛି । ଦୀର୍ଘ ପ୍ରାୟ ୫୦ ବର୍ଷ ଧରି ରାଜ୍ୟରେ ଭୂ-ବନ୍ଦୋବସ୍ତ ହୋଇନଥିବାରୁ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରି ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପଟ୍ଟା ଦେବାକୁ କୁହାଯାଇଛି ।

ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣରେ ରେକର୍ଡ ସୃଷ୍ଟି ହୋଇଥିବାରୁ ସରକାର ଓ ଜିଲ୍ଲା ପ୍ରଶାସନକୁ ମହାସଭା ପକ୍ଷରୁ ଧନ୍ୟବାଦ ଦିଆଯାଇଛି । ତେବେ ଜିଲ୍ଲାର ପ୍ରାୟ ୫୦ ପ୍ରତିଶତ ଜମି ଭାଗଚାଷୀମାନେ ଚାଷ କରୁଥିବା ସତ୍ତ୍ୱେ ଜଟିଳ ନିୟମ ଯୋଗୁଁ ଅନେକ ଭାଗଚାଷୀ ପଞ୍ଜୀକରଣ କରି ନପାରି ଧାନ ବିକ୍ରିରୁ ବଞ୍ଚିତ ହେବା ଆଶଙ୍କା ରହିଛି ବୋଲି ମହାସଭା କହିଛି ।

ସାମ୍ବାଦିକ ସମ୍ମିଳନୀରେ ଋଷିକୂଲ୍ୟା ରୟତ ମହାସଭାର ଜିଲ୍ଲା ସମ୍ପାଦକ ସିମାଞ୍ଚଳ ନାହାକ, ଉପଦେଷ୍ଟା କୈଳାଶ ପଲାଇ, ବରିଷ୍ଠ ସମାଜସେବୀ ତଥା କଂଗ୍ରେସର ଛତ୍ରପୁର ବିଧାୟକ ପ୍ରାର୍ଥୀ ଭାଗୀରଥି ବେହେରା, ହାଇକୋର୍ଟ ଆଡଭୋକେଟ ବିନୋଦ ପାଣିଗ୍ରାହୀ ଓ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପଲାଇଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

## ୱାରେଣ୍ଟି ଗିରଫ

ବୁଗୁଡ଼ା ,(ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ଫେରାର ଆସାମୀ ଶିବରାମ ପୋଲାଇ(୩୦) ଙ୍କୁ ରବିବାର ଦିନ ପୋଲିସ ଓ୍ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ଦୁଇ ବର୍ଷ ତଳେ ଶିବରାମ ଗୋଲିଆ ଗ୍ରାମରେ ଜନୈକା ମହିଳାଙ୍କ ଘରେ ପଶି ଅସଦାଚରଣ କରି ଫେରାର ଥିଲେ । ତେବେ ଆଜି ଶିବରାମ ଅଟୋ ଚଳାଇ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଏଏସଆଇ ରାଜକୁମାର ମହାପାତ୍ର ସଦଳବଳେ ତାଙ୍କୁ କାବୁ କରିଥିଲେ । ଏ ନେଇ ଜିଆର କେସ ନଂ ୧୦୨/୨୪ରେ ଏକ ମାମଲା ଶିବରାମଙ୍କ ବିରୁଦ୍ଧରେ ରହିଥିଲା ।

# ପଥୁରିଆ ସାହି ଚାରିଛକିଆରେ ଘଟୁଛି ଦୁର୍ଘଟଣା, ହମ୍ପସ୍ ନିର୍ମାଣ ଦାବି

ବୁଗୁଡ଼ା,(ସବ୍ୟୁ): ବୁଗୁଡା ସହର ମଧ୍ୟସ୍ଥ ପଥୁରିଆ ସାହି ଚାରିଛକିଆରେ ଯାନବାହାନ ଚଳାଚଳ ବେଳେ ଅମାନିଆ ଚାଳକଙ୍କ ଯୋଗୁଁ ଅଧିକାଂଶ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଥିବାରୁ ତାହାର ପ୍ରତିକାର ରୂପେ ସେହି ଛକର ତିନିପଟରେ ହମ୍ପସ ନିର୍ମାଣ କରାଯିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ବୁଗୁଡା ବଡଦାଣ୍ଡ ପଟକୁ ଲମ୍ବିଥିବା ରାସ୍ତାରେ ବିରଞ୍ଚି ନାରାୟଣ ଏବଂ ବଳଦେବସ୍ୱାମୀଙ୍କ ମନ୍ଦିର ସାଙ୍ଗକୁ ଏନଏସି କାର୍ଯ୍ୟାଳୟ , ଖଡାଳ ସାହି ରାସ୍ତା ପଟରେ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ପୋଲିସ ଥାନା ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ , ନୂଆଁ ସାହି ରାସ୍ତାରେ ଗୋପୀନାଥ ମନ୍ଦିର ରହିଥିବାରୁ ସେହି ଚାରିଛକ ଦେଇ ଦୈନିକ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସମେତ ଶହ ଶହ ଛାତ୍ରଛାତ୍ରୀ ଏବଂ ଜନତା ଯାତାୟତ କରୁଛନ୍ତି । ଏଥି ସହ ସେହି ଛକ ବୁଗୁଡା-ପୋଲସରା ମୁଖ୍ୟ ସଡକ ମଧ୍ୟରେ ରହିଥିବାରୁ ଯାନବାହାନ ଚଳାଚଳ ବେଳେ ଅମାନିଆ ଚାଳକଙ୍କ ଦ୍ରୁତଗତି ଯୋଗୁଁ ନାନା ସମସ୍ୟା ସାଙ୍ଗକୁ ଦୁର୍ଘଟଣାମାନ ଘଟୁଛି ଏବଂ ଅଯଥା ବିବାଦ ଉପୁଜୁଛି । ସେହି ଛକରେ ଦୁର୍ଘଟଣାକୁ ଏଡାଇବା ଏବଂ ଅମାନିଆ ବାଇକ ଚାଳକଙ୍କ ଦ୍ରୁତଗତିରେ ବ୍ରେକ ଲଗାଇବା ପାଇଁ ଗୋପୀନାଥ ମନ୍ଦିର ନିକଟରେ, ଖଡାଳ ସାହି ମଧ୍ୟରେ ଏବଂ ଏନଏସି କାର୍ଯ୍ୟାଳୟ ପୂର୍ବରୁ ଏପରି ତିନି ପଟ ରାସ୍ତାରେ ହମ୍ପସ ନିର୍ମାଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ପଡ଼ୋଶୀଙ୍କୁ ଆକ୍ରମଣ: ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଘରୋଇ କଳହକୁ କେନ୍ଦ୍ର କରି କମେଣ୍ଟ କରିବା ଯୋଗୁଁ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଯୁବକଙ୍କୁ ବାନ୍ଧିଛି ।ଅଭିଯୁକ୍ତ ଜଣକ ହେଲେ ଲାଞ୍ଜିପଲ୍ଲୀ ଗଣେଶନଗର ପ୍ରଥମ ଲେନ୍‌ର ସୌମ୍ୟ ରଞ୍ଜନ ସାହୁ (୩୪) ।କେସ ନମ୍ବର ୪୮୧/୨୬ ରେ ଗିରଫ ଯୁବକଙ୍କୁ ରବିବାର ଦିନି କୋର୍ଟ ଚାଲାଣ କରାଯାଇଛି । ଆକ୍ରମଣରେ ବ୍ୟବହୃତ ଷ୍ଟିଲ ଗଜ ବାଡ଼ି ଜବତ ହୋଇଛି । ଘଟଣାରୁ ପ୍ରକାଶ ଯେ, ସେପେଫମ୍ବର ୧୨ ତାରିଖ ରାତିରେ ପୂର୍ବ ଶତ୍ରୁତା ଓ ପାରିବାରିକ ବିବାଦକୁ କେନ୍ଦ୍ର କରି ସୌମ୍ୟ ରଂଜନ ଅଭିଯୋଗକାରୀ ଏଲ ରୋହିତ (୨୨) ଙ୍କ ମା'ଙ୍କ ସହ ଝଗଡ଼ା କରିଥିଲେ । ଅଭିଯୁକ୍ତ ନିକଟରେ ଥିବା ଷ୍ଟିଲ ଗଜରେ ରୋହିତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଆହତଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ସିଟି ହସ୍ପିଟାଲକୁ ପଠାଯାଇଥିଲା ।ଏନେଇ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ବାରିପଦା ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା
# ହେମନ୍ତ-ସଭାପତି, ପ୍ରୟାଗରାଜ୍-ସାଧାରଣସମ୍ପାଦକ

ବାରିପଦା, (ସବ୍ୟୁ) : ବାରିପଦା ବସ୍ ମାଲିକ ସଂଘ ପକ୍ଷରୁ ରବିବାର ଅବସରପ୍ରାପ୍ତ କର୍ମଚାରୀ ଭବନ ପରିସରରେ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଦସ୍ୟମାନଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ବସ୍ ଚଳାଚଳ ସହ ମାଲିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା ।

ବୈଠକରେ ବସ୍ ରୁଟ୍, ପାର୍କିଂ, ଯାତାୟାତ ବ୍ୟବସ୍ଥା, ଟ୍ୟାକ୍ସ ଓ ପରମିଟ୍, ଯାତ୍ରୀ ସୁବିଧା ଏବଂ ପ୍ରଶାସନ ସହ ସମନ୍ୱୟ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସଦସ୍ୟମାନେ ନିଜ ମତାମତ ରଖିଥିଲେ । ବସ୍ ମାଲିକମାନଙ୍କ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ସହ ସଂଘର ଏକତା, ଶୃଙ୍ଖଳା ଓ ସଦସ୍ୟମାନଙ୍କ ମଧ୍ୟରେ ସମନ୍ୱୟକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା



। ଏହି ଅବସରରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା କରାଯିବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ କମିଟିର ସଭାପତି ଭାବେ ହେମନ୍ତ କୁମାର ଦାସ, ଉପସଭାପତି ଭାବେ ଜେ୍ୟାତିରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ପ୍ରୟାଗରାଜ କର, ସମ୍ପାଦକ ଭାବେ ରାକେଶ କୁମାର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ଭବାନୀ ଶଙ୍କର ବେହେରା ଚୟନ ହୋଇଛନ୍ତି । ସେହିପରି ରବୀନ୍ଦ୍ର ନାଥ ବେହେରା ଓ ସୁରେଶ ଚନ୍ଦ୍ର ସାହୁଙ୍କୁ ଉପଦେଷ୍ଟା ଦାୟିତ୍ୱ ଦିଆଯାଇଛି । ନୂତନ କର୍ମକର୍ତ୍ତାମାନେ ସଂଘର ନିୟମ ଓ ନୀତି ଅନୁଯାୟୀ ସମସ୍ତ ସଦସ୍ୟଙ୍କ ସ୍ୱାର୍ଥ ସୁରକ୍ଷା, ବସ୍ ମାଲିକମାନଙ୍କ ସମସ୍ୟାର ସମାଧାନ ଏବଂ ଯାତ୍ରୀମାନଙ୍କୁ ଉନ୍ନତମାନର ସେବା ଯୋଗାଇବା ଦିଗରେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ । ଶେଷରେ ବୈଠକକୁ ସଫଳ କରିବାରେ ସହଯୋଗ କରିଥିବା ସଂଘର ସମସ୍ତ ସଦସ୍ୟ ଓ ସହଯୋଗୀଙ୍କୁ ଧନ୍ୟବାଦ ଜଣାଯାଇଥିଲା ।

# ବ୍ରହ୍ମପୁରରେ ମୋଟୁଲର ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର, (ସବ୍ୟୁ) : ପ୍ରିମିୟମ ଇଞ୍ଜିନ ଓ ଇଣ୍ଡଷ୍ଟ୍ରିଆଲ ଲୁବ୍ରିକାଂଟର ଏକ ଅଗ୍ରଣୀ ନିର୍ମାତା ମୋଟୁଲ ଇଣ୍ଡିଆ ନିକଟରେ ଓଡିଶାର ବ୍ରହ୍ମପୁରକୁ ଏହାର ଜାତୀୟସ୍ତରୀୟ ସ୍ୱାସ୍ଥ୍ୟସେବା ଅଭିଯାନ ସେହତ୍ କି ସମୃଦ୍ଧି ଆଣିଛି । ସେହତ୍ କି ସମୃଦ୍ଧି କ୍ୟାମ୍ପେନ ଏପ୍ରିଲରୁ ଡିସେମ୍ବର ୨୦୨୬ ମଧ୍ୟରେ ୨୭ଟି ଜିଲ୍ଲାରେ ୧୦୮ ଟି ସ୍ୱାସ୍ଥ୍ୟ ଶିବିର ଅନ୍ତର୍ଭୁକ୍ତ କରିବା ସହ ଦେଶବ୍ୟାପୀ ୨୧୦୦୦ରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଂଚିବା ପାଇଁ ଲକ୍ଷ୍ୟ ରଖିଛି । ବ୍ରହ୍ମପୁର କ୍ୟାମ୍ପ ଏହି ଶୁଭାରମ୍ଭର ଏକ ଅଂଶ ଅଟେ ଏବଂ ପ୍ରାୟ ୧୬୦ ଜଣ ହିତାଧିକାରୀଙ୍କୁ ରେକର୍ଡ କରିଛି ଯେଉଁଥିରେ ୧୦୦ରୁ ଅଧିକ ହେଲ୍ଥ କିଟ୍ ବିତରଣ କରାଯାଇଛି ।

ଏସମ୍ପର୍କରେ ମୋଟୁଲ ଇଣ୍ଡିଆ ଓ ସାଉଥ ଏସିଆର ସିଇଓ ନଗେନ୍ଦ୍ର ପାଇ କହିଛନ୍ତି, "ସେହତ୍ କି ସମୃଦ୍ଧି ମୋଟୁଲର ବିଶ୍ୱାସକୁ ପ୍ରତିଫଳନ କରୁଛି ଯେ, ଭାରତର ଅଟୋମୋଟିଭ ଶିଳ୍ପକୁ ଗତିଶୀଳ କରୁଥିବା ଲୋକଙ୍କ ପାଖରେ ଗୁଣାତ୍ମକ ଚିକିତ୍ସା ପାଇଁ ସହଜ ପହଂଚ ରହିବା ଉଚିତ । ଏହି ଅଭିଯାନର ନିଜର ପହଂଚ ବିସ୍ତାର କରୁଥିବାରୁ ଆମେ ସହରରେ ଅଟୋ ମେକାନିକ ଓ ସେମାନଙ୍କ ପରିବାର ପାଇଁ ସିଧାସଳଖ ପ୍ରତିଷେଧାତ୍ମକ ଚିକିତ୍ସା ଆଣି ଖୁସି ଅନୁଭବ କରୁଛୁ ।" ସେହିପରି ସ୍ମାଇଲ ଫାଉଣ୍ଡେଶନର ସହପ୍ରତିଷ୍ଠାତା ସାନ୍ତନୁ ମିଶ୍ର କହିଛନ୍ତି, "ସେହତ୍ କି ସମୃଦ୍ଧି ହେଉଛି, କର୍ପୋରେଟ ପ୍ରତିବଦ୍ଧତା, ତୃଣମୂଳ ସ୍ତରର ଆବଶ୍ୟକତା ପୂରଣ କରିବା ପରେ ଯାହା ଘଟିଥାଏ ତାହାର ଏକ ମଜବୁତ ଉଦାହରଣ ଅଟେ ।

# ବାପାଙ୍କୁ ହତ୍ୟା ଉଦ୍ୟମ, ପୁଅ ଗିରଫ

ବ୍ରହ୍ମପୁର (ସବ୍ୟୁ): ମଦ୍ୟପାନ କରି ସ୍ତ୍ରୀ ଓ ଝିଅଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନିଜ ବାପାଙ୍କୁ ବାଉଁଶ ଠେଙ୍ଗାରେ ଆକ୍ରମଣ ଓ ହତ୍ୟା ଧମକ ଦେବା ଅଭିଯୋଗରେ ଗୋସାଇନୁଆଗାଁ ଥାନା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ଉତ୍ତରେଶ୍ୱର ନଗର ହରିଜନ ସାହିର ବାସୁଦେବ ନାୟକ । କେସ ନଂ-୩୫୨/୨୬ରେ ପୋଲିସ ତାଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଅଭିଯୋଗ ଅନୁସାରେ,



ସୁରେନ୍ଦ୍ର ନାୟକ (୫୫) ଗତ ଶନିବାର ଅପରାହ୍ନରେ ଘରକୁ ଫେରିବା ବେଳେ ତାଙ୍କ ବଡ଼ ପୁଅ ମଦ୍ୟପ ଅବସ୍ଥାରେ ସ୍ତ୍ରୀ ଓ ଝିଅଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିବା ଦେଖିଥିଲେ । ସୁରେନ୍ଦ୍ର ଏହାର ପ୍ରତିବାଦ କରିବାରୁ ପୁଅ ସୁରେନ୍ଦ ଘର ଭିତରେ ନିଜ ସ୍ତ୍ରୀ 'ଓ ଝିଅକୁ ଗାଳିଗୁଲଜ ସହ ଧମକ ଦେଉଥିଲା । ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ବାଉଁଶ ଠେଙ୍ଗାରେ ପୁଅ ଆକ୍ରମଣ କରିଥିଲା ।ଏନେଇ ସରେନ୍ଦ୍ର ନାୟକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ବସ୍ତି ବାସିନ୍ଦାଙ୍କୁ ତୁରନ୍ତ ପଟ୍ଟା ଦାବି, ବିଳମ୍ବ ହେଲେ ଆନ୍ଦୋଳନ

ବାରିପଦା, (ସବ୍ୟୁ): : ବାରିପଦା ପୌରାଞ୍ଚଳର ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନରେ ବିଳମ୍ବ ନେଇ ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି । ଏନେଇ ରବିବାର ପାଲବଣୀଠାରେ ସଂଘର କାର୍ଯ୍ୟକାରିଣୀ କମିଟି ବୈଠକ ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଦାବି ପୂରଣରେ ଆବଶ୍ୟକ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ, ବାରିପଦା ପୌରାଞ୍ଚଳରେ ମୋଟ ୫୩ଟି ବସ୍ତି ରହିଥିବା ବେଳେ ଏଠାରେ ପ୍ରାୟ ୧୯ହଜାର ପରିବାର ବସବାସ କରୁଛନ୍ତି । ପୂର୍ବ ସରକାରଙ୍କ ଅମଳରେ ପ୍ରାୟ ୩ହଜାର ପରିବାରକୁ ପଟ୍ଟା ଏବଂ ଆଉ ୩ହଜାର ପରିବାରକୁ ଜମି ଅଧିକାର ପ୍ରମାଣପତ୍ର (ଏଲ୍‌ଆଇସି) ପ୍ରଦାନ କରାଯାଇଥିଲା । ସେହିପରି ପ୍ରାୟ ୪ହଜାର ପରିବାରକୁ ଜମି ପାଇବା ଯୋଗ୍ୟ ପ୍ରମାଣପତ୍ର (ଏଲ୍‌ଇସି) ଦିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି । ତେବେ ଅବଶିଷ୍ଟ ପରିବାରଙ୍କ ମଧ୍ୟରୁ କେତେକଙ୍କ ଘରର ସର୍ଭେ ହୋଇନଥିବା ବେଳେ ଆଉ କେତେକଙ୍କ ସର୍ଭେ ପରେ ମଧ୍ୟ ତାଲିକା ପ୍ରସ୍ତୁତ ହୋଇନଥିବା ଅଭିଯୋଗ ହୋଇଛି । ତେଣୁ ସମସ୍ତ ଯୋଗ୍ୟ ପରିବାରଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରିବା ସହ ଆବଶ୍ୟକସ୍ଥଳେ ଜଙ୍ଗଲ କିସମ ଜମିର କିସମ ପରିବର୍ତ୍ତନ କରି ପଟ୍ଟା ପ୍ରଦାନ କରିବାକୁ ସଂଘ ଦାବି କରିଛି । ଜଙ୍ଗଲ କିସମ ଜମିରେ ବସବାସ କରୁଥିବା କେତେକ ଅନୁସୂଚିତ ଓ ଅଣ-ଅନୁସୂଚିତ ବର୍ଗର ଲୋକଙ୍କୁ ଜମି ଅଧିକାର ପ୍ରମାଣପତ୍ର ମିଳିଥିବା ଦୃଷ୍ଟାନ୍ତ ଦେଇ ସଂଘ ପ୍ରଶ୍ନ କରିଛି ଯେ, ସମାନ ଭାବେ ଯୋଗ୍ୟ ଅନ୍ୟ ବାସିନ୍ଦାଙ୍କୁ ମଧ୍ୟ ଜମି ଅଧିକାର ପ୍ରଦାନ କରିବାରେ ଅସୁବିଧା କେଉଁଠି, ସମସ୍ତ ଯୋଗ୍ୟ ବସ୍ତିବାସିନ୍ଦାଙ୍କ ଜମି ଅଧିକାର ସୁନିଶ୍ଚିତ କରିବା ସହ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସଂଘ ଦାବି ଜଣାଇଛି । ବୈଠକରେ ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରା, ଉପଦେଷ୍ଟା ଗୋପବନ୍ଧୁ, କୋଷାଧ୍ୟକ୍ଷା ଭାରତୀ ପାତ୍ର, ସହସମ୍ପାଦକ କାଶୀନାଥ ମହାନା, ଅମଳ ଦେ ଓ ମହେଶ୍ୱର ବେହେରାଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ଓ

# ବିଦ୍ୟାର୍ଥୀ ଏକାଡେମୀର ସଂକଳ୍ପ ଦିବସ ଓ 'ସ୍ୱାଗତମ' ଦିବସ ପାଳିତ

ଭଦ୍ରକ(ସବ୍ୟୁ): ଭଦ୍ରକସ୍ଥିତ ବିଦ୍ୟାର୍ଥୀ ଏକାଡେମୀ ପକ୍ଷରୁ ସଂକଳ୍ପ ଦିବସ ଓ "ସ୍ୱାଗତମ' ଦିବସ ଉତ୍ସାହ, ଉଦ୍ଦୀପନା ଓ ଆନନ୍ଦମୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ, ଆତ୍ମବିଶ୍ୱାସ, ଶୃଙ୍ଖଳା, ନୈତିକତା ଓ ଭବିଷ୍ୟତ ଗଠନ ପାଇଁ ଦୃଢ଼ ସଂକଳ୍ପ ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ "ସମୟ' ଖବରକାଗଜର ମୁଖ୍ୟ ସମ୍ପାଦକ, ବିଶିଷ୍ଟ ସାମ୍ବାଦିକ ତଥା ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଡଃ ଗୁରୁ କଲ୍ୟାଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ସଂସ୍କାର, ଆଧ୍ୟାତ୍ମିକତା, ନୈତିକତା ଓ ମାନବିକ ମୂଲ୍ୟବୋଧର ଗୁରୁତ୍ୱ ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ ।




ମୁଖ୍ୟଅତିଥି ଡଃ ଗୁରୁ କଲ୍ୟାଣ ମହାପାତ୍ର ନିଜ ଅଭିଭାଷଣରେ ଛାତ୍ରଜୀବନକୁ ଜୀବନ ଗଠନର ମୂଳ ଭିତ୍ତି ବୋଲି ଅଭିହିତ କରିଥିଲେ । ଶିକ୍ଷା ସହିତ ଶୃଙ୍ଖଳା, ସମୟାନୁବର୍ତ୍ତିତା, ସତ୍ୟନିଷ୍ଠା, ପରିଶ୍ରମ ଓ ଦୃଢ଼ ମନୋବଳକୁ ଜୀବନର ଅଂଶ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଜ୍ଞାନ ଅର୍ଜନ ସହିତ ଜଣେ ଭଲ ମଣିଷ ଓ ଦାୟିତ୍ୱବାନ ନାଗରିକ ଭାବେ ନିଜକୁ ଗଢ଼ି ତୋଳିବା ହିଁ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ ।ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଛାତ୍ରଜୀବନ ହେଉଛି ଭବିଷ୍ୟତ ନିର୍ମାଣ ସର୍ବୋତ୍ତମ ସମୟ । ଏହି ସମୟରେ ଲକ୍ଷ୍ୟ ନିର୍ଦ୍ଧାରଣ କରି ଏକାଗ୍ରତା, ନିଷ୍ଠା ଓ ନିରନ୍ତର ପରିଶ୍ରମ ସହ ଆଗକୁ ବଢ଼ିଲେ ସଫଳତା ନିଶ୍ଚିତ ଭାବେ ମିଳିପାରିବ । ଶିକ୍ଷା କେବଳ ଚାକିରି କିମ୍ବା ପରୀକ୍ଷାରେ ଭଲ ଫଳାଫଳ ପାଇବାର ମାଧ୍ୟମ ନୁହେଁ ବରଂ ଜୀବନକୁ ମୂଲ୍ୟବାନ ଓ ସାର୍ଥକ କରିବାର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ସେ ଉଲ୍ଲେଖ କରିଥିଲେ ।ଅବସରପ୍ରାପ୍ତ ଆଇପିଏସ ଅଧିକାରୀ ଗୋପବନ୍ଧୁ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଜୀବନରେ ଶୃଙ୍ଖଳା, ସମୟର ସଦୁପଯୋଗ ଓ କର୍ତ୍ତବ୍ୟନିଷ୍ଠାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଜୀବନରେ ଲକ୍ଷ୍ୟ ହାସଲ ପାଇଁ ଦୃଢ଼ ମନୋବଳ ସହ ନିରନ୍ତର ପ୍ରୟାସ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।ବିଶିଷ୍ଟ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ଡଃ ପବିତ୍ର ମୋହନ ସାମନ୍ତରାୟ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ଶିକ୍ଷା ସହିତ ମୂଲ୍ୟବୋଧ, ନୈତିକତା ଓ ସଂସ୍କାରର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ । ଛାତ୍ରଛାତ୍ରୀମାନେ ନିଜ ପ୍ରତିଭାକୁ ଚିହ୍ନଟ କରି ସମାଜ ଓ ଦେଶର ଉନ୍ନତିରେ ନିଜର ଅବଦାନ ରଖିବାକୁ ସେ ଆହ୍ୱାନ ଜଣାଇଥିଲେ ।ଏକାଡେମୀର ଅଧ୍ୟକ୍ଷା ଦୀପା ଉପାଧ୍ୟାୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାର୍ଥୀ ଏକାଡେମୀର ଡାଇରେକଫର ସୁନିଲ କୁମାର ପାଢ଼ୀ ଏକାଡେମୀର ଶିକ୍ଷାଦାନ ପଦ୍ଧତି, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।କାର୍ଯ୍ୟକ୍ରମରେ ରାମଚନ୍ଦ୍ର ପଣ୍ଡା ଓ ଅଚ୍ୟୁତ କୁମାର ସାହୁଙ୍କ ସମେତ ଏକାଡେମୀର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ । ନୂତନ ଛାତ୍ରଛାତ୍ରୀଙ୍କୁ "ସ୍ୱାଗତମ' ଜଣାଇ ସେମାନଙ୍କ ଶିକ୍ଷାଜୀବନର ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଯାଇଥିଲା ।ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜ ଲକ୍ଷ୍ୟ ପ୍ରତି ସମର୍ପିତ ରହିବା, ନିୟମିତ ଅଧ୍ୟୟନ କରିବା, ଶୃଙ୍ଖଳିତ ଜୀବନଯାପନ କରିବା ଏବଂ ଜଣେ ଆଦର୍ଶ ନାଗରିକ ଭାବେ ନିଜକୁ ଗଢ଼ି ତୋଳିବାର ସଂକଳ୍ପ ନେଇଥିଲେ । ଅତିଥିମାନଙ୍କ ପ୍ରେରଣାଦାୟକ ଅଭିଭାଷଣ ଛାତ୍ରଛାତ୍ରୀଙ୍କ ମନରେ ନୂତନ ଉତ୍ସାହ, ଆତ୍ମବିଶ୍ୱାସ ଓ ଆଶା ସୃଷ୍ଟି କରିଥିଲା ।ସମଗ୍ର କାର୍ଯ୍ୟକ୍ରମକୁ ମିତୁସ୍ମିତ ଶତପଥୀ ସୁନ୍ଦର ଓ ସୁଚାରୁ ଭାବେ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଆୟୋଜକଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ଅତିଥି, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ସମଗ୍ର ଆୟୋଜନଟି ଶିକ୍ଷା, ସଂସ୍କାର, ଶୃଙ୍ଖଳା ଓ ଦୃଢ଼ ସଂକଳ୍ପର ଏକ ଉତ୍କୃଷ୍ଟ ସମନ୍ୱୟର ପରିଚୟ ଦେଇଥିଲା ।

# ପୋଲିସକୁ ଆକ୍ରମଣ ଘଟଣା : ଡ୍ରଗ୍ସ ମାଫିଆଙ୍କ ସମେତ ୬ ଗିରଫ

ଜଗତସିଂହପୁର,(ସବ୍ୟୁ) : ଡ୍ରଗ୍ସ ମାଫିଆଙ୍କ ଦାଦାଗିରି । ପୋଲିସ ଉପରକୁ ମରଣାନ୍ତକ ଆକ୍ରମଣ । ଗତକାଲି ବିଳମ୍ବିତ ରାତିରେ ପ ।ଟ୍ରୋଲିଂ ସମୟରେ ଡ୍ରଗ୍ସ କାରବାର ଖବର ପାଇ ପୋଲିସ ଚଢ଼ାଉ କରିଥିବା ବେଳେ, ନିଜକୁ ରକ୍ଷା କରିବାକୁ ଯାଇ ପୋଲିସ ଉପରକୁ କାର୍ ଚଢ଼ାଇ ଦେବାକୁ ଉଦ୍ୟମ କରିଥିଲେ ଡ୍ରଗ ମାଫିଆ । ଏହି ରକ୍ତାକ୍ତ ସଂଘର୍ଷରେ ପୋଲିସ କର୍ମଚାରୀ ନିତ୍ୟାନନ୍ଦ ସେନାପତି ଗୁରୁତର ଆହତ ହୋଇଥିବା ବେଳେ ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଡ୍ରଗ୍ସ ମାଫିଆ ଭିକି ପରିଜା ଓ ତାଙ୍କ ଭାଇ ଜାକି ପରିଜାଙ୍କୁ ପୋଲିସ ଗିରଫ କରିଥିଲା । ସେପଟେ ଅନ୍ଧାରର ସୁଯୋଗ ସୁଇଫଟ ଡିଜାୟାର ଗାଡି ସହିତ ଅନ୍ୟ ୪ ଜଣ ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ ।ଗତକାଲି ରାତିରେ ପୋଲିସ ଏସ୍ପି ଅଙ୍କିତ ବର୍ମାଙ୍କ ନିର୍ଦ୍ଦେଶରେ ଟାଉନ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ୩ ଟି ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଫେରାର ଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ମୁଖ୍ୟ ଅଭିଯୁକ୍ତ ଦୁଇ ଭାଇ ଓହଳ ଗ୍ରାମର ସୁରେଶ ପରିଜାଙ୍କ ପୁଅ ହେଲେ ଭିକି ଓରଫ ସୌମ୍ୟଜିତ ପରିଜା(୩୬) ଓ ଜାକି ଓରଫ ସ୍ୱପ୍ନଜିତ ପରିଜା(୨୬)ଙ୍କୁ ପୋଲିସ ଗିରଫ କରିଛି ।ସେହି ଅନ୍ୟ ଅଭିଯୁକ୍ତମାନେ ହେଲେ ମଙ୍ଗଳପୁର ଗ୍ରାମର ସୁଲେଖ ମହାରଣାଙ୍କ ପୁଅ ରାଜା ମହାରଣା(୨୪),ଦେଉଳିଗ୍ରାମେଶ୍ୱର ଗ୍ରାମର ଏମଡି ଅନସରଙ୍କ ପୁଅ ଏମଡି ଉମର ଫାରୁକ(୨୬),ପଟସରା ଗ୍ରାମର ଦୁଖୀଶ୍ୟାମ ରାଉତଙ୍କ ପୁଅ ରାହୁଲ ରାଉତ(୨୨),ଲାଲା ସାହିର ସେକ ମୁନାଙ୍କ ପୁଅ ସେକ ମୌସମ(୩୬) ।ପୋଲିସ ଏହି ଘଟଣାରେ କେଶ ନମ୍ବର ୬୫୨/୨୬ ରୁଜୁ କରି ସମସ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଭିକି ପରିଜା ନାମରେ ବହୁ ଅପରାଧିକ ମାମଲା ଥିବା ବେଳେ ପୂର୍ବରୁ ୧କୋଟିରୁ ଉର୍ଦ୍ଧ୍ୱ ବ୍ରାଉନସୁଗର କାରବାରରେ ଏସ ଟି ଏଫ ହାତରେ ଧରା ପଡ଼ିଥିଲେ ।

# ବାଜିବ ନାହିଁ ଡିଜେ, ହେବ ନାହିଁ ଉଚ୍ଚ ସାଉଣ୍ଡ

ପାରାଦୀପ ,( ଜିପ୍ର ) :ବାଜିବ ନାହିଁ ଡିଜେ, ହେବ ନାହିଁ ଉଚ୍ଚ ସାଉଣ୍ଡ। ପ୍ରସାଶନ ଉପସ୍ଥିତରେ ସମସ୍ତ ଟେଣ୍ଟ ଆଣ୍ଡ ଲାଇଟ ମାଲିକ ମାନଙ୍କୁ ସତର୍କ କରାଇ ଦେଲା ଜଗନ୍ନାଥ ଲାଇଟ ସାଉଣ୍ଡ ଆଣ୍ଡ ଟେଣ୍ଟ ମାଲିକ ସଂଘ। ଜଗତସିଂହପୁର ଜିଲ୍ଲା ରାହାମା ବଜାର ନିକଟ ନିଉ ଜିତ ମଣ୍ଡପରେ ଆଜି ଆୟୋଜିତ ସମନ୍ୱୟ ବୈଠକରେ ଏହା ଘୋଷଣା କରିଛନ୍ତି ଏହାର ସଭାପତି ଶିଶିର ଦାସ। ପାର୍ବଣ ରିତୁ ଆରମ୍ଭ ହୋଇଛି। ଏହି ପାର୍ବଣ ରିତୁରେ ସମଗ୍ର ଜିଲ୍ଲାରେ ଆରମ୍ଭ ହୋଇଛି ପୂଜାପର୍ବ। ଚଳିତ ବର୍ଷ ପ୍ରଶାସନ ପକ୍ଷରୁ କରାଯାଇଥିବା ନିୟମ ପାଳନ କରିବା ପାଇଁ ସଂଘ ପକ୍ଷରୁ ସମସ୍ତ ମାଲିକମାନଙ୍କୁ ଡକାଯାଇ ପ୍ରଶାସନ ଉପସ୍ଥିତରେ କରାଯାଇଛି ଏକ ସମନ୍ୱୟ ବୈଠକ।



ଅତିରିକ୍ତ ଜିଲ୍ଲାପାଳ ପ୍ରଶାନ୍ତ ତରାଇ , ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଜିଙ୍କ ମାଣେଙ୍କ ସମେତ ଜିଲ୍ଲାର ସମସ୍ତ ଥାନାର ଥାନା ଅଧିକାରୀ ଓ ତହସିଲଦାରମାନେ ଏହିବୈଠକରେଯୋଗଦେଇଥିଲେ। ରାତି ୧୦ ପୂର୍ବରୁ କାର୍ଯ୍ୟକ୍ରମ ବନ୍ଦ ହେବାସହ ଉଚ୍ଚ କ୍ଷମତା ସମ୍ପନ୍ନ ଲାଇଟ ଓ ସାଉଣ୍ଡ ବାଜିବା ନେଇ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଥିବା ବେଳେ ଏହାକୁ କଡାକଡି ଭାବରେ ପାଳନ କରାଯିବ ବୋଲି କହିଛି ସଂଘ। ଯିଏ ନ ମାନିବ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ପ୍ରଶାସନ ଚେତାବନୀ ଦେଇଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲାରେ ନିୟମକୁ ମାନୁଥିବା ବେଳେ ବାହାର ଜିଲ୍ଲାରୁ କେତେକ ଅମାନିଆ ଆସି ଡିଜେ ବଜାଇବା ସହ ହାଇ ସାଉଣ୍ଡ କରି ଏଠାରେ ବଦନାମ ସୃଷ୍ଟି କରୁଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେବାକୁ ପ୍ରଶାସନ ପାଖରେ ଜଗନ୍ନାଥ ଲାଇଟ ସାଉଣ୍ଡ ଆଣ୍ଡ ଟେଣ୍ଟ ମାଲିକ ସଂଘର ସଭାପତି ଶିଶିର ଦାସ ଦୃଷ୍ଟି ଆକର୍ଷଣ କରିଥିଲା ବେଳେ ଏଥିପ୍ରତି ନିଶ୍ଚୟ ଦୃଷ୍ଟି ରଖିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଛି।

# ବରିଷ୍ଠ ନାଗରିକ ମଞ୍ଚକୁ ସମସ୍ତ ସହଯୋଗ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି

ଚ ଣ୍ଡି ଖୋ ଳ , ( ସ ବୁ ୍ୟ) :ଯାଜପୁର ଜିଲ୍ଲାର ଚଣ୍ଡିଖୋଳ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ବଡଚଣା ବିଧାୟକ ଅମରକୁମାର ନାୟକ ପ୍ରତିସୃତି ଦେଇଛନ୍ତି । ଶନିବାର ଦିନ ଆଞ୍ଚଳିକ ନାଗରିକ ମଞ୍ଚ ପକ୍ଷରୁ ଚଣ୍ଡିଖୋଳ ସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ନାୟକ ଯୋଗଦେଇ ଏହି ପ୍ରତିସୃତି ଦେବା ସହିତ ବରିଷ୍ଠ ନାଗରିକମାନଙ୍କ ସମ୍ମାନ ସମାଜରେ ସବୁଠୁ ଉଚ୍ଚରେ ଓ ସେମାନେ ସର୍ବଦା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ । ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଲକ୍ଷମିଧର ସାହାଣୀ ବିବରଣୀ ପାଠ କରିଥିଲେ




। ପରେ ପରେ ପଣ୍ଡିତ ବିଜୟକୁମାର କରଶର୍ମାଙ୍କ ସଂଚାଳନରେ ବିଧାୟକ ଶ୍ରୀ ନାୟକଙ୍କୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥିରେ ମଞ୍ଚ ଉପଦେଷ୍ଟା ବ୍ରହ୍ମାନନ୍ଦ ଦାଶ, ଦୁଃଖିଶ୍ୟାମ ସହୁ,ଅଜୟକୁମାର ଜେନା,ଉତ୍ତମ ରଣା, ସନ୍ତୋଷକୁମାର ବିଶ୍ୱାଳ,ବଟକୃଷ୍ଣ ଜେନା,ଶିବରାମ ସ ା ହୁ , ଅ ଶୋ କ କୁ ମା ର ର ା ଉ ତ , ବି ଜ ୟ କୁ ମା ର ଜେ ନ ା , ଶ ର ତ ଚ ନ୍ଦ୍ର ନାୟକ,ଈଶ୍ୱରଚନ୍ଦ୍ର ସାମଲ,କୀର୍ତ୍ତନ ବେ ହେ ର ା , ଦୁ ଷ୍ମ ନ୍ତ କୁ ମା ର ସ୍ୱାଇଁ,ଭଗବାନ ପାଣ୍ଡାଙ୍କ ସହ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ । ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ ।

## ଚାଉଳ ବୋଝେଇ ପିକଅପ ଥାନାରେ ଅଟକ

ମହାକାଳପଡ଼ା,(ସବ୍ୟୁ ): ମହାକାଳପଡ଼ା ବ୍ଲକ କରଞ୍ଜି ଫଂଚାୟତ ରୁ ପିଡ଼ିଏସ ଚାଉଳ ଚୋରା ଚାଲାଣ ହେଉଥିବାର ଖବର ପାଇଁ ମାର୍ଶାଘାଇ ପୋଲିସ ରବିବାର ମଙ୍ଗଳାଛକ ନିକଟରୁ ଚାଉଳ ବୋଝେଇ ଗାଡି ଜବତ କରିଛି। ଜବତ ଗାଡି କୁ ଥାନାକୁ ନେବା ପରେ ବିଭିନ୍ନ ଦିଗରେ ଅନୁସନ୍ଧାନ ଜାରିରଖିଛନ୍ତି। ଆହୁରି ମଧ୍ୟ ଯୋଗାଣ ବିଭାଗୀୟ ଅଧିକାରୀଙ୍କୁ ସମ୍ପୃକ୍ତ ଚାଉଳ ବିଷୟରେ ଅବଗତ କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନାଅଧିକାରୀ କହିଛନ୍ତି।

# ଧର୍ମଶାଳା ପ୍ରେସ କ୍ଲବରୁ ବାରମ୍ବାର ଚୋରି : ପୋଲିସ ଚୁପ୍

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ଜାରକାସ୍ଥିତ ଧର୍ମଶାଳା ପ୍ରେସ କ୍ଲବରୁ ବାରମ୍ବାର ଚୋରି ହେଉଥିବା ଘଟଣାକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି। ଯଦି ସାମ୍ବାଦିକଙ୍କ କାର୍ଯ୍ୟାଳୟରେ ହେଉଥିବା ଚୋରିକୁ ଧରିବା ଲାଗି ପୁଲିସ ଅସମର୍ଥ ହେଉଛି, ସେଠାରେ ସାଧାରଣ ଜନତା ପୁଲିସ ଉପରେ କିଭଳି ଭରସା କରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ ଗତ ମାସକ ତଳେ ପ୍ରେସ କ୍ଲବରେ ଲାଗିଥିବା ଦୁଇ ଗୋଟି ଏସିରୁ ଦୁର୍ବୃତମାନେ ତମ୍ବା ପାଇପ କାଟି ନେଇଯାଇଥିଲେ। ଏସମ୍ପର୍କରେ ଧର୍ମଶାଳା ଥାନା ପୁଲିସ ଲିଖିତ ଅଭିଯୋଗ ପାଇ ନାମକୁ ମାତ୍ର ଲୋକଦେଖାଣିଆ ତଦନ୍ତ କରି ଚୁପ। ପ୍ରଥମ ଚୋରି ପରେ କ୍ଲବ ତରଫରୁ ୧୨ ହଜାର ଟଙ୍କା ଖର୍ଚ୍ଚ କରାଯାଇ ଏସିରେ ପୁଣି ନୁଆ ତମ୍ବାତାର ଓ ଗ୍ୟାସ ଭର୍ତି କରାଯାଇଥିଲା। ହେଲେ ଶନିବାର ରାତିରେ ପୁଣି ଦୁର୍ବୃତମାନେ ଏସିରେ ଲାଗିଥିବା ନୂତନ ତମ୍ବା ପାଇପକୁ ଚୋରି କରିନେଇଛନ୍ତି। ପୁଲିସ ଏହାକୁ ଅତି ହାଲୁକା ଭାବେ ଗ୍ରହଣ କରି ଚୋରିରେ ସମ୍ପୃକ୍ତ ଦୁର୍ବୃତମାନଙ୍କୁ ଧରିବାରେ ଅସଫଳ ହେଉଛି। ପୁଲିସର ଏଭଳି ନିଷ୍କ୍ରିୟତା ପଣିଆକୁ ସାଧାରଣରେ ନିନ୍ଦା କରାଯାଇଛି। ସମୟକ୍ରମେ ଜାରକା ବଜାରରେ ଲୋକସଂଖ୍ୟା ସହିତ ଦୋକାନ ବୃଦ୍ଧି ପାଉଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ସହିତ ଧନଜୀବନ ରକ୍ଷା କରିବା ପାଇଁ ୨୦୦୩ ମସିହାରେ ଜାରକା ଠାରେ ଏକ ପୁଲିସ ବିଟ ହାଉସ ପ୍ରତିଷ୍ଠା କରାଯାଇଥିଲା। ହେଲେ ବିଟ ହାଉସରେ ରହୁଥିବା ପୁଲିସ କର୍ମଚାରୀମାନେ ବେପରୱା ଓ ମନଇଚ୍ଛାରେ କାର୍ଯ୍ୟକରୁଥିବା ଅଭିଯୋଗ ହେଉଛି। ଜାରକା ବିଟ ହାଉସ ନିକଟ ମାତ୍ର ୫୦ ମିଟର ଦୁରରେ ରହିଥିବା ପ୍ରେସ କ୍ଲବରୁ ଚୋରି ରୋକିବାରେ ବିଟହାଉସ ପୁଲିସ ଅସମର୍ଥ ହୋଇଛି। ଜାରକା ଅଂଚଳରୁ ବିଗତ କିଛି ମାସ ମଧ୍ୟରେ ଯାହା ଚୋରି ଅଭିଯୋଗ ହୋଇଛି ସେହି ମାମଲା ଗୁଡିକରେ ପୁଲିସ କିଛି ନିର୍ଣ୍ଣାୟକ ଭୂମିକାରେ ପହଁଚି ପାରୁନାହିଁ ଯାହାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଏଭଳି ଅବସ୍ଥାରେ ଧର୍ମଶାଳା ପୁଲିସର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜାରକା ଅଂଚଳରୁ ବାରମ୍ବାର ଚୋରି ରୋକିବାରେ ପୁଲିସର ଅସମର୍ଥତାକୁ ସାଧାରଣରେ ଘୋର ନିନ୍ଦା କରାଯାଇଛି।

# ପିଏମ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଯୁବ ସଂସଦ ପ୍ରତିଯୋଗୀତା

ପା ଣି କୋ ଇ ଲି , ( ସ ବୁ ୍ୟ ): ପାଣିକୋଇଲିସ୍ଥିତ ପିଏମ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ରେ ଯୁବ ସଂସଦ ପ୍ରତିଯୋଗୀତା ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଯୋଗଦେଇଥିଲେ। ସଂସଦ କିପରି ଚଲାଯାଏ ବିରୋଧି ଦଳ ଓ ସରକାରୀ ଦଳର ଭୂମିକାକୁ ନେଇ ଶପଥ ପାଠ ସହିତ କାଯ୍ୟକ୍ରମ କିପରି ଭୂମିକା ନିର୍ବାହ କରନ୍ତି ସେ ନେଇ ଏକ ମଂଚ ପ୍ରସ୍ତୁତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗଦେଇ ସଂସଦ ସମ୍ପର୍କୀତ ସମସ୍ତ ବିଷୟ ଜାଣିବା ଓ ବୁଝିବା ନେଇ କାର୍ଯ୍ୟକ୍ରମ କରାଯାଇଥିଲା। ବାଚସ୍ପତିଙ୍କ ଠାରୁ ଆରମ୍ଭ କରି ସଂସଦରେ କେଉଁମାନେ କିପରି ବସିବେ ତାର କ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ଅଭିମନ୍ୟୁ ଭଟ୍ଟ, ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଟ୍ଟାୟତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତଅୀ ମାନେ ସୁସଜ୍ଜିତ ବେଶରେ ସାଂସଦଙ୍କୁ ଗେଟ ପାଖରୁ ପାଛୋଟି ନେଇଥିଲେ। ଏହି ଅବସରରେ ଶ୍ରୀମତୀ ଦେଓ ବିଦ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ମୂର୍ତିରେ ପୁଷ୍ପମାଳ ପ୍ରଦାନ କରିବା ସହ ବିଦ୍ୟାଳୟ ପରିସର ବୁଲିଦେଖିଥିଲେ। ସଂସଦରେ ଥିବା ତାଙ୍କର ଅନୁଭୂତିକୁ ନେଇ କେତେକ ତଥ୍ୟ ରଖିଥିଲେ। ଯୁବ ବର୍ଗ ମାନେ ସାଂସଦ କିପରି ଚାଲେ ତାର ପ୍ରସ୍ତୁତି କରିଥିଲେ ହେଲେ କିପରି ଜଣେ ଭଲ ସାଂସଦ ହୋଇପାରିବେ ସେ ନେଇ ଶ୍ରୀମତୀ ଦେଓ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ।

# ରାସ୍ତାକଡ ଗଛଲତା ସଫା କଲେ

ନାଉଗାଁ,(ସବୁ ) :ଜଗତସିଂହପୁର ଜିଲ୍ଲା ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଦେଇ ଯାଇଥିବା ପୂର୍ତ୍ତ ବିଭାଗର ବାଲିକୁଦା-ନାଉଗାଁ ରାସ୍ତା ପାଶ୍ୱର୍ରେ ଗଛଲତା ରାସ୍ତା ଉପରକୁ ମାଡ଼ି ଆସିଥିଲା । ଫଳରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେବା ସହ ବଡ଼ ଯାନବାହନ ଯାତାୟାତରେ ମଧ୍ୟ ଅସୁବିଧା ହେଉଥିଲା । ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ମଧ୍ୟ ଅନାବନା ଲତା ମାଡ଼ିଯାଇଥିବାରୁ ପରିବେଶ ଅପରିଷ୍କାର ହୋଇପଡ଼ିଥିଲା । ଲତାବୁଦା ମଧ୍ୟରେ ବିଷଧର ସାପ ରହିବାର ଆଶଙ୍କା ଥିବାରୁ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ମଧ୍ୟ ଭୟ ସୃଷ୍ଟି ହେଉଥିଲା । ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ଜାମୁଦଣ୍ଡାସ୍ଥିତ ଗଣେଶ ପୂଜା କମିଟିର ଯୁବକମାନେ ଆଗେଇ ଆସି ରାସ୍ତାକୁ ମାଡ଼ି ଆସିଥିବା ଗଛଲତା କାଟି ସଫା କରିଥିଲେ । ଏହି ସଫେଇ କାର୍ଯ୍ୟରେ ପ୍ରଭଞ୍ଜନ ନାୟକ, ଶ୍ରୀକାନ୍ତ ମହାନ୍ତି, କାର୍ତ୍ତିକ ନାୟକ, ସମୀର ଦାସ, ଶୁଭମ ମୁଦୁଲି, ସନ୍ଦୀପ ମୁଦୁଲି, ସିଲୁ ମହାନ୍ତି ଓ କାଲୁ ମହାନ୍ତିଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ ।

# ପୁସ୍ତକ ଅନୁରାଗ ଉନ୍ମୋଚିତ

କେନ୍ଦ୍ରାପଡା,(ସବ୍ୟୁ) :ଶ୍ରୀ ବଳଦେବଜୀଉ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥଙ୍କ ଉଦ୍ଦେଶ୍ୟରେ ବହୁ ଜନପ୍ରିୟ କବି ଓ ଲେଖକଙ୍କ ଦ୍ୱାରା ରଚିତ ଆଲେଖ୍ୟର ଏକ ସଫଳ ସଂକଳନ ଅନୁରାଗ ଶୀର୍ଷକ ପୁସ୍ତକ ବହୁ ବରେଣ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଯାଇଛି । ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନର ଅକ୍ଷୟ ମହାନ୍ତି କକ୍ଷରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଶ୍ରୁତିର ସମ୍ପାଦକ ସର୍ବେଶ୍ୱର ମିଶ୍ର ଅଧକ୍ଷତା କରିଥିଲେ । ଏଥିରେ ଡ଼. ସର୍ବେଶ୍ୱର ସେଣ ମୁଖ୍ୟ ଅତିଥି, ଡ଼. ନୀଳମଣି ଲେଙ୍କା ମୁଖ୍ୟ ବକ୍ତା, ପଣ୍ଡିତ ପଦ୍ମନାଭ ତ୍ରିପାଠୀ ବିଶିଷ୍ଟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବରେ ଡ଼. ମନୋରଞ୍ଜନ ଦାଶ, ଦୟାନିଧି ଦାଶ, ସଙ୍ଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ତାଳଧ୍ୱଜ ସମ୍ପାଦକ ସରୋଜ ମହାନ୍ତି, ଅନୁରାଗ ସମ୍ପାଦକ ଶାରଦା ପ୍ରସାଦ ମିଶ୍ର,ସହରିଶ୍ ଜେନା ପ୍ରମୁଖ ଯୋଗଦାନ ପୂର୍ବକ ପଣ୍ଡିତ ହୃଷୀକେଶ ରଥଙ୍କ ନିରଳସ ଆଦର୍ଶ ଆଧ୍ୟାତ୍ମିକ ଜୀବନାୟନ ସମ୍ପର୍କରେ ଆଲୋଚନା କରିବା



ସହିତ ଅନୁରାଗ ପୁସ୍ତକର ଲୋକାର୍ପଣ କରିଥିଲେ । ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିମାନେ ପଣ୍ଡିତ ହୃଷୀକେଶ ରଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାକାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କବି ଶ୍ରୀଧର ଭୋଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆରମ୍ଭରେ ଶ୍ରୀ ବଳଦେବଜୀଉଙ୍କ ଫଟୋରେ ଅତିଥିମାନେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । କଳା ନିକେତନ ପରିସରରେ ଥିବା ଅକ୍ଷୟ ମହାନ୍ତି, ଭିକାରୀ ବଳ, ଲୋକକବି ଭାବଗ୍ରାହୀ ପରିଡ଼ା ଏବଂ କବି ପନୀ ସରୋଜିନୀ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ଶେଷରେ ଅଧ୍ୟାପକ ଇନ୍ଦ୍ରମଣି ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଣ୍ଡିଖୋଲ କଲେଜ ଛାତ୍ରୀ ଅଭିଲିପ୍ସାଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା :ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଯୋଗଦାନ

ଚ ଣ୍ଡୀ ଖୋ ଳ , ( ସ ବୁ ୍ୟ) : ଯାଜପୁର ଜିଲ୍ଲା ଚଣ୍ଡୀଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ଦୁଇ ଛାତ୍ରୀ ଅଭିଲିପ୍ସା ସୁଭାସିନୀଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି । ଅଭିଲିପ୍ସାଙ୍କ ନିଜ ଗ୍ରାମ ବଡଚଣା ବ୍ଲକ ଅରଖପୁର ସ୍ଥିତ ତାଙ୍କ ବାସଭବନରେ ଓ ଚଣ୍ଡିଖୋଲ କଲେଜ ପରିସରରେ ପୃଥକ ପୃଥକ ଭାବେ ଦୁଇଟି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବର୍ଗର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତା ଅଭିଲିପ୍ସାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ ପୂର୍ବକ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବଡଚଣାର ସମାଜସେବୀ ମନୋରଞ୍ଜନ ଜେନାଙ୍କ ଝିଅ ଅଭିଲିପ୍ସା ସୁଭାସିନୀଙ୍କର ଗତ ୧ ତାରିଖ ଦିନ ଅକାଳ ମୃତ୍ୟୁ ଘଟିଥିଲା । ସେ ଜଣେ ମେଧାବୀ ଛାତ୍ରୀ ସହିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ କ୍ରୀଡ଼ାବିତ ଭାବେ ନିଜର ପ୍ରତିଭାକୁ ବିକଶିତ କରି ସଭିଙ୍କ ପ୍ରିୟ ଭାଜନ ହୋଇଥିଲେ । ଚଣ୍ଡିଖୋଲ କଲେଜରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କଲେଜ ଅଧକ୍ଷ ପ୍ରିୟବ୍ରତ ମହାନ୍ତିଙ୍କ ସହ ସମସ୍ତ ଅଧ୍ୟାପକ-ଅଧ୍ୟାପିକା,କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଯୋଗଦେଇ ଗଭୀର ଶୋକବ୍ୟକ୍ତ କରିଥିଲେ ।

ସେହିପରି ତାଙ୍କ ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲଚନ୍ଦ୍ର ଘଡ଼ାଇ, ବଡ଼ଚଣା ବ୍ଲକ ଅଧକ୍ଷଙ୍କ ପ୍ରତିନିଧି ନିରଞ୍ଜନ ସେନାପତି, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ,ପ୍ରାକ୍ତନ ସାଂସଦ ମୋହନ ଜେନାଙ୍କ ଧର୍ମପନୀ ସମାଜସେବୀ ହରପ୍ରିୟା ପାଣିଗ୍ରାହୀ, ବୁଦ୍ଧ ଫାଉଣ୍ଡେସନର ରାଜ୍ୟ ସଂଯୋଜକ ଅମୀୟ ସେଠୀ,ବାର ଆସୁସିଏସନ ସଭାପତି ଦେବରାଜ ବେହେରା, ଗଞ୍ଜାମ ଜିଲ୍ଲା ସଂଗଠନର ସଭାପତି ବଳରାମ ଟି.ବାବୁ, ଆମ୍ବେଦକର ଫାଉଣ୍ଡେସନର ସଭାପତି ସୁରେନ୍ଦ୍ରକୁମାର ମଲ୍ଲିକ,ଅଧାପକ ଅରକ୍ଷିତ ମଲ୍ଲିକ,ବନମାଳୀ ସେନାପତି,କେନ୍ଦ୍ରାପଡ଼ା ଜିଲ୍ଲା ଆମ୍ବେଦକର-ଲୋହିଆ ମଞ୍ଚର ସାଧାରଣ ସମ୍ପାଦକ ଦଶରଥ ମଲ୍ଲିକ,ବିଏସପିର ସଭାପତି କ୍ଷୀରୋଦ ମଲ୍ଲିକ,ଆମ୍ବେଦକର ସେବକ ସଂଘର ରାଜ୍ୟ ସଭାପତି ଦୈତାରୀ ନାୟକ, ସାଧାରଣ ସମ୍ପାଦକ କ୍ଷୀରୋଦ ନାୟକ,ରାଜ୍ୟ ମହିଳା ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ଯୁବ-ଛାତ୍ର ନେତା ବିବୃତ ବିଶ୍ୱଜିତ, ଦୀପକ ଭୋଇ, ମାୟାଧର ଜେନା,ଦିଲୀପ ଜେନା, ଅନୁଗୁଳ ଜିଲ୍ଲା ସଭାନେତ୍ରୀ ସୁଜାତା ନାୟକ, ସୁବଳ ନାୟକ, ସିଭିଲ ସୋସାଇଟି ଫୋରମର ରାଜ୍ୟ ସଂଯୋଜକ ବିଶ୍ୱନାଥ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଅଭିଲିପ୍ସାଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଜପକୁଦ ଆଞ୍ଚଳିକ ସାର୍ବଜନୀନ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ

ସାଲେପୁର ,(ସବ୍ୟୁ) :ସାଲେପୁର ବ୍ଲକ ଜପକୁଦ ଅଞ୍ଚଳିକ ସର୍ବଜାନିନ ଦୁର୍ଗାପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ୍ୟ କମିଟିର ସଭାପତି ସଚ୍ଚିଦାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ମାଆଙ୍କ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଆଗାମୀ ପୂଜାକୁ କିଭଳି ଭାବରେ ସରସ ସୁନ୍ଦର କରାଯାଇ ପାଳନ କରାଯିବ ଆଲୋଚନା ହୋଇଥିଲା । ଆଗାମୀ ବାମନ ଜନ୍ମ ସୁନିଆରେ ମାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମହନାପୁର ଗ୍ରାମର ଅଧିଷ୍ଠାତ୍ରୀ ଦେୀ ମାକାଳୀଙ୍କ ପୀଠ ନିକଟ ସୁକଭଦ୍ରା ନଦୀରୁ ମୂର୍ତ୍ତୀକା ଉତ୍ତୋଳନ କରାଯାଇ ଏକ ପଟୁଆରରେ ମଣ୍ଡପକୁ ଅଣାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି କରାଯାଇଥିଲା । ଏହା ସହ ଆଗାମୀ ଦୂର୍ଗା ପୂଜା ରେ ସପ୍ତମୀ,ଅଷ୍ଟମୀ ,ନବମୀ ଓ ଦଶହରା ଦିନ ବିଭିନ୍ନ ସୁନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟ, ଭଜନ ଓ ମେଲୋଡି ଅନୁଷ୍ଠିତ ହେବା ପାଇ ସ୍ଥିର କରାଗଲା । ବୈଠକରେ କମିଟି ସମ୍ପାଦକ ପ୍ରଦୀପ୍ତ କୁମାର ମିଶ୍ର, ଜପକୁଦ ବଜାର କମିଟି ସଭାପତି ନୟନା ଭିରାମ ବିଭୂତି ଭୂଷଣ ଭାନୁପ୍ରକାଶ, କ୍ଷୀରୋଦ ଚନ୍ଦ୍ର ଶତପଥୀ, ପ୍ରମୋଦ କୁମାର ଦାସ, ପ୍ରଦୀପ୍ତ କୁମାର ଦାସ, କେଶବ ଚନ୍ଦ୍ର ମିଶ୍ର, ବଟକୃଷ୍ଣ ସ୍ୱାଇଁ, ଲୋକନାଥ ଷଡ଼ଙ୍ଗୀ,ଶମ୍ଭୁନାଥ ଚୌଧୁରୀ, ନରେନ୍ଦ୍ର ଶତପଥୀ,ଅଜୟ କୁମାର ପରିଜା. ଦୁର୍ଗାପ୍ରସାଦ ମିଶ୍ର, ଦେବାଶିଷ ପ୍ରଧାନ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ନାବାଳିକାଙ୍କୁ ଅସଦାଚରଣ: ଜଣେ କୋର୍ଟଚାଲାଣ

ମହାକାଳପଡ଼ା,(ସବ୍ୟୁ ):ମହାକାଳପଡ଼ା ବ୍ଲକ ଅଧୀନ ତନ୍ତିଆ ପାଳ ସାମୁଦ୍ରିକ ଥାନାଞ୍ଚଳ ସୁନୀତି ଫଂଚାୟତସ୍ଥ ସୁନୀତି ଗାଁ ର ନାବାଳିକାଙ୍କ ଅଭିଯୋଗ କ୍ରମେ ବଡ଼ ବାପା କୋର୍ଟ ଫରଓ୍ୱାର୍ଡ ହୋଇଥିବାର ଜଣାପଡିଛି। ନାବାଳିକା ବଡ଼ବାପା ଓ ଜେଜେ ବାପାଙ୍କ ସହିତ କଙ୍କଡା ଧରିବାକୁ ଯାଇଥିବା ବେଳେ ଅସଦାଚରଣ ର ଶୀକାର ହୋଇଥିବାର ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ମାମଲା ୧୪୨/୨୬ ରୁଜୁ କରି ତଦନ୍ତ ଜାରିରଖିଛି।ଏନେଇ ଅଭିଯୁକ୍ତ ବଡ଼ବାପାଙ୍କୁ ଶନିବାର କୋର୍ଟ ଫରଓ୍ୱାର୍ଡ କରିବା ସହିତ ଅସୁସ୍ଥତା ହେତୁ ଜେଜେ ବାପାଙ୍କ ଉପରେ କଡା ନଜର ରଖିଥିବାର ଜଣାପଡିଛି।

# ଜଳଯୋଗାଣ ପାଇପ ବିଛାଇବାରେ ଅନିୟମିତତା

ଯ ା ଜ ପୁ ର ସ ଦ ର / ବରୀ,(ସବ୍ୟୁ) :ଯାଜପୁର ଜିଲ୍ଲା ବରୀ ବ୍ଲକକୁ ମେଗା ପ୍ରକଳ୍ପ ଜରିଆରେ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ବ୍ୟବସ୍ଥା କରାଯାଉଛି । ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଉଚ୍ଚ ଶକ୍ତି ସମ୍ପନ୍ନ ପାଣି ଟାଙ୍କିନିର୍ମାଣ ହେଉଛି । ମାତ୍ର ପାନୀୟ ଜଳ ପ୍ରକଳ୍ପ ପାଇଁ ବିଛାଯାଉଥିବା ପାଇପ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ସରକାରୀ ନିୟମ ଅନୁସାରେ ପାନୀୟ ଜଳ ପାଇଁ ବିଛା ଯାଉଥିବା ପାଇପଗୁଡ଼ିକୁ ଏକ ମିଟର ଗଭୀର ତଳେ ରଖା ଯିବା କଥା । ଏତଦ ବ୍ୟତୀତ ପାଇପ ବିଛା ଯିବା ପରେ ତା' ଉପରେ ୪ ଇଞ୍ଚ ଢଳେଇ ଦିଆଯାଇ ଯେମିତି ପାଇପଗୁଡ଼ିକ ନଷ୍ଟ ନ ହୁଏ ଏବଂ ଲୋକେ ଯାତାୟାତ କ୍ଷେତ୍ରରେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହାକୁ ଗୁରୁତ୍ୱ ଦେବାକୁ ବ୍ୟୟ ଅଟକଳ ଅନୁଯାୟୀ ଅର୍ଥ ମଞ୍ଜୁର ହୋଇଛି । ହେଲେ ସାନପଡ଼ା ପଞ୍ଚାୟତରେ ପାନୀୟ ଜଳ ପାଇଁ ପାଇପ ବିଛା ଯାଉଥିବା ବେଳେ ସରକାରୀ ନିୟମ ଉଲ୍ଲଂଘନ କରି ଦାୟିତ୍ୱରେ ଥିବା ଠିକାଦାର ନିର୍ଦ୍ଧାରିତ ଗଭୀରରେ ପାଇପ ବିଛାଉ ନ ଥିବା ଅଭିଯୋଗ ହେଉଛି । ଏଥିସହିତ ରାସ୍ତାରୁ ଖୋଳା ଯାଇଥିବା ଗୋଡ଼ିଗୁଡ଼ିକୁ ପାଇପକୁ ଘୋଡ଼ାଇବାକୁ ବିନିଯୋଗ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟରେ ଲିଖିତ ଓ ମୌଖିକ ଅଭିଯୋଗ ହେଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ମେଗା ପ୍ରକଳ୍ପ ଜରିଆରେ ପାଇପ ବିଛା କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହେଉଛି ।

# ସମାଜସେବା ସମର୍ପଣ ଚାରିଟେବୁଲ ଟ୍ରଷ୍ଟର ସମ୍ବର୍ଦ୍ଧନା ଉତ୍ସବ

ନିଶ୍ଚିନ୍ତକୋଇଲି, ( ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ବଡକ୍ଷୀର ପଞ୍ଚାୟତ ଧଳପଡାଠାରେ ଥିବା ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସମାଜସେବା ସମର୍ପଣ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ମା' ବିଂଶଭୂଜା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ସମାଜରେ ବିଭିନ୍ନ କ୍ଷେତ୍ରରେ କା ର୍ଯ୍ୟକରି ସୁନାମ ଅର୍ଜନ କରିଥିବା କଳାକାର, ଆଧ୍ୟାତ୍ମବାଦୀ, ସଂଗୀତ ସାଧକ, ନୃତ୍ୟକାର ଓ ସାମ୍ବାଦିକତା ପାଇଁ ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ସେମାନଙ୍କର ଭବିଷ୍ୟତ କା ର୍ଯ୍ୟପନ୍ଥାକୁ ଅଗ୍ରସର ପାଇଁ ଉତ୍ସାହିତ କରାଯାଇଥିଲା। ଟ୍ରଷ୍ଟର ସଭାପତି ପ୍ରତାପ କୁମାର ସିଂଙ୍କ ସଭାପତିତ୍ୱ




ଏବଂ ଯୁବ ଉଦ୍‌ଘୋଷକ ରାଜେଶ କୁମାର ସାହୁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍ସାହ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦେବାଶିଷ ବେହୁରା, ମୁଖ୍ୟବକ୍ତା ଭାବେ ଯୁବ ପ୍ରବଚକ ସୁଶାନ୍ତ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ କୁଞ୍ଜବିହାରୀ ମଠାଧିଶ ମହନ୍ତ ଅନନ୍ତରାମ ଦାସ, ଅବସରପ୍ରାପ୍ତ ସେନା ଅଧିକାରୀ ବିଜୟ କୁମାର ବରାଳ, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ସାହୁ , ସମାଜସେବୀ ବିସ୍ମୟ କୁମାର ମହାପାତ୍ର, ଧର୍ମଜିତ୍ ପ୍ରଧାନ,ସନ୍ତୋଷ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂପୃକ୍ତ ବ୍ୟକ୍ତି ବିଶେଷମାନଙ୍କୁ ମାନପତ୍ର, ଫଳକ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ସୁରେନ୍ଦ୍ରନାଥ ରାଉତ, ପ୍ରଫୁଲ୍ଲ କୁମାର ମହାପାତ୍ର, ଜଗନ୍ନାଥ ପଣ୍ଡା, କଳ୍ପତରୁ ନାୟକ, ବିଜୟ କୁଅଁର, ପ୍ରମୋଦ କୁମାର ଦାଶ, ପ୍ରକାଶ ଚନ୍ଦ୍ର ରାଉଳ, ପବିତ୍ର କୁମାର ଓଝା, ଭାବଗ୍ରାହୀ ମିଶ୍ର, ଦେବେନ୍ଦ୍ର ଷଡଙ୍ଗୀ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଶେଷରେ ଶିକ୍ଷାବିତ୍ ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ : ତୁଟିଲା ୪୭୦୭ ମାମଲା

ଯାଜପୁରସଦର,(ସବ୍ୟୁ) :ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରମୋଟ ୪୭୦୭ ଟି ମକଦ୍ଦମା ଫଇସଲା ହୋଇଛି । ସେଥି ମଧ୍ୟରୁ ୧୬୧ ଟି ଫୌଜଦାରୀ, ୪୧ ଟି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ୪୨ ଟି ଦେଓ୍ୱାନୀ, ୧୯ଟି ପାରିବାରିକ କଳହ ମକଦ୍ଦମା, ୧୪ ଟି ଶ୍ରମ ବିବାଦ, ଖାଉଟି ବିବାଦ ୪ ଟି, ଟ୍ରାଫିକ ଚାଲାଣ ୧୫୫ ଟି ଏବଂ ରାଜସ୍ୱ ବିଭାଗର ୪୨୭୧ ଟି ମାମଲା ଫଇସଲା କରାଯାଇ ମୋଟ ୮ କୋଟି ୭୫ ଲକ୍ଷ ୯୭ ହଜାର ୩୧୪ ଟଙ୍କା ଆଦାୟ କରାଯାଇଛି । ଏତଦ ବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୬୦ ଟି, ବିଦ୍ୟୁତ ବିଭାଗର ୩୦୯ ଟି, ସ୍ଥାୟୀ ଲୋକ ଅଦାଲତର ୧ଟି, ଏବଂ ଟେଲିଫୋନ ସମ୍ବନ୍ଧୀୟ ୨୩ଟି ପ୍ରାକ-ବିଚାରାଧୀନ ମାମଲା ଫଇସଲା କରାଯାଇ ମୋଟ ୬୦ ଲକ୍ଷ ୫୧ ହଜାର ୯୪୭ ଟଙ୍କା ମଧ୍ୟ ଆଦାୟ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଲିପା ମହାନ୍ତି ଏହାକୁ ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଡଃ ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ରେଜିଷ୍ଟ୍ରାର ଶ୍ରୀମତୀ ପଲ୍ଲବୀ ରାଣୀ ସାହୁ, ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ବିଚାରପତି ଶ୍ରୀମତୀ ନେହା ଅଗ୍ରଓ୍ୱାଲ, ବରିଷ୍ଠ ବିଚାରପତି (ଏଲ.ଆର. ଏବଂ ଏଲ. ଟି.ଭି. ଶ୍ରୀମତୀ ଲୋପାମୁଦ୍ରା ବେହେରା, ଏସ.ଡି.ଜେ.ଏମ ଶ୍ରୀମତୀ ସୁମିତ୍ରା ବିଶ୍ୱାଳ, ଦେଓ୍ୱାନୀ ବିଚାରପତି ଶ୍ରୀମତୀ ସୁନୀତା ବିଶ୍ୱାଳ, ଜେ.ଏମ. ଏଫ.ସି ଶ୍ରୀମତୀ ବୀଣାପାଣି ଟାଣ୍ଡି, ଜେ.ଏମ.ଏଫ.ସି (ଏଲ. ଆର. ଏବଂ ଏଲ.ଟି.ଭି. ଶ୍ରୀ ଅଂଶୁମାନ ରଥ ଅଂଶଗ୍ରହଣ କରି ବିଭିନ୍ନ ମକଦ୍ଦମା ଗୁଡିକ ଫଇସଲା କରିଥିଲେ । ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ଫିନାଇଲ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା ।

## ମଦ ଜବତ , ଦୋକାନୀ ଚମ୍ପଟ

ମହାକାଳପଡ଼ା,(ସବ୍ୟୁ ) ବେଆଇନ ମଦ ବ୍ୟବସାୟୀ ଙ୍କ ଉପରେ ତନ୍ତିଆ ପାଳ ସାମୁଦ୍ରିକ ପୋଲିସ କଡା ନଜର ରଖି ଗୋଟିକ ପରେ ଗୋଟିଏ ମଦ ବେପାରୀ ଙ୍କ ଉପରେ ଚଢ଼ାଉ କରୁଛି। ଦୁଇ /ତିନି ଦିନ ତଳେ ଚୋରା ମଦ ବେପାରୀ ଷାଠିଏବାଟି ର ବୁଲୁ ତରାଇଙ୍କ ଠାରୁ ୪୫ଲିଟର ବିଦେଶୀ ମଦ ଜବତ କରିବା ସହିତ ବେପାରୀଙ୍କୁ କୋର୍ଟ ଫରଓ୍ୱାର୍ଡ କରିଛି। ସେହିପରି ରବିବାର ସନ୍ଧ୍ୟା ରେ ମିଳନ ମୋଡ଼ ଗୁରୁପଦଙ୍କ ସାଧାରଣ ଦୋକାନ ରୁ ବେଆଇନ ଭାବେ ମଦ ବ୍ୟବସାୟ ନେଇ ପୋଲିସ ଟିମ ଚଢ଼ାଉ କରିଥିଲେ। ପୋଲିସ ଟିମ ବିଭିନ୍ନ ବ୍ରାଣ୍ଡର ମଦ ଜବତ କରିବାରେ ସକ୍ଷମ ହୋଇଥିବା ବେଳେ ବ୍ୟବସାୟୀ ଖସିଯାଇଥିଲେ।

# ପିପିଲିରେ ଏକାଧିକ ଜନମୁଖୀ ପ୍ରକଳ୍ପର ଶୁଭାରମ୍ଭ, ଲୋକାର୍ପଣ



ପିପିଲି,(ସବ୍ୟୁ): ପିପିଲି ଅଞ୍ଚଳର ସ୍ୱଚ୍ଛତା, ଆଲୋକୀକରଣ, ପାନୀୟ ଜଳ ଓ ନବୀକରଣଯୋଗ୍ୟ ଶକ୍ତି ସଚେତନତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଶୁକ୍ରବାର ଦିନ ଏକାଧିକ ଜନମୁଖୀ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ ହୋଇଛି। ପିପିଲି ବ୍ଲକ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଯୋଗଦେଇ ପୂଜାର୍ଚ୍ଚନା ପରେ ପତାକା ଦେଖାଇ ସ୍ୱଚ୍ଛତା ଅଭିଯାନ ପାଇଁ ସୁଖିଲା ଅଳିଆ ସଂଗ୍ରହ ଯାନ ଏବଂ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ସଚେତନତା ପାଇଁ 'ସୋଲାର ରଥ'ର ଶୁଭାରମ୍ଭ କରିଥିଲେ। ପିପିଲି ଏନଏସି ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସୁଖିଲା ଅଳିଆ ସଂଗ୍ରହ ଯାନର ଶୁଭାରମ୍ଭ କରାଯାଇଛି। ଏହା ମାଧ୍ୟମରେ ପଞ୍ଚାୟତ ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରୁ ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିଚାଳନା କାର୍ଯ୍ୟ ଅଧିକ ସୁବ୍ୟବସ୍ଥିତ ହୋଇପାରିବ ବୋଲି ଆଶା କରାଯାଉଛି। ସେହିପରି 'ସୋଲାର ରଥ' ମାଧ୍ୟମରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ।ଅନ୍ୟପକ୍ଷରେ ପିପିଲି ଏନଏସି ଅଞ୍ଚଳର ଆଲୋକୀକରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ 'ଗ୍ରୀନ ଫିଲ୍ଡ ଲାଇଟ' ପ୍ରକଳ୍ପର ଲୋକାର୍ପଣ କରାଯାଇଛି।

ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ସାଂସଦ ଡକ୍ଟର ସମ୍ବିତ ପାତ୍ର ସୁଇଚ ଟିପି ଏହି ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଫଳରେ ଏନଏସି ଅଞ୍ଚଳର ମୁଖ୍ୟ ରାସ୍ତାଗୁଡ଼ିକ ଆଲୋକିତ ହୋଇପାରିଛି। ଏହି ପଦକ୍ଷେପ ଦ୍ୱାରା ରାତ୍ରି ସମୟରେ ଯାତାୟାତ ଓ ଜନସାଧାରଣଙ୍କ ସୁବିଧା ବୃଦ୍ଧି ପାଇବ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା କହିଛନ୍ତି। ସେହିପରି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ତୃଷାକୁ ଜଳଦାନ, ଏକ ମହ୍ ଦାନ' ଉଦ୍ଦେଶ୍ୟରେ ଦୁଇଟି 'ୱାଟର ଏଟିଏମ' ପାନୀୟ ଜଳସେବା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପିପିଲି ହାଟଚକ ଓ ଏନଏସି ମାର୍କେଟ କମ୍ପ୍ଲେକ୍ସରେ ଏହି ଦୁଇଟି ପାନୀୟ ଜଳ କେନ୍ଦ୍ର ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର।

ଜନବହୁଳ ସ୍ଥାନରେ ଏହି ଦୁଇଟି ପାନୀୟ ଜଳ କେନ୍ଦ୍ର ନିର୍ମାଣ ହେବା ଫଳରେ ପିପିଲି ଏନଏସି ଅଞ୍ଚଳରେ ପାନୀୟ ଜଳସେବା ଆହୁରି ସୁଦୃଢ଼ ହୋଇପାରିବ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ଜେନା କହିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ପିପିଲି ଏନଏସି ଅଧ୍ୟକ୍ଷ ଶେଖ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ଜେନା, ବିଡିଓ ସରୋଜ ରାଉତ, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ବିଭାଗୀୟ ସହକାରୀ ଯନ୍ତ୍ରୀ ତଥା ୱାଟକୋ ସହକାରୀ ଯନ୍ତ୍ରୀ ଲୋକନାଥ ବଳିଆରସିଂ, ଯନ୍ତ୍ରୀ ସଂଗ୍ରାମ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, କାଉନସିଲର ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।ଏକାଧିକ ଜନମୁଖୀ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣକୁ ନେଇ ପିପିଲି ଅଞ୍ଚଳରେ ଉତ୍ସାହ ପ୍ରକାଶ ପାଇଛି। 'ସ୍ୱଚ୍ଛ ପିପିଲି, ସୁନ୍ଦର ପିପିଲି ଓ ଉନ୍ନତ ପିପିଲି' ଗଠନ ଦିଗରେ ଏହି ପ୍ରକଳ୍ପଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

### ଦୀର୍ଘଦିନର ଆବଶ୍ୟକତା ପୂରଣ ଦିଗରେ ଏକ ବଡ଼ ପଦକ୍ଷେପ

# ପୋଲ ନିର୍ମାଣ, ରାସ୍ତା ଉନ୍ନତିକରଣର ଶିଳାନ୍ୟାସ



ଭାପୁର ,(ସବ୍ୟୁ): ବହୁ ଦିନ ପରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଦୀର୍ଘଦିନର ଆବଶ୍ୟକତା ପୂରଣ ଦିଗରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି ରାଜ୍ୟସରକାର। ଶନିବାର ଦିନ କଳାପଥର ଠାରୁ ଭାପୁର ବାଇପାସ ରାସ୍ତାର କାଳିଗିରି ନଦୀ ଉପରେ ସୁଉଚ୍ଚ ସେତୁ ନିର୍ମାଣ ଓ ମାରେଡ଼ା ଠାରୁ ପଦ୍ମାବତୀ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଟକ ସାଂସଦ ଭର୍ତ୍ତୃହରି ମହାତାବ।

ଏହି ଐତିହାସିକ ମୁହୂର୍ତ୍ତକୁ ଆହୁରି ଗୌରବମୟ କରିଥିଲା ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥଙ୍କ ଉପସ୍ଥିତି। ଏଥିସହ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ। କଳାପଥର ଠାରୁ ଭାପୁର ବାଇପାସ ରାସ୍ତାର କାଳିଗିରି ନଦୀ ଉପରେ ସୁଉଚ୍ଚ ସେତୁ ନିର୍ମାଣ ଓ ମାରଡ଼ା ପଦ୍ମାବତୀ ରାସ୍ତାର ଉନ୍ନତିକରଣ ଦ୍ୱାରା ଅଞ୍ଚଳବାସୀଙ୍କ ଯାତାୟାତ ଆହୁରି ସୁଗମ ହେବା ସହିତ ବାଣିଜ୍ୟ, ଯୋଗାଯୋଗ ଓ ସାମଗ୍ରିକ ବିକାଶକୁ ନୂଆ ଗତି ମିଳିବ।

## ପୂଣ୍ୟ ତିଥିରେ ସ୍ୱର୍ଗତ ଦାଶରଥି ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



ନୟାଗଡ଼,(ସବ୍ୟୁ): ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ ତଥା ନୟାଗ ମାଟିର ଗର୍ବ ଓ ଗୌରବ ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ଦାସିଆ ଅଜା ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ କଚେରୀ ବଜାର ସ୍ଥିତ ଦାଶରଥି ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ସ୍ମୃତି କମିଟି ଅଧ୍ୟକ୍ଷ ପ୍ରମୋଦ ପଟ୍ଟନାୟକଙ୍କ ପୌରାହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁମିତ୍ରା ଭୂୟାଁ, ଲେଖକ ବିଶ୍ୱନାଥ ମହାପାତ୍ର, ଅରୁଣ କୁମାର ମହାନ୍ତି, ଶିକ୍ଷକ ଲକ୍ଷ୍ମୀଧର ସାହୁ, ଅଧ୍ୟାପକ ହରେକୃଷ୍ଣ ସାହୁ, ଏବଂ ଶେଖ ଅବଦୁଲ ଆହାଦ ଙ୍କ ସମେତ ସ୍କାଉଟ ଛାତ୍ରଛାତ୍ରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପାଦକ ଶ୍ରୀଧର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ସୂଚନା ଯୋଗ୍ୟ ଯେ ଦାସିଆ ଅଜା ଭାବେ ସମଗ୍ର ଜନମାନସରେ ପରିଚିତ ସ୍ୱର୍ଗତ ଦାଶରଥି ପଟ୍ଟନାୟକ ନୟାଗ ଜିଲ୍ଲା ନୂଆଗାଁ ବ୍ଲକ ଉଦୟପୁରଠାରେ ୧୯୫୯ ମସିହାରେ ବାଞ୍ଛାନିଧି ପାଠାଗାର, ୧୯୭୩ ମସିହାରେ ଶ୍ରୀଅରବିନ୍ଦ ସଂଗ୍ରହାଳୟ ଏବଂ ୧୯୭୫ରେ ଯଦୁମଣି ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ। ସେ ୧୯୯୭ ମସିହା ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ନିଜ ଗ୍ରାମରେ ଇହଲୀଳା ସମ୍ବରଣ କରିଥିଲେ।

## ଗୁନିଲତାଙ୍କୁ ଶ୍ରଦ୍ଧାଞ୍ଜଳି : ସ୍ନେହ, ମଧୁର ବ୍ୟବହାରର ସ୍ମୃତି ଅମର



ଫୁଲନଖରା ,(ସବ୍ୟୁ): :କଟକ ସଦର ଅଞ୍ଚଳର ନଖରାସ୍ଥିତ ବାସଭବନରେ ସ୍ୱର୍ଗତ ଶରତ ଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ତଥା ଅଞ୍ଚଳର ଅତ୍ୟନ୍ତ ମେଳାପୀ, ସରଳ ଓ ସ୍ନେହୀ ସ୍ୱଭାବର ମହିଳା ଗୁନିଲତା ସାହୁ(୮୫)ଙ୍କ ଏକଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି।

ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ଅଞ୍ଚଳର ମୁରବି ବଂଶୀଧର ଭୋଳ, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ସୁରେନ୍ଦ୍ର ମହାନ୍ତି, କେଦାର ଜେନା, ଯୁଧିଷ୍ଠିର ପରିଜା, ନିମାଇଁ ଚରଣ ରାଉତରାୟ, ସରୋଜ କୁମାର ସାହୁ, ବ୍ରହ୍ମାନନ୍ଦ ସାହୁ, ଫଗୁମଣି ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଗୁନିଲତାଙ୍କ ସ୍ମୃତିଚାରଣ କରିଥିଲେ। , ଗୁନିଲତା ସାହୁଙ୍କ ମଧୁର ବ୍ୟବହାର, ସଦାଚାର ଓ ଅନ୍ୟମାନଙ୍କ ପ୍ରତି ଆତ୍ମୀୟତା ସବୁବେଳେ ସମସ୍ତଙ୍କ ମନରେ ତାଙ୍କର ସ୍ମୃତିକୁ ଜୀବନ୍ତ ରଖିବ ବୋଲି ମତ ପ୍ରକାଶ ପାଇଥିଲା। ସ୍ମୃତିଚାରଣ ସଭାରେ ତାଙ୍କ ପୁଅ, ବୋହୂ, ନାତି–ନାତୁଣୀଙ୍କ ସମେତ ଗ୍ରାମର ମୁରବି, ଆତ୍ମୀୟସ୍ୱଜନ, ବନ୍ଧୁପରିଜନ ଓ ବହୁ ଶୁଭେଚ୍ଛୁ ଯୋଗଦେଇ ଅଶ୍ରୁଳ ନୟନରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାନପୁଅ ଗୋପାଳ ଚନ୍ଦ୍ର ସାହୁ, ବଡ଼ ବୋହୂ ମିନାକ୍ଷୀ ସାହୁ, ସାନବୋହୂ ଚିଲ୍ଲିପାପା ସାହୁ, ନାତି ଗୌତମ କୁମାର ସାହୁ ଓ ନାତୁଣୀ ଲକ୍ଷ୍ମୀ ପ୍ରିୟା ସାହୁ ସଭା ପରିଚାଳନା କରିଥିଲେ।

## ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସୁନିଲ କୁମାର ପ୍ରଧାନ। ଏଠାରେ ପୂର୍ବରୁ ଥିବା ଥାନା ଅଧିକାରୀ ଶୁଭେନ୍ଦୁ ଭୂଷଣ ମହାନ୍ତିଙ୍କ ପୁରୀ ପୁଲିସ ଜିଲ୍ଲା ମୁଖ୍ୟାଳୟକୁ ବଦଳି ହୋଇଥିବା ବେଳେ ।ତାଙ୍କ ସ୍ଥାନରେ ଶ୍ରୀ ପ୍ରଧାନ ଶୁକ୍ରବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି।ସେ ପୂର୍ବରୁ ପୁରୀ ସଦର ଥାନାରେ ରହି କାର୍ଯ୍ୟ କରୁଥିବା ଜଣାପଡ଼ିଛି ।ପୁରୀ ଏସପି ଶ୍ରୀ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ପ୍ରଧାନ କଣାସ ଥାନାରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି ।ଶୁକ୍ରବାର ଦିନ ନୂତନ ଆଇଆଇସିଙ୍କୁ ପୂର୍ବତନ ଥାନା ଅଧିକାରୀ କାର୍ଯ୍ୟଭାର ହସ୍ତାନ୍ତର କରିଛନ୍ତି । ଥାନାର ସମସ୍ତ କର୍ମଚାରୀ ନୂତନ ଥାନା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।କଣାସ ଅଞ୍ଚଳରେ ଅପରାଧ ମୁକ୍ତ,ନିଶାମୁକ୍ତ କରିବା ସହ କିଭଳି ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରହିବ ତାଉପରେ ଗୁରୁତ୍ୱ ଦେବେ ବୋଲି ନୂତନ ଥାନା ଅଧିକାରୀ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।ପୁରୀ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଉପସଭାପତି ସମୀର କେଶରୀ ବଳିଆରସିଂହ ,ବିରଞ୍ଚି ନାରାୟଣ ପରିଡ଼ା ଓ ଅନ୍ୟମାନେ ଉପସ୍ଥିତ ରହି ନୂତନ ଥାନା ଅଧିକାରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ନାହିଁ ବିଜୁଳି

ଦଶପଲ୍ଲା ,(ସବ୍ୟୁ): ଦଶପଲ୍ଲା ବ୍ଲକ ପୋଇବାଡି ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୁଷ୍ମମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯାଇଛି । ଉକ୍ତ ଆରୋଗ୍ୟ ମନ୍ଦିରରେ ବିଜୁଳି ସୁବିଧା ନଥିବାରୁ ରୋଗୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ରାତିରେ ସମ୍ପୂର୍ଣ ଅନ୍ଧାର ହୋଇ ରହୁଛି ଏହି ଆରୋଗ୍ୟ ମନ୍ଦିର । ଫଳରେ ଏହି ଆରୋଗ୍ୟ ମନ୍ଦିରରେ ଥିବା ବହୁ ମୂଲ୍ୟବାନ ଜିନିଷ ଚୋରି ହେବା ଆଶଙ୍କା କରାଯାଉଛି । ଅନ୍ୟପକ୍ଷରେ ଚତୁଃପାର୍ଶ ପାଚେରୀ ନଥିବା ହେତୁ ରାତି ହେଲେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଥିବା ବେଳେ ଆୟୁଷ୍ମାନ ମନ୍ଦିର ଚତୁଃପାର୍ଶ ସଫା ସୁତରା ହେଉ ନଥିବା ଏଠାରେ ସରୀସୃପର ଭୟ ମଧ ରହିଛି. ମୌଳିକସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ର କୁ ତୁରନ୍ତ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି।

## ମହିଳା ମହାବିଦ୍ୟାଳୟର 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ

କାକଟପୁର ,(ସବ୍ୟୁ): ପରିବେଶ ସୁରକ୍ଷା ଏବଂ ମାଆଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନର ଏକ ଅନନ୍ୟ ପ୍ରୟାସ ସ୍ୱରୂପ କାକଟପୁରର ପ୍ରମୁଖ ଶିକ୍ଷାନୁଷ୍ଠାନ ନେତ୍ରାନନ୍ଦ ସାହୁ ମହିଳା ମହାବିଦ୍ୟାଳୟ ପକ୍ଷରୁ 'ଏକ ପେଡ ମା କେ ନାମ' (ଏକ ଗଛ ମାଆଙ୍କ ନାମରେ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ମହାବିଦ୍ୟାଳୟର ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ ସଂଗ୍ରାମ ଚରଣ ଚାଟୋଇ,ଅଧ୍ୟାପିକା ଅମୀୟ ବାଳା ପରିଡା, ଅଧ୍ୟାପକ ଦୁର୍ଯ୍ୟୟ କୁମାର ବିଶ୍ୱାଳ, ମୁଖ୍ୟ କିରାଣୀ କ୍ଷୀରୋଦ ମହାନ୍ତି, ପୂର୍ଣଚନ୍ଦ୍ର ଦାସ, ମନୋଜ କୁମାର ସାହୁ, ଲିଲିପ୍ରଭା ସ୍ୱାଇଁ, ମହେଶ୍ୱତା ପଣ୍ଡା, ସଞ୍ଜୟ ସାହୁ ଓ କଲେଜର ଛାତ୍ରୀମାନେ ଏବଂକର୍ମଚାରୀ ମାନେ ମିଳିତ ଭାବେ ବିଭିନ୍ନ ବନୀକରଣ ଓ ଫଳପ୍ରଦ ଗଛ ରୋପଣ କରିଥିଲେ। ପ୍ରତ୍ୟେକ ଛାତ୍ରୀ ଗୋଟିଏ ଲେଖାଏଁ ଗଛ ଲଗାଇ ତାହାକୁ ନିଜ ମାଆଙ୍କ ନାମରେ ନାମିତ କରିବା ସହ ସେଗୁଡ଼ିକର ଯତ୍ନ ନେବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ।ମାଆ ଏବଂ ପ୍ରକୃତି ଉଭୟଙ୍କ ଅବଦାନ ସମାଜରେ ଅତୁଳନୀୟ। ମାଆ ଯେପରି ନିଜର ସ୍ନେହ ଓ ମମତା ଦେଇ ଏକ ସନ୍ତାନକୁ ଗଢ଼ିତୋଳେ, ସେହିପରି ପ୍ରକୃତି ମଧ ମାଆ ଭଳି ଆମକୁ ଜୀବନ ଓ ଅମ୍ଳଜାନ ପ୍ରଦାନ କରିଥାଏ। ଏହି ବାର୍ତ୍ତାକୁ ଜନସାଧାନ୍ତିକ କରିବା ଏବଂ ଯୁବପିଢ଼ିଙ୍କୁ ବୃକ୍ଷରୋପଣ ପ୍ରତି ଆକୃଷ୍ଟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଉତ୍ସାହିତ ଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରାଇଥିଲେ।

## ଚିଲିକା କୂଳରେ ଆଦର୍ଶ ଶ୍ମଶାନ ଉଦ୍‌ଘାଟିତ

ବାଲୁଗାଁ ,(ସବ୍ୟୁ) : ବାଲୁଗାଁ ଚିଲିକା କୂଳ ଠାରେ ନବ ନିର୍ମିତ ତଥା ବହୁ ପ୍ରତିକ୍ଷୀତ ଆଦର୍ଶ ସ୍ମଶାନକୁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଦୀର୍ଘ ବର୍ଷ ଧରି ବାଲୁଗାଁ ଚିଲିକା କୁଳ ତଥା ମହାବିଦ୍ୟାଳୟ ପଛ ପାର୍ଶ୍ୱରେ ଅବସ୍ଥିତ ସ୍ମଶାନଟି ଅବହେଳିତ ଅବସ୍ଥାରେ ଥିବା ବେଳେ ଏଠାରେ ଆଲୋକୀକରଣ ବ୍ୟବସ୍ଥା , ସ୍ଥାୟୀ ଗୃହ ଏବଂ ପାନୀୟ ଜଳର କୌଣସି ସୁବିଧା ନଥିଲା । ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଏକ ଉନ୍ନତମାନର ଶ୍ମଶାନ ଗୃହ ନିର୍ମାଣ ସହ ଆନୁସାଙ୍ଗିକ ସମସ୍ତ ସୁବିଧା ଉପଲବ୍ଧ ନିମନ୍ତେ ଦାବୀ ହୋଇଆସୁଥିଲା । ବାଲୁଗାଁ ଅଞ୍ଚଳ ସମେତ ଆଖ ପାଖ ପ୍ରାୟ ୨୦ ଗ୍ରାମର ବାସିନ୍ଦା ଏହି ଶ୍ମଶାନ ଉପରେ ନିର୍ଭର କରନ୍ତି । ସୋମବାର ନବ ନିର୍ମିତ ଏହି ଆଦର୍ଶ ଶ୍ମଶାନ ଉଦଘାଟିତ ହେବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଏନ ଏ ସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ଯନ୍ତ୍ରୀ ବିମଳ କୁମାର ମିଶ୍ର, ମଧୁସ୍ମିତା ତ୍ରିପାଠୀ ଏବଂ କାଉନସିଲର ଲକ୍ଷ୍ମୀଧର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ସାରୁଅରେ ଲକ୍ଷ୍ମୀଧର ସାହୁଙ୍କ ସ୍ମୃତି ସଭା



ବୋଲଗଡ଼ , (ସବ୍ୟୁ): ବେଗୁନିଆ ବୋଲଗଡ଼ ଅଞ୍ଚଳର ବିଧାୟକ ପ୍ରଦୀପ କୁମାର ସାହୁଙ୍କ ପିତା ସ୍ୱର୍ଗତ ଲକ୍ଷ୍ମୀଧର ସାହୁଙ୍କ ସ୍ମୃତିରେ ଶୁକ୍ରବାର ସଂଧ୍ୟାରେ ବେଗୁନିଆ ନିକଟ ସାରୁଅ ଗ୍ରାମରେ ଏକ ସ୍ମୃତିସଭାର ଅନୁଷ୍ଠିତ ହୋଇଯଇଛି ।

ଏଥିରେ ରାଜ୍ୟର ବହୁତୁଙ୍ଗ ନେତା ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ବିଜେଡି ନେତ୍ରୀ ସୁଜାତା ରାଉତ, ଏମ.ପି. ସୁଲତ ଦେଓ, ମନ୍ତ୍ରୀ ପୃଥ୍ୱୀ ରାଜ ହରିଚନ୍ଦନ,ବିଧାୟକ ଅରୁଣ ସାହୁ,ରଣେନ୍ଦ୍ର ପ୍ରତାପ ସାଇଁ, ଦୁଷ୍ମନ୍ତ ସ୍ୱାଇଁ , ପର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ,ରଘୁନାଥ ସାହୁ, ସତ୍ୟନାରାୟଣ ବେହେରା । ମେୟର ସୁଲୋଚନା ଦାସ, କଂଗ୍ରେସ ନେତା ପୃଥ୍ୱୀ ବଲ୍ଲବ ପଟ୍ଟନାୟକ, ବିଜେପିନେତା ପ୍ରକାଶ ବିହ୍ୱଳି ପ୍ରମୁଖ । ଏହି ସଭାରେ ଆଖପଖ ଅଞ୍ଚଳରୁ ୧୫ ହଜାରରୁ ଉର୍ଦ୍ଧ ଲୋକଙ୍କ ପାଇଁ ଭୋଜନର ବ୍ୟବସ୍ଥା ହୋଇଥିଲା ।

## ଦଶବାଟିଆ ଉଚ୍ଚବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଆଲୋଚନାଚକ୍ର

ଗୋପ,(ସବ୍ୟୁ): ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ଦଶବାଟିଆ ଉଚ୍ଚବିଦ୍ୟାଳୟରେ ମଣ୍ଡଳ ସ୍ତରୀୟ ବିଜ୍ଞାନ ଶିଷର୍କ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମକୁ ଗୋପ ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ଦେବେନ୍ଦ୍ର କାଣ୍ଡି ଉଦ୍‌ଘାନ କରିଥିଲେ । ଏଥିରେ ଅତିଥି ଭାବରେ ବିଭୁଦତ ନାୟକ,ଦେବେନ୍ଦ୍ର ସ୍ୱାଇଁ,ଶୁଭ୍ରଜିତ ନାୟକ,ଉମାକାନ୍ତ ମିଶ୍ର, ସି ଆର ସି ସି ଦୀପକ ସେନାପତି ପ୍ରମୁଖ ଯୋଗଦେଇଥିଲେ।ଏହି ବିଜ୍ଞାନ ଶିର୍ଷକ ଆଲୋଚନା ଚକ୍ର ରେ ଗୋପ ବ୍ଲକର ୨୨ ଟି ହାଇସ୍କୁଲ ର ୨୨ ଜଣ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା।୨୦୪୭ ମସିହାରେ ଭାରତ ଶକ୍ତି ସମ୍ପଦ ଓ ସମ୍ଭାବନା ପାଇଁ ଭାରତ ସରକାରଙ୍କ ଆହ୍ୱାନ କ୍ରମେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଜ୍ଞାନ ଶିଶର୍କ ଆଲୋଚନା ଚକ୍ର ଅନୁଷ୍ଠିତ ହେବାର ଲକ୍ଷ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଜ୍ଞାନ କିଭଳି ଆଗକୁ ଯିବା ସହିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ସହିତ ବିଜ୍ଞାନ ସମ୍ବନ୍ଧିୟ ଅନୁସନ୍ଧାନ ବୃଦ୍ଧି ପାଇବ ଏହାର ମୂଳ ଲକ୍ଷ୍ୟ । ତେବେ ଏହି କାର୍ଯ୍ୟକ୍ରମରେ ଗୋପ ବ୍ଲକ ଆଦର୍ଶ ବିଦ୍ୟାଳୟର ଛତ୍ରୀ ସୁଶ୍ରୀ ଅନନ୍ୟା ସାହୁ ରାଜ୍ୟ ସ୍ତରରୁ ଦିଲ୍ଲୀ ଯିବା ପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଦଶବାଟିଆ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ପ୍ରଧାନଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ଅଞ୍ଚଳ ବିକାଶ ଲାଗି ଠିକାଦାର ମହାସଂଘ ଏକାଠି ହୋଇ କାମ କରିବ



ବାଲିପାଟଣା, (ସବ୍ୟୁ): ଆମ ଜୟଦେବ ଠିକାଦାର ମହାସଂଘର ବାର୍ଷିକ ସାଧାରଣ ସଭା, ଅନୁଷ୍ଠାନର ସରିପୁର ଛକ ନିକଟସ୍ଥ କାର୍ଯ୍ୟାଳୟ ଠାରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଶ୍ମି ରଞ୍ଜନ ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଉପସଭାପତି ମୋହନ କୁମାର ମୁଖି, ସହ ସମ୍ପାଦକ ଶିବଲାଭ ପ୍ରଧାନ,କମିଟି ସଦସ୍ୟ ବିରଞ୍ଚି ନାରାୟଣ କର,ଲରେନ୍ସ ପରିଡା, ମିର ଜାଫର ଅଲି, ଚନ୍ଦନ ପାତ୍ର, ସହଦେ ସ୍ୱାଇଁ, ପ୍ରମୁଖ ମଂଚାସୀନ ହୋଇ ଠିକାଦାରମାନଙ୍କ ପ୍ରତି ସରକାର ଯେଉଁ ବୈମାତୃକ ମନୋଭାବ ଦେଖାଉଛନ୍ତି ତାର ଘୋର ନିନ୍ଦା କରିଥିଲେ। ମନୋମୁଖୀ ନୀତି ପ୍ରଣୟନ କରି କାମ କରୁଥିବା ଠିକାଦାର ମାନଙ୍କୁ ହଇରାଣ କରାଯାଉଛି ଏବଂ ଗତ ୨୦୨୨ ମସିହା ପରଠାରୁ ବାଲି, ଗୋଡି, ରଡ଼, ସିମେଣ୍ଟ ଇତ୍ୟାଦି ନିର୍ମାଣ ସାମଗ୍ରୀ ର ବଜାର ଦର ଅନୁସାରେ ଦର ସ୍ଥିର ହୋଇନଥିବାରୁ ସେମାନେ ବହୁ କ୍ଷତି ସହିବାକୁ ବାଧ ହେଉଛନ୍ତି । ଏବେ ସମସ୍ତ ଠିକାଦାର ଏକାଠି ହୋଇ ଅଂଚଳ ର ବିକାଶ ପାଇଁ କାମ କରିବେ ଓ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇବେ । ପ୍ରାରମ୍ଭରେ ସଞ୍ଜୟ ସ୍ୱାଇଁ ସମସ୍ତ କର୍ମକର୍ତା ମାନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।ବିଜୟ ବରିହା,ଅମୀୟ ପାତ୍ର , କ୍ଷୀରୋଦ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।ବହୁ ସଂଖ୍ୟାରେ ଠିକାଦାରୀ କରୁଥିବା ବ୍ୟକ୍ତି ମାନେ କାର୍ଯ୍ୟକ୍ରମ ରେ ଉପସ୍ଥିତ ନିଜ ନିଜର ମତ ଉପସ୍ଥାପନା କରିଥିଲେ।

### ପ୍ରାକ୍ତନ ପ୍ରମୁଖ ଶ୍ରମ ଅଧିକାରୀ ବିଦ୍ୟାଧର ତ୍ରିପାଠୀଙ୍କ ପରଲୋକ


ନିରାକାରପୁର, (ସବ୍ୟୁ): ଓଡ଼ିଶା ଶ୍ରମ ବିଭାଗର ପ୍ରାକ୍ତନ ପ୍ରମୁଖ ଶ୍ରମ ଅଧିକାରୀ ବିଦ୍ୟାଧର ତ୍ରିପାଠୀ,(୯୬)ଙ୍କର ବୁଧବାର ସକାଳେ ନାଗେଶ୍ୱର ଟାଙ୍ଗିସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁବରଣ କରିଥିଲେ। ନିରାକାରପୁର ନିକଟ ଶ୍ରୀମୁକୁନ୍ଦପୁରରେ ଜନ୍ମିତ ସ୍ୱର୍ଗତ ତ୍ରିପାଠୀ ଓଡ଼ିଶାରେ ଶ୍ରମ ଆଇନର କାର୍ଯ୍ୟାନ୍ୱୟନ ଏବଂ ଶ୍ରମିକ କଲ୍ୟାଣ କ୍ଷେତ୍ରରେ ଦୀର୍ଘଦିନ ଧରି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ସେ ଜଣେ ଅତ୍ୟନ୍ତ ଧାର୍ମିକ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ବୁଧବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଜ୍ୟୋତିର୍ମୟ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି ସ୍ୱର୍ଗତ ତ୍ରିପାଠୀଙ୍କ ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।ତାଙ୍କ ବିୟୋଗରେ ପରିବାର, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମହଲରେ ଶୋକର ଛାୟା ଖେଳିଯାଇଛି।

# ସତ୍ୟବାଦୀରେ ଡିଜିଟାଲ ସାକ୍ଷରତା, ସାଇବର ସୁରକ୍ଷା କର୍ମଶାଳା

ସାକ୍ଷୀଗୋପାଳ ,(ସବ୍ୟୁ): ବଢୁଥିବା ସାଇବର ଠକେଇ ଓ ଅନ୍ଲାଇନ ଅପରାଧରୁ ମହିଳା, ଶିଶୁ ଓ କିଶୋରୀଙ୍କୁ ସୁରକ୍ଷିତ ରଖିବା ସହ ଡିଜିଟାଲ ମାଧ୍ୟମର ସୁରକ୍ଷିତ ବ୍ୟବହାର ନେଇ ସଚେତନତା ସୃଷ୍ଟି ପାଇଁ ସତ୍ୟବାଦୀ ବ୍ଲକସ୍ତରୀୟ ଡିଜିଟାଲ ସାକ୍ଷରତା ଓ ସାଇବର ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଛି। ବେଟି ବଚାଓ, ବେଟି ପଢ଼ାଓ (ବିବିବିପି) ଯୋଜନା ଅନ୍ତର୍ଗତ ଆଇସିଡିଏସ ସତ୍ୟବାଦୀ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା।କର୍ମଶାଳାକୁ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକରିଣୀ ରାଜଲକ୍ଷ୍ମୀ ଦାସ ପରିଚାଳନା କରିଥିଲେ ।କର୍ମଶାଳାରେ ବିଡିଓ ଦେବାଶିଷ ନାୟକ, ଏବିଡିଓ ସୁମିତ୍ରା ଜେନା, ମେଡିକାଲ ଅଫିସର ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଅର୍ପିତା ସେନାପତି, ଏଏସଆଇ ମହେଶ୍ୱର ଦାସ, ଏବିଇଓ ଛାଟୋଇ ମୋତିଲାଲ ରାୟ, ଆଇନଜୀବୀ ଅଞ୍ଜନ କୁମାର ହୋତା , କେଭିକେ ବୈଜ୍ଞାନିକ ଡ. ସୁମିତା ଆଚାର୍ଯ୍ୟଙ୍କ ସମେତ ଏଲଏସ ସୁକ୍ରୁତି ସୁଦୀପ୍ତା ଆଚାର୍ଯ୍ୟ, ଚନ୍ଦନା ରାହା, ବିଜୟଲକ୍ଷ୍ମୀ ମହାନ୍ତି, ସଙ୍ଗୀତା ସାମନ୍ତରାୟ, ମୀତା ବେହେରା, ଦେବାଶିଷ ଜେନା ଓ ଦେବସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନା ରେ ଭାଗ ନେଇଥିଲେ। ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ, ଜନପ୍ରତିନିଧି, ଶିକ୍ଷକ, ସ୍କୁଲ ଓ କଲେଜ ଛାତ୍ରୀ ଏବଂ ଆଦ୍ୱିକା ନେତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।କର୍ମଶାଳାରେ ଡିଜିଟାଲ ଓ ଆର୍ଥିକ ସାକ୍ଷରତା, ସାଇବର ସୁରକ୍ଷା, ଅନ୍ଲାଇନ ଠକେଇରୁ ସୁରକ୍ଷା, ବ୍ୟକ୍ତିଗତ ତଥ୍ୟର ଗୋପନୀୟତା ଏବଂ ଆର୍ଥିକ ସଚେତନତା ସମ୍ପର୍କରେ ଆଲୋଚନା ହୋଇଥିଲା। କିଶୋରୀଙ୍କ ରାଜନୈତିକ ଅଧିକାର ସମ୍ପର୍କରେ ମଧ ଅବଗତ କରାଯାଇଥିଲା।

ମହିଳା ନିର୍ଯାତନା, ଶିଶୁ ସୁରକ୍ଷା, ଅନ୍ଲାଇନ ସପିଂ ଓ ମ୍ୟାଟ୍ରିମୋନିଆଲ ଠକେଇରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା। ଅଜଣା ଲିଙ୍କରେ କ୍ଲିକ ନ କରିବା, ଓଟିପି, ପାସୱାର୍ଡ ଓ ବ୍ୟକ୍ତିଗତ ତଥ୍ୟ କାହାକୁ ନ ଦେବାକୁ କୁହାଯାଇଥିଲା।

## ଜ୍ଞାନ ରଞ୍ଜନ ଦାସ ହିନ୍ଦ ମଜୁଦୁର ସଭା ରାଜ୍ୟ ସମ୍ପାଦକ



ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ବ୍ଲକ ଅରିସଲ ପଂଚାୟତ ଅନ୍ତର୍ଗତ ଓ ଗ୍ରାମର ଜ୍ଞାନ ରଞ୍ଜନ ଦାସ ପଞ୍ଚଦଶ ରାଜ୍ୟ ହିନ୍ଦ ମଜୁଦୁର ସଭା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ।

ରବିବାର ଚନ୍ଦ୍ରଶେଖରପୁର ରେଳବିଭାଗ ସମ୍ମିଳନୀ ସଦନରେ ଅନୁଷ୍ଠିତ ସଭାରେ ତାଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ପୂର୍ବରୁ ସେ ଏହି ଦାୟିତ୍ୱ ତୁଲାଇ ଆସୁଥିବା ବେଳେ ଆଜି ଠାରୁ ୨ୟ ଥର ଭାବେ ଏହି ଦାୟିତ୍ୱ ପୁର୍ନବାର ପ୍ରଦାନ କରାଯାଇଛି।

ଏହି ଅବସରରେ ଶ୍ରୀ ଦାସ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ଖଟିକିଆ, ମେହନତ ଶ୍ରମିକ ଙ୍କ ପାଇଁ ଅହରହ ଦିନରାତି ପରିଶ୍ରମ କରିଥିବାରୁ ଏହି ସଫଳତା ମିଳିଛି ।

ରାଜ୍ୟ ନେତୃ ମଣ୍ଡଳର କମ୍ରେଡ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କମ୍ରେଡ ଲକ୍ଷ୍ମୀଧର ସାହୁ, କମ୍ରେଡ ବିରଜା କିଙ୍କର ନାୟକ, କମ୍ରେଡ ଶଙ୍କର ବେହେରା ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ପଞ୍ଚଦଶ ହିନ୍ଦ ମଜଦୁର ସଭା ର ସମସ୍ତ ଶ୍ରମିକ ସାଥୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସରୋଜିନୀ ଚମ୍ପତିରାୟଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି



ନିରାକାରପୁର , (ସବ୍ୟୁ): ଖୋରଧା ଜିଲ୍ଲା ନିରାକାରପୁର ଅଞ୍ଚଳର ବରିଷ୍ଠ ସାମ୍ବାଦିକ ହିମାଂଶୁ ଭୂଷଣ ଚମ୍ପତିରାୟଙ୍କ ମାତା, ଧର୍ମପାରାୟଣା ଓ ପରୋପକାରୀ ମହିଳା ସ୍ୱର୍ଗତ ସରୋଜିନୀ ଚମ୍ପତିରାୟଙ୍କ ଏକାଦଶାହ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି ।ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ଖୋରଧା ଜିଲ୍ଲାର ଶତାଧିକ ଶୁଭେଚ୍ଛୁ, ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ଓ ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତ ସରୋଜିନୀଙ୍କ ଆତ୍ମାର ସଦ୍ଗତି କାମନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ, ସ୍ୱର୍ଗତ ଚମ୍ପତିରାୟ ଜଣେ ଅତ୍ୟନ୍ତ ମେଳାପୀ, ସ୍ନେହୀ ଓ ବନ୍ଧୁବତ୍ସଳ ମହିଳା ଥିଲେ। ତାଙ୍କର ଉଦାର ସ୍ୱଭାବ ଓ ସଦାଚାର ପାଇଁ ସେ ଇହଲୀଳା ସମ୍ବରଣ କରିବା ପରେ ମଧ ସମସ୍ତଙ୍କ ମନରେ ଏକ ଅଭୁଲା ସ୍ମୃତି ଛାଡ଼ି ଯାଇଛନ୍ତି।

ଏହି ସ୍ମୃତିସଭାରେ ବିଶିଷ୍ଟ ଲେଖକ ଡ. ପୂର୍ଣ୍ଣ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର, ସମାଜସେବୀ ବୈଦ୍ୟନାଥ ବରାଳ, ଆଇଆଇସି ରୀନାରାଣୀ ସାହୁ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଜେନା, ଶଶି ଶେଖର ମାନ୍ଧାତା, ଶରତ କୁମାର ସାମନ୍ତରାୟ,ସମିତି ସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ, ଯୁବନେତା ମାଧବ ଚନ୍ଦ୍ର ମହାନ୍ତି ଓ ଭାଗିରଥୀ ସାମନ୍ତରାୟ, ସାମ୍ବାଦିକ ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ପୁତ୍ର ସୁଧାଂଶୁ ଭୂଷଣ ଚମ୍ପତିରାୟ, ହିମାଂଶୁ ଭୂଷଣ ଚମ୍ପତିରାୟ ଓ ଶୁଭ୍ରାଂଶୁ ଭୂଷଣ ଚମ୍ପତିରାୟ ପରିଚାଳନା କରିଥିଲେ।

# ସମ୍ପାଦକୀୟ

## ସାହିତ୍ୟ ଏକାଡେମୀର ଦୁର୍ଦ୍ଦଶା

କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ବା ସାହିତ୍ୟ ଏକାଡେମୀ କଥାର ଦୃଷ୍ଟାନ୍ତ ଏଠି ଦେଲେ ଚଳିବ । ଓଡ଼ିଶା ସାହିତ୍ୟ ଏକାଡେମୀ କଥା ପରେ ଉଲ୍ଲେଖ କରାଯିବ । ମୂଳରୁ ସାହିତ୍ୟ ଏକାଡେମୀକୁ ସଜାଡିବାକୁ ହେବ । ସାହିତ୍ୟ ନାମରେ ବ୍ୟବସାୟ କରୁ ସାହିତ୍ୟ ଏକାଡେମୀ, ଚାହିଦା ଥିବା ପୁସ୍ତକ ସବୁର ପ୍ରସାରଣ ଓ ବିକ୍ରୟ କରୁ, ମନା ନାହିଁ । କିନ୍ତୁ ସାହିତ୍ୟ ଭିତରେ ବ୍ୟବସାୟ ବା ରାଜନୀତି ନ ପଶୁ । ଏଥର ବିଭିନ୍ନ ଭାଷାର ପୁରସ୍କାର ଦିଆଯିବା ବେଳେ ବିଳମ୍ବ ହେଲା । କାରଣ ସମ୍ପର୍କରେ ଏକାଡେମୀ କର୍ତ୍ତୃପକ୍ଷ ସ୍ପଷ୍ଟ ଭାବେ କିଛି କହିଲେ ନାହିଁ । ୨୦୨୫ ଶେଷ ହେବା ପୂର୍ବରୁ ପୁରସ୍କାର ସଂକ୍ରାନ୍ତୀୟ ଘୋଷଣାନାମା ଓ ସାମ୍ବାଦିକ ସମ୍ମିଳନୀକୁ ବାତିଲ କରାଗଲା । ଯେଉଁମାନେ ସାହିତ୍ୟ ଏକାଡେମୀ ସହିତ ପରୋକ୍ଷରେ ସଂପୃକ୍ତ ଥିଲେ, ସେମାନେ ଅପପ୍ରଚାର କଲେ ଯେ ଆର୍.ଏସ୍.ଏସ୍ ବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏକାଡେମୀକୁ ନିୟନ୍ତ୍ରଣ କରିବାକୁ ଚାହୁଁଛି ।

**ଉଲ୍ଲେଖନୀୟ ଯେ ୧୯୬୦ ରେ ସାହିତ୍ୟ ଏକାଡେମୀ ପୁରସ୍କାର ଆର୍.କେ. ନାରାୟନଙ୍କ Guide (ଗାଇଡ) ଇଂରାଜୀ ଉପନ୍ୟାସ ପାଇଁ ମିଳି ପାରିଥିଲା । ମାତ୍ର ସେତେବେଳେ ସାହିତ୍ୟ ଏକାଡେମୀ ବା ଏହାର ପୁରସ୍କାରର ଯେଉଁ ମାନ (Standard ) ପରିଲକ୍ଷିତ ହୋଇଥିଲା, ଏବେ ସେ ମାନ ହ୍ରାସ ପାଇଛି ବୋଲି ଉଣାଧିକେ ଅନେକଙ୍କର ଧାରଣା ହୋଇଛି । ଏପରି ଧାରଣାକୁ ସାହିତ୍ୟ ଏକାଡେମୀ ଦୂର କରିବା ଆବଶ୍ୟକ ।**

ଆଉ କେହି କେହି ପ୍ରଚାର କଲେ ଯେ ସାହିତ୍ୟ ଏକାଡେମୀ ଭିତରେ ଅସାହିତ୍ୟର ଯେଉଁ ଆବର୍ଜନା ଭର୍ତ୍ତି ହୋଇ ରହିଛି, ତାହାକୁ ସଜାଡି ପ୍ରତିକାର କରିବାକୁ ସମୟ ଲାଗିବାରୁ ଏଥର ପୁରସ୍କାର ପ୍ରକ୍ରିୟା ବିଳମ୍ବିତ ହେଲା । ପୁଣି ଶୁଣାଗଲା ଯେ କେନ୍ଦ୍ର ସରକାର ସାହିତ୍ୟ ଏକାଡେମୀକୁ ପରୋକ୍ଷରେ ନିୟନ୍ତ୍ରଣାଧୀନ କରିବାକୁ ଚାହିଁଥିଲେ । ଏପରିକି ଏହାର ପୁରସ୍କାର ପ୍ରକ୍ରିୟାକୁ (କୌଶଳ କରି ବା ଧରାଧରି କରି କରାଯାଉଛି ବୋଲି କେତେ ବର୍ଷ ହେଲା ଅଭିଯୋଗ ହୋଇ ଆସୁଛି) କେନ୍ଦ୍ର ସରକାର କୁଆଡେ ବଦଳାଇବାକୁ ଚାହିଁଥିଲେ । କାରଣ ଏ ସମ୍ପର୍କରେ ବହୁ ଅଭିଯୋଗମାନ କେନ୍ଦ୍ର ସରକାର ପାଇଥିଲେ ।

ଏଥିପାଇଁ ଗତ ୨୦୨୫ର ପୁରସ୍କାର ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ କରାଯାଇଛି ବୋଲି ମଧ୍ୟ କୁହାଗଲା । ସେ ଯାହା ହେଉ, ବିଭିନ୍ନ ଭାଷାରେ ପୁରସ୍କାର ଦିଆଗଲା ବିଳମ୍ବରେ ।


ଯେତେବେଳେ ନୂଆଦିଲ୍ଲୀରେ କେନ୍ଦ୍ର ସରକାର ସାହିତ୍ୟ ଏକାଡେମୀକୁ ୧୯୫୪ ମସିହା ମାର୍ଚ୍ଚ ୧୨ ତାରିଖରେ ପ୍ରଥମ ଥର ଲାଗି ଉଦ୍‌ଘାଟନ କଲେ, ସେତେବେଳେ ୨୪ ଗୋଟି ଭାରତୀୟ ଭାଷାକୁ ନେଇ ଏହି ଏକାଡେମୀ ଗଠିତ ହୋଇଥିଲା । ଭାରତ ସରକାରଙ୍କର ଏକ ସଂକଳ୍ପ ବଳରେ ଏକାଡେମୀର ସମ୍ବିଧାନ ମଧ୍ୟ ପ୍ରସ୍ତୁତ ହୋଇଥିଲା । ଏଥିରେ ଉଲ୍ଲେଖ କରାଯାଇଥିଲା, 'ଏକାଡେମୀ ଏକ ରାଷ୍ଟ୍ରୀୟ ସଂଗଠନ ଯିଏ କି ସକ୍ରିୟ ଭାବେ ଭାରତୀୟ ସାହିତ୍ୟର ବିକାଶ କ୍ଷେତ୍ରରେ ସହାୟକ ହେବ ଏବଂ ସାହିତ୍ୟର ଉଚ୍ଚ ମାନ ରକ୍ଷା ସକାଶେ କାମ କରିବ, ଯତ୍ନ ନେବ । ଆଉ ସମସ୍ତ ଭାରତୀୟ ଭାଷାମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିବ । ତଦ୍ୱାରା ଦେଶର ସାଂସ୍କୃତିକ ଏକତାକୁ ବଜାୟ ରଖିବ ।' ମାତ୍ର ଏକାଡେମୀ ତା' ମୂଳ ଉଦ୍ଦେଶ୍ୟରୁ ଦୂରେଇ ଯାଇଛି ଏବଂ ସେଥିଯୋଗୁଁ ଲେଖକ/ଲେଖିକାମାନଙ୍କ ମଧ୍ୟରେ ଏକାଡେମୀ ପ୍ରତି ଏକପ୍ରକାର ଘୃଣାଭାବ ଚାଲି ଆସିଥିବା କୁହାଯାଉଛି ।

ଏକାଡେମୀର ସଭାସମିତିମାନଙ୍କରେ ଭଲ ଭଲ ଲେଖକ/ଲେଖିକାଙ୍କୁ ନିମନ୍ତ୍ରଣ କରା ନ ଯାଇ କର୍ମକର୍ତ୍ତାମାନେ ନିଜ ନିଜ ମତଲବରେ କେତେକ ନିର୍ଦ୍ଦିଷ୍ଟ ଲେଖକ ଓ ଲେଖିକାଙ୍କୁ ନିମନ୍ତ୍ରଣ କରିଥାନ୍ତି । ପୁରସ୍କାର ପ୍ରଦାନ କ୍ଷେତ୍ରରେ ଏକାଡେମୀର ପ୍ରିୟାପ୍ରୀତି ତୋଷଣ ନୀତିର ଆଶ୍ରୟ ନେଉଥିବା ଅଭିଯୋଗ ହେଉଛି । ଫଳରେ ଭଲ ଭଲ ଲେଖକ/ଲେଖିକା ବା ସେମାନଙ୍କ ଭଲ ଭଲ ବହି ସବୁ ପୁରସ୍କାର ପାଇ ପାରୁ ନାହିଁ । ସେମାନେ ବିଚରା ଧରାଧରି କରି ପାରନ୍ତି ନାହିଁ ।

ଏକାଡେମୀ ପକ୍ଷରୁ ଉଚ୍ଚମାନର ପୁସ୍ତକ ପ୍ରକାଶିତ ହୋଇଥିଲେ ମଧ୍ୟ ମନୋମୁଖୀ ଲେଖକ/ଲେଖିକାଙ୍କ ପୁସ୍ତକର ପୁନଃ ପ୍ରକାଶନ ହୋଇଥାଏ । ଏପରିକି ଆର୍ଥିକ ଅନିୟମିତତା ଏକାଡେମୀଙ୍କ ବିରୋଧରେ ହୋଇ ଆସୁଥିଲେ ମଧ୍ୟ ସେ ସବୁ ସଜଡା ଯିବାକୁ ବାଟ ଖୋଜି ବାହାର କରାଯାଏ । ଏହି ଏକାଡେମୀକୁ ଏକ ସ୍ୱୟଂଶାସିତ ସଂସ୍ଥା ଭାବରେ ଗଢ଼ିବାକୁ କେନ୍ଦ୍ର ସରକାର ଚାହିଁଥିଲେ । ତେଣୁ ୧୯୫୬ ଜାନୁଆରୀ ୭ ତାରିଖରେ ସୋସାଇଟି ରେଜିଷ୍ଟ୍ରେସନ ଆଇନ ୧୮୬୦ ବଳରେ ଏକାଡେମୀ ଗଠିତ ହୋଇଥିଲା । ମାତ୍ର ବିଭିନ୍ନ ଭାଷାର ଆବାହକ ଓ କେତେକ ନିର୍ଦ୍ଦିଷ୍ଟ ସଦସ୍ୟଙ୍କ ମନୋମୁଖୀ କାରବାରକୁ ଏକାଡେମୀ କର୍ତ୍ତୃପକ୍ଷ ପ୍ରଶ୍ରୟ ଦେଉଥିବା ଅଭିଯୋଗମାନ ହେଉଛି । ଉଲ୍ଲେଖନୀୟ ଯେ ୧୯୬୦ ରେ ସାହିତ୍ୟ ଏକାଡେମୀ ପୁରସ୍କାର ଆର୍.କେ. ନାରାୟନଙ୍କ Guide (ଗାଇଡ) ଇଂରାଜୀ ଉପନ୍ୟାସ ପାଇଁ ମିଳି ପାରିଥିଲା । ମାତ୍ର ସେତେବେଳେ ସାହିତ୍ୟ ଏକାଡେମୀ ବା ଏହାର ପୁରସ୍କାରର ଯେଉଁ ମାନ (Standard ) ପରିଲକ୍ଷିତ ହୋଇଥିଲା, ଏବେ ସେ ମାନ ହ୍ରାସ ପାଇଛି ବୋଲି ଉଣାଧିକେ ଅନେକଙ୍କର ଧାରଣା ହୋଇଛି । ଏପରି ଧାରଣାକୁ ସାହିତ୍ୟ ଏକାଡେମୀ ଦୂର କରିବା ଆବଶ୍ୟକ ।

# ଭାରତ ପାଇଁ ପାଞ୍ଚଟି ବିଜୟ ଓ ପାଞ୍ଚଟି ନୂତନ ଆହ୍ୱାନ

( Five Wins And Five Frontiers For India)



ଡକ୍ଟର ଚିତ୍ତରଂଜନ ମିଶ୍ର

ଭାରତ ବର୍ତ୍ତମାନ ଏଭଳି ଏକ ଅସାଧାରଣ ସନ୍ଧିକ୍ଷଣ ବା ଗୁରୁତ୍ୱପୂର୍ଣ୍ଣ ସମୟ ଖଣ୍ଡ ଦେଇ ଗତି କରୁଛି, ଯେଉଁଠାରୁ ଦେଶର ବିକାଶ, ଅର୍ଥନୀତି କିମ୍ବା ଭବିଷ୍ୟତରେ ଏକ ବଡ ଏବଂ ସକାରାତ୍ମକ ପରିବର୍ତ୍ତନ ଆସିବାକୁ ଯାଉଛି । ଗୋଟିଏ ଦଶନ୍ଧି ପୂର୍ବରୁ ମଧ୍ୟ ଦେଶର ଭବିଷ୍ୟତ ସମ୍ବନ୍ଧରେ ସମ୍ଭାବନାପୂର୍ଣ୍ଣ ଭାଷାରେ କଥାବାର୍ତ୍ତା କରାଯାଉ ଥିଲା । ଆଜି ଭାରତ ବ୍ୟାପକତା, ଦ୍ରୁତ ଗତି ଏବଂ କାର୍ଯ୍ୟକାରିତା ଦ୍ୱାରା ଅଧିକ ଭାବେ ପରିଚିତ ହେଉଛି । କିନ୍ତୁ ଗତ ଦଶନ୍ଧିର ପ୍ରକୃତ ଶିକ୍ଷା ଏହା ନୁହେଁ ଯେ ଭାରତ ତା'ର ସମସ୍ତ ସମସ୍ୟାର ସମାଧାନ କରି ଦେଇଛି । ଯେଉଁଠାରେ ସରକାର ଏକ ସ୍ପଷ୍ଟ ନୀତିଗତ ଢାଞ୍ଚା ପ୍ରସ୍ତୁତ କଲେ, ତାହାକୁ ଦୀର୍ଘ ସମୟ ଧରି ବଜାୟ ରଖିଲେ ଏବଂ ବେସରକାରୀ ଉଦ୍ୟୋଗଗୁଡିକୁ ପ୍ରତିଯୋଗିତା ଓ ନୂତନତ୍ୱ ଆଣିବା ପାଇଁ ସୁଯୋଗ ଦେଲେ, ସେଠାରେ ଭାରତ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କଲା । ପାଞ୍ଚଟି କ୍ଷେତ୍ରରେ ଅବତାରଣା ଏଠାରେ ପ୍ରଣିଧାନଯୋଗ୍ୟ, ଯେଉଁଠାରେ ଏହା ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଥାଏ ।

**ପ୍ରଥମ : (ବୈଷୟିକ ଜ୍ଞାନ କୌଶଳ ବା ଡିଜିଟାଲ ବିପ୍ଲବ):–** ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏକ ବିଶ୍ୱସ୍ତରୀୟ ସାର୍ବଜନୀନ କଲ୍ୟାଣକାରୀ ସେବା ଭାବରେ ପରିଣତ ହୋଇଛି, ଯାହାର ଅର୍ଥ ହେଲା ଭାରତ ଦ୍ୱାରା ବିକଶିତ ଡିଜିଟାଲ ବ୍ୟବସ୍ଥା (ଯେପରିକି ୟୁପିଆଇ ଆଧାର ଏବଂ ଇଣ୍ଡିଆ ଷ୍ଟାକ୍) ଆଜି କେବଳ ଭାରତ ଭିତରେ ଆଉ ସୀମିତ ହୋଇ ରହିନାହିଁ, ବରଂ ସମଗ୍ର ବିଶ୍ୱର ଜନସାଧାରଣ ଏବଂ ଅନ୍ୟ ଦେଶଗୁଡିକ ମଧ୍ୟ ଏହାକୁ ଉପଯୋଗ କରି ନିଜର ବିକାଶ ଓ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବେ । ଆର୍ଥିକ ବର୍ଷ ୨୦୨୫-୨୬ରେ ଭାରତ ୨୪ ହଜାର କୋଟିରୁ ଅଧିକ ଟଙ୍କାର ଦେଣନେଣ ବା କାରବାର କରିଛି ଏବଂ ସେହି ସମସ୍ତ କାରବାରର ମୋଟ ମୂଲ୍ୟ ଥିଲା ୩୧୪ଲକ୍ଷ କୋଟି ଟଙ୍କା । ଭାରତର ୟୁ.ପି.ଆଇ ଦ୍ୱରିତ ଡିଜିଟାଲ ପେମେଣ୍ଟ କାରବାରର ପ୍ରାୟ ୪୯ ପ୍ରତିଶତ ଅଧିକାର କରିଛି । ଯାହାଦ୍ୱାରା ଏହା କାରବାର ପରିମାଣ ଦୃଷ୍ଟିରୁ ବିଶ୍ୱର ସବୁଠାରୁ ବଡ ଡିଜିଟାଲ ପେମେଣ୍ଟ ପ୍ଲାଟଫର୍ମ ହୋଇପାରିଛି । ଆଧାର, ଜନଧନ, ଡିଜିଲକର ଏବଂ ୟୁ.ପି.ଆଇ ଏକାଠି ମିଳିମିଶି ଏପରି ଏକ ପାରସ୍ପରିକ ସଂଯୋଗୀକୃତ ଡିଜିଟାଲ ବ୍ୟବସ୍ଥା ସୃଷ୍ଟି କରିଛନ୍ତି ଯାହା ଭଳି ବିଶାଳ ସ୍ତରରେ ବିଶ୍ୱର ଅନ୍ୟ କୌଣସି ଗଣତନ୍ତ୍ର କରିବାକୁ ପ୍ରଚେଷ୍ଟା ମଧ୍ୟ କରିନାହିଁ । ଭାରତ ବର୍ତ୍ତମାନ ସାରା ବିଶ୍ୱର ଦେଶଗୁଡିକ ସହିତ ତା'ର ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକଚର ବା ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିର ଅଭିଜ୍ଞତାକୁ ପ୍ରଦର୍ଶନ ଓ ବିତରଣ କରୁଛି । ସରକାର ଭିତ୍ତିଭୂମି ତିଆରି କଲେ ଏବଂ ଉଦ୍ୟୋଗୀମାନେ ତାହାକୁ ବ୍ୟବହାର କରି ବ୍ୟବସାୟ ବା ନୂତନ ସୁଯୋଗ ସୃଷ୍ଟି କଲେ । ଭାରତ ସରକାର ୟୁ.ପି.ଆଇର ମୂଳ ନେଟୱାର୍କ ତିଆରି କଲେ । ଏହାକୁ ବ୍ୟବହାର କରି ଫୋନ ପେ, ଗୁଗୁଲ ପେ ଓ ପେଟିଏମ ଭଳି କମ୍ପାନୀମାନେ ନିଜର ବ୍ୟବସାୟ ଠିଆ କଲେ । ଆମେରିକା ସରକାର ପ୍ରଥମେ ଇଣ୍ଟରନେଟ୍‌ର ପ୍ରଯୁକ୍ତିବିଦ୍ୟା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଗୁଗୁଲ, ଆମାଜନ ଓ ଫେସବୁକ୍ ଭଳି କମ୍ପାନୀମାନେ ଏହାକୁ ବ୍ୟବହାର କରି ବିଶ୍ୱର ସବୁଠାରୁ ବଡ ବ୍ୟବସାୟ ସୃଷ୍ଟି କଲେ ।

**ଔଦ୍ୟୋଗୀକରଣ ବା ଉଦ୍ୟୋଗିତା ଭାରତବର୍ଷର ଅର୍ଥନୈତିକ ଭୂଗୋଳକୁ ସଂପୂର୍ଣ୍ଣ ଭାବେ ବଦଳାଇ ଦେଇଛି । ଭାରତ ଆଜି ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ ଭାବେ ସଗର୍ବେ ମୁଣ୍ଡଟେକି ଠିଆ ହୋଇଛି । ଜୁନ-୨୦୨୬ ସୁଦ୍ଧା ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ୨ ଲକ୍ଷ ୪ ହଜାରରୁ ଉର୍ଦ୍ଧ୍ୱ ଷ୍ଟାର୍ଟ ଅପ୍ କାର୍ଯ୍ୟ କରୁଅଛି ଯାହାକି ପ୍ରାୟ ଏକ ଦଶନ୍ଧି ପୂର୍ବରୁ ମାତ୍ର ଅଳ୍ପ କେତେ ଶହ ଷ୍ଟାର୍ଟ -ଅପ୍‌ରେ ସୀମିତ ଥିଲା ।**

ସଂକ୍ଷେପରେ କହିବାକୁ ଗଲେ, ସରକାର ରାସ୍ତା ଦେଖାନ୍ତି ବା ମାଧ୍ୟମ ପ୍ରସ୍ତୁତ କରନ୍ତି ଏବଂ ଉଦ୍ୟୋଗୀମାନେ ସେହି ମାଧ୍ୟମରେ ନୂଆ ବିପ୍ଲବ ଆଣନ୍ତି ।

**ଦ୍ୱିତୀୟ : (ଔଦ୍ୟୋଗୀକରଣ ଓ ନବସୃଜନ):–** ଔଦ୍ୟୋଗୀକରଣ ବା ଉଦ୍ୟୋଗିତା ଭାରତବର୍ଷର ଅର୍ଥନୈତିକ ଭୂଗୋଳକୁ ସଂପୂର୍ଣ୍ଣ ଭାବେ ବଦଳାଇ ଦେଇଛି । ଭାରତ ଆଜି ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ ଭାବେ ସଗର୍ବେ ମୁଣ୍ଡଟେକି ଠିଆ ହୋଇଛି । ଜୁନ-୨୦୨୬ ସୁଦ୍ଧା ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ୨ ଲକ୍ଷ ୪ ହଜାରରୁ ଉର୍ଦ୍ଧ୍ୱ ଷ୍ଟାର୍ଟ ଅପ୍ କାର୍ଯ୍ୟ କରୁଅଛି ଯାହାକି ପ୍ରାୟ ଏକ ଦଶନ୍ଧି ପୂର୍ବରୁ ମାତ୍ର ଅଳ୍ପ କେତେ ଶହ ଷ୍ଟାର୍ଟ -ଅପ୍‌ରେ ସୀମିତ ଥିଲା । ଏ ସମସ୍ତ ଉଦ୍ୟୋଗ ସିଧାସଳଖ ଭାବେ ୨୩ଲକ୍ଷରୁ ଉର୍ଦ୍ଧ୍ୱ ଚାକିରି ସୃଷ୍ଟି କରିବାରେ ସମର୍ଥ ହୋଇ ପାରିଛନ୍ତି ଏବଂ ସ୍ୱୀକୃତି ପ୍ରାପ୍ତ ଷ୍ଟାର୍ଟ-ଅପ୍‌ର ପ୍ରାୟ ଅର୍ଦ୍ଧେକ ଦ୍ୱିତୀୟ ଶ୍ରେଣୀ ଓ ତୃତୀୟ ଶ୍ରେଣୀ ସହରରୁ ହିଁ ସୃଷ୍ଟି ହୋଇଛନ୍ତି । ନବସୃଜନର ଗଣତନ୍ତ୍ରୀକରଣ ହୋଇଯାଇଛି ଅର୍ଥାତ୍ ଉଦ୍‌ଭାବନ ବା ନୂତନ ସୃଷ୍ଟି ସମସ୍ତଙ୍କ ପାଇଁ ସୁଲଭ ହୋଇଯାଇଛି । ନୂଆ ଜିନିଷ ତିଆରି କରିବା କିମ୍ବା ଟେକ୍ନୋଲୋଜି ବ୍ୟବହାର କରିବାର କ୍ଷମତା ଆଉ କେବଳ ବଡ ବଡ କମ୍ପାନୀ କିମ୍ବା ଧନୀ ଲୋକଙ୍କ ହାତରେ ସୀମିତ ନାହିଁ, ବର୍ତ୍ତମାନ ସାଧାରଣ ଲୋକ ଏହାକୁ ସହଜରେ କରି ପାରୁଛନ୍ତି ।

**ତୃତୀୟ:(ଭାରତବର୍ଷର ଶକ୍ତି ରୂପାନ୍ତରଣ):–** ଭାରତବର୍ଷର ଶକ୍ତି ରୂପାନ୍ତରଣ ବିଶ୍ୱସ୍ତରୀୟ ରୂପ ଧାରଣ କରିଛି । ଅଣପାରମ୍ପରିକ ଶକ୍ତିର ସ୍ଥାପିତ କ୍ଷମତା ଜୁଲାଇ ୨୦୨୬ରେ ୨୯୧.୭୩ ଗିଗାୱାଟ କ୍ଷମତା ସମ୍ପନ୍ନ ଅଟେ । ଚୀନର ସ୍ଥାପିତ କ୍ଷମତା ୨୨୫୮ ଗିଗାୱାଟ୍ ଥିଲାବେଳେ ବିଶ୍ୱରେ ପ୍ରଥମ ସ୍ଥାନ ଓ ଆମେରିକାର ସ୍ଥାପିତ କ୍ଷମତା ୪୬୮ ଗିଗାୱାଟ ଥାଇ ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ୨୦୧୪ ମସିହାରୁ ସୌରଶକ୍ତିର ସ୍ଥାପିତ କ୍ଷମତାରେ ୫୦ଗୁଣରୁ ଅଧିକ ବୃଦ୍ଧି ଘଟି ତାହା ଜୁଲାଇ ୨୦୨୬ରେ ୧୬୪.୫୯ ଗିଗାୱାଟରେ ପହଞ୍ଚିଛି । ମାର୍ଚ୍ଚ ୨୦୧୪ରେ ଭାରତବର୍ଷରେ ମାତ୍ର ୨.୮୨ ଗିଗାୱାଟ୍ ସୌରଶକ୍ତିର ସ୍ଥାପିତ କ୍ଷମତା ଥିଲା । ସଂପ୍ରତି ଭାରତବର୍ଷର ସମୁଦାୟ ବିଦ୍ୟୁତ ଉତ୍ପାଦନ କ୍ଷମତା (ଜୁଲାଇ -ଅଗଷ୍ଟ ୨୦୨୬ରେ ୫୫୦ ଗିଗାୱାଟ)ର ୫୦ ପ୍ରତିଶତରୁ ଅଧିକ ଅଣ ଜୀବାଶ୍ମ ଇନ୍ଧନ କିମ୍ବା ଅଣପାରମ୍ପରିକ ଶକ୍ତି ଉତ୍ସରୁ ଆସୁଅଛି । ଏହା ଅଭିବୃଦ୍ଧି ଏବଂ ସ୍ଥାୟୀତ୍ୱ ମଧ୍ୟରୁ କୌଣସି ଗୋଟିଏକୁ ନ ବାଛି ବରଂ ଖର୍ଚ୍ଚ କମାଇବା ପାଇଁ ନିଲାମ, ବ୍ୟାପକତା, ବେସରକାରୀ ପୁଞ୍ଜି ଏବଂ ଅନୁମାନଯୋଗ୍ୟ ନୀତିର ବ୍ୟବହାର କରି ହାସଲ କରାଯାଇ ପାରିଛି । ସାଧାରଣତଃ ଲୋକେ ଭାବନ୍ତି ଯେ ପରିବେଶକୁ ସୁରକ୍ଷିତ ରଖିଲେ ଦେଶର ପ୍ରଗତି ହେବ ନାହିଁ । କିନ୍ତୁ ଏହି ବାକ୍ୟଟି କହୁଛି ଯେ ଏଠାରେ ଦୁଇଟିଯାକ ଜିନିଷ ଏକାଠି ହାସଲ କରାଯାଇଛି । ସରକାରୀ ନିଲାମ ପ୍ରକ୍ରିୟା, ବେସରକାରୀ ନିବେଶ ଏବଂ ସ୍ଥିର ନୀତି ଆପଣାଇ ପ୍ରକଳ୍ପଗୁଡିକ ଖର୍ଚ୍ଚ ଏତେ କମେଇ ଦେଇଛନ୍ତି ଯେ ପରିବେଶ ଅନୁକୂଳ କାମ ମଧ୍ୟ ଏବେ ଲାଭଜନକ ହୋଇ ପାରୁଛି ।

**ଚତୁର୍ଥ:– (ଭିତ୍ତିଭୂମିର ବିକାଶ):–** ଭାରତ ଅଭୂତପୂର୍ବ ଗତିରେ ଭିତ୍ତିଭୂମି ନିର୍ମାଣ କରିଛି । ଅବଶ୍ୟ, ବିମାନବନ୍ଦର, ରେଳପଥ ଏବଂ ସହରୀ ପରିବହନର ନାଟକୀୟ ଭାବରେ ସଂପ୍ରସାରଣ ହୋଇଛି । ଆଜି ଭାରତ ବିଶ୍ୱର ତୃତୀୟ ବୃହତ୍ତମ ମେଟ୍ରୋ ନେଟୱାର୍କ ଅଟେ, ଯେଉଁଥିରେ ୨୬ଟି ସହରରେ ୧୧୫୦ କିଲୋମିଟରରୁ ଅଧିକ ମେଟ୍ରୋ ଲାଇନ୍ କାର୍ଯ୍ୟକ୍ଷମ ଅଛି । ଆଜିର ଦିନରେ ଭିତ୍ତିଭୂମି ହେଉଛି ଉତ୍ପାଦନଶୀଳତା, ପ୍ରତିଯୋଗିତାମୂଳକ ମନୋଭାବ ଏବଂ ଜୀବନଧାରଣର ମାନ ପାଇଁ ମୂଳଦୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ପଞ୍ଚମ: (ଦେଶରକ୍ଷା):–** ଭାରତ ଧୀରେ ଧୀରେ ଏକ ପ୍ରମୁଖ ପ୍ରତିରକ୍ଷା ଆମଦାନୀକାରୀ ଦେଶରୁ ଏକ ପ୍ରତିରକ୍ଷା ଉତ୍ପାଦନକାରୀ ଏବଂ ରପ୍ତାନୀକାରୀ ଦେଶରେ ପରିଣତ ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶରକ୍ଷା ଉତ୍ପାଦନ କ୍ଷେତ୍ରରେ ଭାରତ ୧ କୋଟି ୭୮ ଲକ୍ଷ ଟଙ୍କାର ବ୍ୟବସାୟ କରି ରେକର୍ଡ କରିଥିବା ଏବଂ ରପ୍ତାନୀ ୩୮,୪୨୪ କୋଟିରେ ପହଞ୍ଚିଥିଲା ଏବଂ ଅଭିବୃଦ୍ଧି ହାର ଗୋଟିଏ ବର୍ଷ ଭିତରେ ୬୦ ପ୍ରତିଶତରୁ ଅଧିକ ଥିଲା । ଭାରତରୁ ଉତ୍ପାଦିତ ହେଉଥିବା ଦେଶରକ୍ଷା ସାମଗ୍ରୀ ସଂପ୍ରତି ୮୦ରୁ ଅଧିକ ଦେଶକୁ ରପ୍ତାନୀ ହେଉଛି ।

ସମସ୍ତ ପାଞ୍ଚଟିଯାକ ସଫଳତା ମଧ୍ୟରେ ସରକାର ପ୍ଲାଟଫର୍ମ ବା ମଞ୍ଚ ପ୍ରସ୍ତୁତ କଲେ, ନୀତିଗତ ଆଭିମୁଖ୍ୟର ସଂକେତ ଦେଲେ, ଆବଶ୍ୟକ ସ୍ଥଳେ ବଜାର ସୃଷ୍ଟି କଲେ ଏବଂ ତା'ପରେ ବ୍ୟାବସାୟିକ ପ୍ରତିଷ୍ଠାନଗୁଡିକୁ ସେମାନଙ୍କର ପରିସର ବଢାଇବା ପାଇଁ ସକ୍ଷମ କଲେ । ପରନ୍ତୁ ପରବର୍ତ୍ତୀ ୫ଟି ସୀମା (ବା କ୍ଷେତ୍ର) ଅଧିକ କଠିନ ହେବ ଏଥିପାଇଁ ଅଧିକ ପୁଞ୍ଜିର ଆବଶ୍ୟକତା ପଡିବ ଏବଂ ଅଧିକ ସାଂସ୍ଥାନିକ ସଂସ୍କାରର ଦାବି ହେବ ।

**କ୍ରମଶଃ...**

**ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର, ବି-୩, ଏଚ.ଆଇ.ଜି କଲୋନୀ, ବରମୁଣ୍ଡା ହାଉସିଂ ବୋର୍ଡ ଭୁବନେଶ୍ୱର-୭୫୧୦୦୩,**
**ମୋ- ୯୩୩୮୨୦୪୯୯୩**
Email-crmishra49@yahoo.in

# ସମୁଦ୍ର ଗର୍ଭରେ ଲୀନ ସାତଭାୟା ଏବେ ଇତିହାସ



ଦୁର୍ଗା ପ୍ରସନ୍ନ ନାୟକ

ସମୁଦ୍ର କେବଳ ଭୂମିକୁ ନେଇଯାଏ ନାହିଁ । ତା'ର ଅବିରତ ଲହରୀ କେବେ କେବେ ମଣିଷର ଶତାବ୍ଦୀ ଶତାବ୍ଦୀର ସ୍ମୃତି, ସଂସ୍କୃତି, ପରମ୍ପରା ଓ ଆସ୍ଥାର ଦୃଶ୍ୟମାନ ପ୍ରତୀକଗୁଡ଼ିକୁ ମଧ୍ୟ ନିଜ ଗର୍ଭରେ ଟାଣି ନେଇଯାଏ । କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଅଞ୍ଚଳର ସାତଭାୟା ଏହି ନିରବ ବିପର୍ଯ୍ୟୟର ଏକ ଜୀବନ୍ତ ଦଲିଲ ।

ଦିନେ ଯେଉଁଠାରେ ଥିଲା ଘରଦ୍ୱାର, ଚାଷଜମି, ଗଛଲତା, ରାସ୍ତା, ଲୋକଙ୍କ ହସଖୁସି ଓ ପାରମ୍ପରିକ ଜୀବନର ଚଳଚଞ୍ଚଳତା, ଆଜି ସେଠାରେ ଶୁଣାଯାଉଛି କେବଳ ସମୁଦ୍ରର ଗର୍ଜନ । ଯେଉଁ ମାଟିରେ ପିଢ଼ି ପରେ ପିଢ଼ି ମଣିଷ ନିଜ ଜୀବନ ଗଢ଼ିଥିଲା, ସେହି ମାଟିର ଏକ ବଡ଼ ଅଂଶ ଆଜି ସମୁଦ୍ର ଗର୍ଭରେ । ଏହି ଦୀର୍ଘ ସମୁଦ୍ରକ୍ଷୟର ଶେଷ ଦୃଶ୍ୟମାନ ସାକ୍ଷୀ ଭାବେ ଦୀର୍ଘଦିନ ଧରି ଠିଆ ରହିଥିଲା ସାତଭାୟାର ଐତିହାସିକ ମା' ପଞ୍ଚୁବରାହୀଙ୍କ ପ୍ରାଚୀନ ମନ୍ଦିର । କିନ୍ତୁ ଏବେ ସେହି ମନ୍ଦିର ମଧ୍ୟ ନାହିଁ ।

୨୦୨୬ ଅଗଷ୍ଟ ୩୦ ତାରିଖର ଉଚ୍ଚ ଜୁଆର ସାତଭାୟାର ଏହି ଶେଷ ଦୃଶ୍ୟମାନ ଐତିହ୍ୟକୁ



ସମୁଦ୍ରର ଅଥଳ ଗର୍ଭରେ ଲୀନ କରିଦେଇଛି । ଏହା ସହିତ କେବଳ ଏକ ପୁରୁଣା ମନ୍ଦିର ଭୁଶୁଡ଼ି ପଡ଼ିନାହିଁ ଏକ ଗାଁର ଦୀର୍ଘ ଇତିହାସର ଦୃଶ୍ୟମାନ ଅଧ୍ୟାୟ ମଧ୍ୟ ଆଖି ସାମ୍ନାରୁ ଅଦୃଶ୍ୟ ହୋଇଯାଇଛି ।

**ମାଟି ହଜିଗଲା, ସ୍ମୃତି ରହିଗଲା**

ସାତଭାୟାରେ ଥିଲା ଘର, ଚାଷଜମି, ପୋଖରୀ, ରାସ୍ତା, ଗଛ ଓ ଜୀବନର ଅନେକ ରଙ୍ଗ । ସମୁଦ୍ର ସହ ଏଠାକାର ଲୋକଙ୍କର ସମ୍ପର୍କ ଥିଲା ଏକାଧାରେ ଜୀବନ ଓ ବିପଦର । ସମୁଦ୍ର ଦେଇଥିଲା ଜୀବିକା, ଆଉ ସେହି ସମୁଦ୍ର ହିଁ ଧୀରେ ଧୀରେ ଛଡ଼ାଇ ନେଇଥିଲା ସେମାନଙ୍କ ଭିଟାମାଟି । ବର୍ଷ ପରେ ବର୍ଷ ଚାଲିଥିବା ସମୁଦ୍ରକ୍ଷୟ ଏଠାକାର ଭୂଗୋଳକୁ ବଦଳାଇ ଦେଇଛି । ଘର ଗଲା, ଜମି ଗଲା, ରାସ୍ତା ଗଲା, ଗଛ ଗଲା । ଏକ ସମୟରେ ଯେଉଁଠାରେ ଗାଁର ଚଳଚଞ୍ଚଳତା ଥିଲା, ସେଠାରେ ଆଜି ଅନନ୍ତ ଜଳରାଶି ।

ଏହି ବିସ୍ଥାପନ କେବଳ ଭୌଗୋଳିକ ନୁହେଁ, ଏହା ଥିଲା ମଣିଷର ମନ ଓ ସ୍ମୃତିର ବିସ୍ଥାପନ । ନିଜ ଜନ୍ମମାଟି ଛାଡ଼ି ଅନ୍ୟତ୍ର ଯିବା ଜଣେ ମଣିଷ ପାଇଁ କେତେ ବଡ଼ ବେଦନା, ତାହା ସାତଭାୟାର ଲୋକଙ୍କ ଜୀବନ ଆମକୁ ଶିଖାଇଛି ।

ସରକାରଙ୍କ ପକ୍ଷରୁ ସମୁଦ୍ରକ୍ଷୟରେ ପ୍ରଭାବିତ ପରିବାରମାନଙ୍କୁ ପୁନର୍ବାସ କଲୋନୀରେ ଥଇଥାନ କରାଯାଇଛି । ନୂଆ ଘର ମିଳିଛି, ନୂଆ ଠିକଣା ମିଳିଛି । କିନ୍ତୁ ନୂଆ ଘର କେବେ ମଧ୍ୟ ପୁରୁଣା ଭିଟାମାଟିର ସ୍ମୃତିକୁ ପୂରାପୂରି ବଦଳାଇ ପାରିବ ନାହିଁ ।

କାରଣ ମାଟି କେବଳ ମାଟି ନୁହେଁ । ମାଟି ସହ ଜଡ଼ି ରହେ ମଣିଷର ଜନ୍ମ, ଶୈଶବ, ପ୍ରେମ, ପରିବାର, ପର୍ବପର୍ବାଣୀ, ଦୁଃଖ ଓ ସୁଖର ଅସଂଖ୍ୟ ସ୍ମୃତି । ଚାରିଶହ ବର୍ଷ ପ୍ରତୀକ ସାତଭାୟାର ଏହି ହଜିଯାଇଥିବା ଭୂଗୋଳ ମଧ୍ୟରେ ମା' ପଞ୍ଚୁବରାହୀଙ୍କ ମନ୍ଦିର ଥିଲା ଲୋକଙ୍କ ଆସ୍ଥାର ସବୁଠାରୁ ଦୃଢ଼ ଆଶ୍ରୟ ।

ଏହି ପୀଠର ଐତିହ୍ୟକୁ ସ୍ଥାନୀୟ ପରମ୍ପରା ଓ ଲୋକକଥା ପ୍ରାୟ ଚାରିଶହ ବର୍ଷ ପୁରୁଣା ବୋଲି ବର୍ଣ୍ଣନା କରିଥାଏ । କେତେକ ଐତିହାସିକଙ୍କ ମତରେ ଏହାର ପରମ୍ପରା ଆହୁରି ପୁରୁଣା ବୋଲି ମଧ୍ୟ ଉଲ୍ଲେଖ କରାଯାଇଛି ।

ପଞ୍ଚୁବରାହୀ ନାମଟି ନିଜ ମଧ୍ୟରେ ବହନ କରେ ପାଞ୍ଚ ଦେବୀଙ୍କ ଉପାସନାର ଏକ ଅନନ୍ୟ ପରମ୍ପରା । ଜଞ୍ଜାଳୀ, କମଳୀ, ବିମାଳୀ, ପାଠକୁମାରୀ ଓ ପଞ୍ଚୁବରାହୀ-ଏହି ପାଞ୍ଚ ଦେବୀଙ୍କ ଉପାସନା ସାତଭାୟାର ଲୋକଜୀବନର ଅବିଚ୍ଛିନ୍ନ ଅଂଶ ଥିଲା ।

ସ୍ଥାନୀୟ ବିଶ୍ୱାସରେ ଏହି ପାଞ୍ଚ ଦେବୀ ଥିଲେ ଗାଁର ରକ୍ଷାକର୍ତ୍ତ୍ରୀ । ବାତ୍ୟା ଆସୁ, ବନ୍ୟା ଆସୁ, ସମୁଦ୍ର ଉତ୍ତାଳ ହେଉ-ଭକ୍ତଙ୍କ ବିଶ୍ୱାସ ଥିଲା, ମା' ସେମାନଙ୍କୁ ରକ୍ଷା କରିବେ ।



ଏହି ଆସ୍ଥା ବୈଜ୍ଞାନିକ ପ୍ରମାଣର ବିଷୟ ନୁହେଁ ଏହା ଲୋକମନର ଅନୁଭବ । ପିଢ଼ି ପରେ ପିଢ଼ି ଯେଉଁ ବିଶ୍ୱାସ ବଳରେ ବଞ୍ଚି ରହେ, ତାହା ଆମ ସମାଜର ସାଂସ୍କୃତିକ ସ୍ମୃତିର ଅଂଶ ହୋଇଯାଏ ।

**ପଞ୍ଚୁବରାହୀ ନାମଟି ନିଜ ମଧ୍ୟରେ ବହନ କରେ ପାଞ୍ଚ ଦେବୀଙ୍କ ଉପାସନାର ଏକ ଅନନ୍ୟ ପରମ୍ପରା । ଜଞ୍ଜାଳୀ, କମଳୀ, ବିମାଳୀ, ପାଠକୁମାରୀ ଓ ପଞ୍ଚୁବରାହୀ-ଏହି ପାଞ୍ଚ ଦେବୀଙ୍କ ଉପାସନା ସାତଭାୟାର ଲୋକଜୀବନର ଅବିଚ୍ଛିନ୍ନ ଅଂଶ ଥିଲା । ସ୍ଥାନୀୟ ବିଶ୍ୱାସରେ ଏହି ପାଞ୍ଚ ଦେବୀ ଥିଲେ ଗାଁର ରକ୍ଷାକର୍ତ୍ତ୍ରୀ । ବାତ୍ୟା ଆସୁ, ବନ୍ୟା ଆସୁ, ସମୁଦ୍ର ଉତ୍ତାଳ ହେଉ-ଭକ୍ତଙ୍କ ବିଶ୍ୱାସ ଥିଲା, ମା' ସେମାନଙ୍କୁ ରକ୍ଷା କରିବେ ।**

ମା' ପଞ୍ଚୁବରାହୀଙ୍କ ଆର୍ବିଭାବକୁ ନେଇ ଏକ ଚମତ୍କାର ଲୋକକଥା ଆଜି ମଧ୍ୟ ପ୍ରଚଳିତ । କୁହାଯାଏ, ୧୮୧୩ ମସିହାରେ କନିକା ରାଜା ବିନାୟକ ଭଞ୍ଜଦେଓ ଜଙ୍ଗଲ ମଧ୍ୟରେ ଭ୍ରମଣ କରୁଥିବା ସମୟରେ ଏକ ଅଦ୍ଭୁତ ଆଲୋକ ଦେଖିଥିଲେ । ଘନ ଜଙ୍ଗଲ ମଧ୍ୟରେ ସେହି ଆଲୋକର ଉତ୍ସ ତାଙ୍କୁ ବିସ୍ମିତ କରିଥିଲା ।

ରହସ୍ୟ ଉଦ୍‌ଘାଟନ ପାଇଁ ସେ ନିଜ ସେନାମାନଙ୍କୁ ସେହି ସ୍ଥାନକୁ ପଠାଇଥିଲେ । ସେନାମାନେ ଜଙ୍ଗଲ ସଫା କରିବା ପରେ ଯାହା ଦେଖିଥିଲେ, ତାହାକୁ ଲୋକମାନେ ଦେବୀଙ୍କ ଅଲୌକିକ ଆର୍ବିଭାବ ଭାବେ ଗ୍ରହଣ କରିଥିଲେ । ଏକ ନୌକା ମଧ୍ୟରେ ପାଞ୍ଚଟି ଦେବୀମୂର୍ତ୍ତି ଥିବା ଦେଖା ଯାଇଥିଲା ବୋଲି ପ୍ରଚଳିତ କଥା ରହିଛି ।

ପରବର୍ତ୍ତୀ ସମୟରେ ଏହି ଦେବୀମୂର୍ତ୍ତିଗୁଡ଼ିକୁ ଭକ୍ତି ଓ ଶ୍ରଦ୍ଧାର ସହ ପ୍ରତିଷ୍ଠା କରାଯାଇଥିଲା ବୋଲି ଲୋକକଥା କହେ ।

ଇତିହାସର ପ୍ରତ୍ୟେକ ଘଟଣାର ଲିଖିତ ଦସ୍ତାବିଜ ନଥାଇପାରେ, କିନ୍ତୁ ଲୋକମୁଖରେ ପିଢ଼ି ପରେ ପିଢ଼ି ବଞ୍ଚି ରହିଥିବା କାହାଣୀ ମଧ୍ୟ ଏକ ସମାଜର ସାଂସ୍କୃତିକ ଇତିହାସର ଅମୂଲ୍ୟ ସମ୍ପଦ ।

ପଞ୍ଚୁବରାହୀ ପୀଠର ସବୁଠାରୁ ବିଶିଷ୍ଟ ଓ ଚର୍ଚ୍ଚିତ ପରମ୍ପରା ରହିଛି ମହିଳା ପୂଜାରିଣୀ ପ୍ରଥା । ପିଢ଼ି ପରେ ପିଢ଼ି ସ୍ଥାନୀୟ କୈବର୍ତ୍ତ ସମ୍ପ୍ରଦାୟର ବିବାହିତ ମହିଳାମାନେ ମା'ଙ୍କ ପୂଜା, ନୀତିକାନ୍ତି ଓ ସେବା କରି ଆସୁଥିଲେ । ଧାର୍ମିକ ଅଧିକାରର ଏହି ପରମ୍ପରା ସାମାଜିକ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଲୋକକଥାରେ ରହିଛି, ପୂର୍ବରୁ ଜଣେ ପୁରୁଷ ପୂଜକ ଦେବୀଙ୍କ ପ୍ରତି କୁଦୃଷ୍ଟି ରଖିବାରୁ ଦେବୀଙ୍କ କ୍ରୋଧର ଶିକାର ହୋଇଥିଲେ ଏବଂ ପଥରରେ ପରିଣତ ହୋଇଥିଲେ । ସେହି ଘଟଣା ପରଠାରୁ ମହିଳାମାନେ ଦେବୀଙ୍କ ସେବାର ଦାୟିତ୍ୱ ନେଇଥିଲେ ବୋଲି ପ୍ରବାଦ ରହିଛି ।

ଏହି କାହାଣୀର ଐତିହାସିକ ସତ୍ୟତା ନେଇ ଗବେଷଣାର ଆବଶ୍ୟକତା ଥାଇପାରେ । କିନ୍ତୁ ଲୋକମନରେ ଏହାକୁ ଅସ୍ୱୀକାର କରାଯାଇ ପାରେ ନାହିଁ । ଯେତେବେଳେ ଅନେକ ଧାର୍ମିକ ପ୍ରତିଷ୍ଠାନରେ ନାରୀଙ୍କ ଭୂମିକା ସୀମିତ ଥିଲା, ସେତେବେଳେ ପଞ୍ଚୁବରାହୀ ପୀଠରେ ମହିଳାମାନେ ପିଢ଼ି ପରେ ପିଢ଼ି ଦେବୀଙ୍କ ପୂଜାର ମୁଖ୍ୟ ଦାୟିତ୍ୱ ନେଇଥିବା ପରମ୍ପରା ନିଶ୍ଚୟ ଏକ ଅଧ୍ୟୟନଯୋଗ୍ୟ ସାମାଜିକ ପ୍ରଥା ।

**କ୍ରମଶଃ...**

ବିଧାୟକ, ମହାକାଳପଡ଼ା
ଭୁବନେଶ୍ୱର, ମୋ-୯୯୩୭୮୦୫୮୮

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅସ୍ତ୍ରରେ...

ଗୁରୁତ୍ୱ ଦିଆଯାଇଥିବା ମୋଦୀ କହିଥିଲେ । ଦେଶଗୁଡ଼ିକ ସମ୍ଭାବ୍ୟ ଚ୍ୟାଲେଞ୍ଜକୁ ସମୟ ପୂର୍ବରୁ ଚିହ୍ନଟ କରି ପ୍ରସ୍ତୁତ ରହିବା ସହ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ ।

ଭାରତର ଅଧ୍ୟକ୍ଷତାରେ ବ୍ରିକ୍ସରେ ସଂକ୍ରାମକ ରୋଗର ପ୍ରତିରୋଧ ଓ ମୁକାବିଲା ପାଇଁ 'ବ୍ରିକ୍ସ ଇଣ୍ଟିଗ୍ରେଟେଡ୍ ଆର୍ଲି ୱାର୍ଣ୍ଣିଂ ସିଷ୍ଟମ୍' ପ୍ରତିଷ୍ଠା ନେଇ ସହମତି ହୋଇଛି । ବିପର୍ଯ୍ୟୟ ପରିଚାଳନା ପାଇଁ 'ଆର୍ଲି ୱାର୍ଣ୍ଣିଂ ଡାଟା ଇଣ୍ଟିଗ୍ରେସନ୍' ସମ୍ପର୍କିତ ନିର୍ଦ୍ଦେଶାବଳୀ ମଧ୍ୟ ପ୍ରସ୍ତୁତ କରାଯାଇଛି ।

ଏହାସହ 'ବ୍ରିକ୍ସ ଲଜିଷ୍ଟିକ୍ସ ସପ୍ଲାଇ ଚେନ୍ ଅପରେସନ୍ ଫ୍ରେମୱର୍କ' ଯୋଗାଣ ଶୃଙ୍ଖଳାକୁ ଅଧିକ ବିଶ୍ୱସନୀୟ ଓ ସଙ୍କଟ-ପ୍ରତିରୋଧୀ କରିବାରେ ସହାୟକ ହେବ ବୋଲି ମୋଦୀ କହିଥିଲେ । ନବସୃଜନମୂଳକ ଓ ବ୍ୟାପକ ଭାବେ ପ୍ରୟୋଗଯୋଗ୍ୟ ସମାଧାନକୁ ପ୍ରୋତ୍ସାହନ ଦେବା ପାଇଁ 'ବ୍ରିକ୍ସ ଷ୍ଟାର୍ଟଅପ୍ ଇନୋଭେସନ୍ ଫଣ୍ଡ' ପ୍ରସ୍ତାବ ଦିଆଯାଇଥିବା ସେ ସୂଚନା ଦେଇଥିଲେ ।'ବ୍ରିକ୍ସ ଇନକ୍ୟୁବେଟର ନେଟୱର୍କ' ମାଧ୍ୟମରେ ଷ୍ଟାର୍ଟଅପ୍ ଓ ଇନକ୍ୟୁବେଟରଗୁଡ଼ିକ ପରସ୍ପର ସହ ଯୋଡ଼ିହୋଇପାରିବେ । ସେହିପରି 'ବ୍ରିକ୍ସ ନେଟୱର୍କ ଅନ୍ ଡିଜିଟାଲ୍ ଆଗ୍ରିକଲଚର୍' ମାଧ୍ୟମରେ କୃଷକଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ । ଏହି ପଦକ୍ଷେପରେ କୃତ୍ରିମ ବୁଦ୍ଧିମତ୍ତା, ଭୂ-ସ୍ଥାନିକ ପ୍ରଯୁକ୍ତି ଓ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚରକୁ କୃଷକଙ୍କ ବାସ୍ତବ କ୍ଷମତା ଓ ଆବଶ୍ୟକତା ସହ ଯୋଡ଼ାଯିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

## ୨୦ରେ...

ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ଏହା ଉତ୍ତର ପଶ୍ଚିମ ଦିଗକୁ ଗତିକରି ସେପ୍ଟେମ୍ବର ୨୨ ବେଳକୁ ଓଡ଼ିଶା-ଉତ୍ତର ନିକଟକୁ ଆସିପାରେ । ତେବେ ଏହା କେତେ ଶକ୍ତିଶାଳୀ ହେବ କେଉଁ ଦିଗକୁ ଯିବ ତାହା ଏବେ ଠାରୁ ସ୍ପଷ୍ଟ କହି ହେବନି । ସେପ୍ଟେମ୍ବର ମଧ୍ୟଭାଗରେ ଓଡ଼ିଶାରେ ମୌସୁମୀ ବର୍ଷା ହୋଇପାରେ ।

## ଏବେ...

ପାଣିପାଗ ସିଷ୍ଟମର ବିକାଶ ପ୍ରକ୍ରିୟାକୁ ବୁଝାଇଥାଏ । ବାତ୍ୟାସୃଷ୍ଟି ହୋଇସାରିଥିବାର କୌଣସି ସୂଚନା ଦିଏ ନାହିଁ । ବର୍ଷାର ଏହି ସମୟର ବଙ୍ଗୋପସାଗର ଉପରିଭାଗରେ ପ୍ରବଳ ପବନ ପ୍ରବାହିତ ହୋଇଥିବାରୁ ଏହା ସିଷ୍ଟମକୁ ବାତ୍ୟା ରୂପ ନେବାକୁ ଦିଏ ନାହିଁ । ସାଧାରଣତଃ ଅକ୍ଟୋବର ମଧ୍ୟଭାଗ କିମ୍ବା ନଭେମ୍ବର ମାସରେ ମୌସୁମୀ ଅପସାରଣ ପରେ ବାତ୍ୟା ଲାଗି ଅନୁକୂଳ ପରିବେଶ ସୃଷ୍ଟି ହୋଇଥାଏ । ତେଣୁ ବର୍ତ୍ତମାନ ବାତ୍ୟା ବିଷୟରେ କିଛି କହିବା ଠିକ୍ ନୁହେଁ । ଏଥିଲାଗି ଆଦୌ ଭୟଭୂତ କିମ୍ବା ଆତଙ୍କିତ ହେବା ଉଚିତ ନୁହେଁ ।

## ରାହୁଲଙ୍କୁ...

ତାଙ୍କର ଏକ ସମ୍ମାନପଦ ଓ ଭଲ ବନ୍ଧୁ ବୋଲି କହିବା ସହ ଭାରତୀୟ ଅର୍ଥନୈତିକ ରୂପାନ୍ତୀକରଣରେ ତାଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ୨୦୨୪ ଡିସେମ୍ବରରେ ଯେତେବେଳେ ମନମୋହନ ସିଂଙ୍କ ମୃତ୍ୟୁ ହୋଇଥିଲା ଯେତେ ବେଳେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇ ଇବ୍ରାହିମ ତାଙ୍କୁ ବିଶ୍ୱ ଅର୍ଥନୀତିର ଏକ ବଡ଼ ସ୍ଥପତି ବୋଲି କହିଥିଲେ । ଯେତେବେଳେ ଏହି ସଂସ୍କାର ଲାଗୁ ହୋଇଥିଲା ସେତେବେଳେ ଇବ୍ରାହିମ ମାଲେସିଆର ଅର୍ଥମନ୍ତ୍ରୀ ଥିଲେ । ଇବ୍ରାହିମ ମଧ୍ୟ ସ୍ୱର୍ଗତଃ ସିଂଙ୍କ ସମୟରେ ବ୍ୟକ୍ତିଗତ ତଥ୍ୟକୁ ପ୍ରକାଶ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ରାଜନୈତିକ କାରଣରୁ ଜେଲ ଯିବାକୁ ପଡିଥିଲା ସେତେବେଳେ ତାଙ୍କ ପିଲାମାନଙ୍କ ଶିକ୍ଷା ପାଇଁ ସ୍ୱର୍ଗତଃ ସିଂ ସହଯୋଗ କରିଥିଲେ ।

## ସ୍ତ୍ରୀଙ୍କ...

ପନୀ ବିଳାସୀ ନାଏକଙ୍କୁ ମଧ୍ୟ ଧୀରେନ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ଉଭୟ ଗୁରୁତର ଆହତ ହେବାରୁ ସେମାନଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ବିଳାସୀଙ୍କ ମୃତ୍ୟୁ ଘଟିଛି । ଅନ୍ତ ନାଏକଙ୍କ ହାତ ଭାଙ୍ଗିଥିବା ସୂଚନା ମିଳିଛି । ଘଟଣାରେ ପୁଲିସ ଆକ୍ରମଣରେ ବ୍ୟବହୃତ ଠେଙ୍ଗା ଜବତ କରି ତଦନ୍ତ ଚଳାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଧିରେନ ନାଏକ ଫେରାର ଥିବା ଜଣାପଡ଼ିଛି ।

## ୨.୪୩ ଲକ୍ଷ...

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ ଗସ୍ତ କାଳରେ ୯, ୧୦ ଓ ୧୧ ତାରିଖ— ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି । ୟୁଏଇ ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଂ, ୬ଟି ରାଉଣ୍ଡଟେବୁଲ ମିଟିଂ, ୪୬ଟି ୱାନ୍-ଟୁ-ୱାନ୍ ମିଟିଙ୍ଗ ସହ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଛି । ଏହି ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ପୁଞ୍ଜି ନିବେଶ ସୃଷ୍ଟି ହୋଇଛି, ଯାହାଦ୍ୱାରା ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି । ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ସୁଯୋଗ ସୃଷ୍ଟି ହେବ । ପରୋକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଏହି ଗସ୍ତ କାଳରେ ୟୁଏଇର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍‌ଦୁଲା ବିନ୍ ତକ୍ ଅଲ୍ ମାରି ଏବଂ ଆଇଏଚସିର ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍‌ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । ଆଇଏଚସି ଓ ଆଦାନୀ ଗ୍ରୁପ୍ ମଧ୍ୟରେ ୨୦୨୬ ଜୁଲାଇ ୨ ତାରିଖରେ ହୋଇଥିବା ଭାଗିଦାରୀକୁ ଆଗକୁ ନେଇ ଓଡ଼ିଶାରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହି ଦୁଇ କମ୍ପାନୀର ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ ପ୍ରୋଜେକ୍ଟ ପାଇଁ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ଜାରି ରହିଛି ।

ଏହା ସହିତ ୟୁଏଇର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବର ଆଦାନପ୍ରଦାନ କରାଯାଇଛି, ଯାହା ଦ୍ୱିପାକ୍ଷିକ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ସେ ଆହୁରି କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଶିକ୍ଷିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି । ଏଥିପାଇଁ ଆଗାମୀ ଦିନରେ ପ୍ରତିଷ୍ଠିତ ହେବାକୁ ଥିବା କାରଖାନା ଓ ଅଫିସଗୁଡ଼ିକ ପାଇଁ ଯୁବବର୍ଗଙ୍କୁ ନିଯୁକ୍ତି-ପ୍ରସ୍ତୁତ କରିବାକୁ ଆବଶ୍ୟକୀୟ ସ୍କିଲ ଟ୍ରେନିଂ ଦିଆଯାଉଛି ।

ପ୍ରାରମ୍ଭିକ ସ୍ତରରେ ସଫଳତା ମିଳିବା ପରେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଏହିସବୁ ନିବେଶ ପ୍ରସ୍ତାବ ଓ ଏମଓୟୁ ଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ଉତ୍ପାଦନ ଆରମ୍ଭ କରିବା, ଯାହା ଆଗାମୀ ଦିନରେ ରାଜ୍ୟରେ ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବ ।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ . ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ , ଏକାମ୍ର ବିଧାୟକ ବାବୁ ସିଂ , ନିଆଳି ବିଧାୟକ ଛବି ମଲ୍ଲିକ, ଭଟଳି ବିଧାୟକ ଇରାସିସ ଆଚାର୍ଯ୍ୟ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କବି ସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜ ସେବୀ ଜଗନ୍ନାଥ ପ୍ରଧାନ ଏବଂ ବିପୁଳ ସଂଖ୍ୟାରେ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ଧନ୍ୟବାଦ ଜଣାଇଥିଲେ ।

## ହରମୁଜରେ...

ଅଜଣା କ୍ଷେପଣାସ୍ତ୍ର ଦ୍ୱାରା କରାଯାଇଛି । ହେଙ୍ଗାମ ଏବଂ କ୍ୱେଶମ ଦ୍ୱୀପପୁଞ୍ଜ ଉପକୂଳରେ ରବିବାର ଭୋର ସମୟରେ ଏହି ଆକ୍ରମଣ କରାଯାଇଛି । ଇରାନର ସରକାରୀ ଟିଭି ଏହାକୁ ସ୍ୱୀକାର କରିଛି । ତେବେ କ୍ୱେଶମ ସହରର ରାଜ୍ୟପାଳ କିଏ ଆକ୍ରମଣ କରିଛି ଏନେଇ ସୂଚନା ଦେଇନାହାନ୍ତି । ରାତିସାରା ମଧ୍ୟ ଅନେକ ବିସ୍ଫୋରଣ ହୋଇଛି । ଆମେରିକା-ଇସ୍ରାଏଲ ସହ ତିକ୍ତତା ବଢ଼ିବା ପରେ ଇରାନ ଏହି ପ୍ରଣାଳୀକୁ ବନ୍ଦ କରିଥିଲା । ଇରାନ ପକ୍ଷରୁ କୁହାଯାଇଛି ଯେ, ଏହି ପ୍ରଣାଳୀ ଦେଇ ଜାହାଜ ଅତିକ୍ରମ କଲେ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେବାକୁ ପଡିବ । ଏଥିଲାଗି ସେବା ଦେୟ ଦେବାକୁ ପଡିବ ।

# ଗାଁ ଦାଣ୍ଡରେ ଖଣ୍ଡା ବୁଲାଇ ଯୁବକ କୋର୍ଟ ଚାଲାଣ



ନିମାପଡ଼ା,(ସବ୍ୟୁ): : ନିମାପଡ଼ା ଥାନା ଅନ୍ତର୍ଗତ ଅଙ୍କୁଶପୁର ଗ୍ରାମ ଦାଣ୍ଡରେ ଖଣ୍ଡା ବୁଲାଇ ଆତଙ୍କ ଖେଳାଇବା ଓ ଜଣେ ବ୍ୟବସାୟୀ ଓ ଦୁଇଜଣ ବୟସ୍କ ଲୋକଙ୍କୁ ଆକ୍ରମଣ କରିବା ଘଟଣାରେ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଅଭିଯୋଗରୁ ପ୍ରକାଶ ଯେ, ଉକ୍ତ ଗ୍ରାମର ଅମୂଲ୍ୟ ପ୍ରଧାନ ନାମକ ଯୁବକ ଗତ ଶୁକ୍ରବାର ରାତ୍ରରେ ନିଶା ଶକ୍ତ ଅବସ୍ଥାରେ ଗାଁ ଦାଣ୍ଡରେ ଖଣ୍ଡା ଧରି ଲୋକଙ୍କୁ ଗୋଡ଼ାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ନିକଟରେ ଥିବା ଅଜୟ ସ୍ୱାଇଁ ଙ୍କ ଦୋକାନକୁ ଜାଇ ସାମଗ୍ରୀ ମାଗିଥିଲେ । ଅଜୟ ମନା କରିବାରୁ ଆମୂଲ୍ୟ ତାଙ୍କୁ ଆକ୍ରମଣ କରିବା ସହିତ ଅନ୍ୟ ୨ଜଣ ବୟସ୍କ ଲୋକଙ୍କୁ ଆକ୍ରମଣ କରିଥିଲେ । ଗାଁ ଦାଣ୍ଡରେ ଅମୂଲ୍ୟ ଖଣ୍ଡା ଧରି ଲୋକଙ୍କୁ ଗୋଡ଼ାଇବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏସମ୍ପର୍କରେ ଅଜୟ ନିମାପଡ଼ା ଥାନାରେ ଅଭିଯୋଗ କରିବାରୁ ପୁଲିସ ଅମୂଲ୍ୟଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା । ଏହି ଘଟଣାକୁ ନିମାପଡ଼ା ଏସ.ଡି.ପି.ଓ ଜନାର୍ଦ୍ଦନ ପାଢୀ ଓ ଆଇ.ଆଇ.ସି ସମରେନ୍ଦ୍ର ପାଇକରାୟ ଗୁରୁତର ସହ ନେଇଥିଲେ । ଅଭିଯୁକ୍ତ ଅମୂଲ୍ୟ କୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

# ପାରିବାରିକ କଳହ : ପୁଅର ମାଡ଼ରେ ବାପା ମୃତ

ଭଦ୍ରକ/ଅସୁରାଳି,(ସବ୍ୟୁ): ପାରିବାରିକ କଳହର ଭୟଙ୍କର ପରିଣତି ଦେଖିବାକୁ ମିଳିଛି ଭଦ୍ରକ ନିକଟସ୍ଥ ଆନନ୍ଦ ବଜାର ଗଞ୍ଜାମାଳ ଗ୍ରାମରେ ।ପୁଅର ମାଡ଼ରେ ବୃଦ୍ଧ ବାପାର ଜୀବନ ଯାଇଛି ।ମୃତ ବୃଦ୍ଧ ହେଲେ ସଦାନନ୍ଦ ବିଶ୍ୱାଳ(୬୯) ।ଅଭିଯୁକ୍ତ ପୁଅ ରବି ନାରାୟଣ ଓରଫ ଟେରୁ(୨୯)ଙ୍କୁ ପୁଲିସ ଅଟକ ରଖିଛି । ଶନିବାର ଅପରାହ୍ନରେ ଭଦ୍ରକ ବ୍ଲକ ବିଷ୍ଣୁପୁର ବିନ୍ଧା ପଞ୍ଚାୟତସ୍ଥିତ ଗଞ୍ଜାମାଳ ଗ୍ରାମର ସଦାନନ୍ଦ ବିଶ୍ୱାଳ ଦୁଇ ପୁଅଙ୍କ କଥାକୁ ନେଇ ସ୍ତ୍ରୀ ବାସନ୍ତୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ ।ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଏବଂ ଏଥିରେ ରାଗିଯାଇ ସଦାନନ୍ଦ ଏକ ବାଡ଼ି ଆଣି ସ୍ତ୍ରୀ ବାସନ୍ତୀଙ୍କୁ ପିଟିବାକୁ ଉଦ୍ୟତ ହୋଇଥିଲେ ।ଏହି ସମୟରେ ଘରେ ଥିବା ମଝିଆଁ ପୁଅ ରବି ନାରାୟଣ ଓରଫ ଟେରୁ ଆସି ବାପା ସଦାନନ୍ଦଙ୍କ ଠାରୁ ବାଡ଼ି ଛଡାଇ ନେଇଥିଲେ ଏବଂ ସେହି ବାଡ଼ିରେ ସଦାନନ୍ଦଙ୍କୁ ଶକ୍ତ ପ୍ରହାର କରିଥିଲେ ।ମୁଣ୍ଡ ହାତ ଓ ଅଣ୍ଟା ଉପରେ ପାହାର ହୋଇଥିବା ସଦାନନ୍ଦଙ୍କୁ ମୁମୂର୍ଷୁ ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।ସେଠାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ରବିବାର ଦିନି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।ବାପାକୁ ବାଡ଼ିରେ ପିଟି ପିଟି ହତ୍ୟା କରିଥିବା ଅଭିଯୁକ୍ତ ଟେରୁ ନିଜ ଘର ଛାତ ଉପରେ ଲୁଚି ରହିଥିବା ବେଳେ ଗୁଜିଦରଡ଼ା ଫାଣ୍ଡି ପୁଲିସ ତାଙ୍କୁ ଧରି ରାତିରେ ନେଇ ଅଟକ ରଖିଥିବା ବେଳେ ରବିବାର ଆଣି ସିନରିକ୍ରିଏସନ କରାଇଛି ।ଅଭିଯୁକ୍ତ ଟେରୁ ସବୁବେଳେ ନିଶାଶକ୍ତ ହୋଇ ବିଭିନ୍ନ ସମୟରେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିଲା ।ଏହାକୁ ନେଇ ଘରେ ଅସନ୍ତୋଷ ଲାଗି ରହିଥିଲା ।ଗୋଟିଏ ସପ୍ତାହ ପୂର୍ବରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କଲେଇ ଚୁନିଦା ଠାରେ ବାପା ପୁଅକୁ ହତ୍ୟା କରିବା ଘଟଣା ଘଟିଥିଲା ।ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗଞ୍ଜାମାଳରେ ଶନିବାର ଦିନ ପୁଅ ବାପାକୁ ପିଟି ପିଟି ମାରିଦେବା ଭଳି ସମ୍ବେଦନଶୀଳ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି ।

# ରାଜସୁନାଖଳାରେ ଟ୍ରାଫିକ ସେବା ବର୍ଷ ବର୍ଷ ଧରି ବିପର୍ଯ୍ୟସ୍ତ

ରାଜସୁନାଖଳା ,(ସବ୍ୟୁ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ରାଜ ସୁନାଖଳା ବଜାର ରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଉପରେ ଅବସ୍ଥିତ ତଳ ବଜାର ରହିଛି ଏକାଧିକ ମଲ , ବ୍ୟାଙ୍କ ଓ ବ୍ୟବସାୟିକ ପ୍ରତିଷ୍ଠାନ ।ଏହି ରାଜପଥ ରୁ ରଣପୁର ଓ ଚାନ୍ଦପୁର ୧୬ ନମ୍ବର ଜାତୀୟ ରାଜପଥ କୁ ରାସ୍ତା ସଂଯୋଗ ହୋଇଛି । ନୟାଗଡ ସମେତ ଖୋର୍ଦ୍ଧା ଓ କଟକ ଜିଲ୍ଲାର ଜନସାଧାରଣ ପ୍ରମୁଖ ଏଠାକୁ ବ୍ୟବସାୟ ନିମନ୍ତେ ଆସିଥାନ୍ତି । ତଳ ବଜାରର ରାସ୍ତା ପ୍ରଶସ୍ତିକରଣ ହେଉନଥିବାବେଳେ ଉପର ବଜାରରେ ମଧ୍ୟ ବର୍ଷ ବର୍ଷ ଧରି ରାସ୍ତା ସଙ୍କୁଚିତ ହୋଇ ରହିଛି । ତଳ ବଜାରରେ ରହିଥିବା ଏକାଧିକ ମଲ ସମ୍ମୁଖରେ କୌଣଷି ପାର୍କ ସ୍ଥାନ ନ ରହିବା କାରଣରୁ ରାସ୍ତା ଉପରେ ଗାଡ଼ି ରଖି ଗ୍ରାହକମାନେ କିଣାବିକା କରୁଛନ୍ତି । ଏପରିକି ରଣପୁର ରୁ ରାଜସୁନାଖଳା ରେ ସଂଯୋଗ କରୁଥିବା ପାନନଗର ଛକ ରେ ଗାଡି ଅତିକ୍ରମ କରିବା ସମୟରେ ଘଣ୍ଟା ଘଣ୍ଟା ଧରି ଗାଡ଼ି ଠିଆ ହୋଇ ରହୁଛି । ଏପରିକି ଜରୁରୀ କାଳୀନ ସେବା ଯୋଗାଇ ଦେଇଥିବା ଦମକଳ, ଆମ୍ବୁଲାନ୍ସ ଗାଡି ମଧ୍ୟ ରାଜପଥ ରେ ଛିଡା ହୋଇ ରହୁଛି । ବର୍ତ୍ତମାନ ପାର୍ବଣ ଋତୁ ପାଇଁ ଭିଡ଼ ଦ୍ୱିଗୁଣିତ ହେଉଛି । ତେବେ ପୁଲିସ ପ୍ରଶାସନ ତରଫରୁ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ କୌଣସି ପଦକ୍ଷେପ ନିଆ ଯାଉନଥିବା ଲକ୍ଷ୍ୟ କରା ଯାଇଛି । ଏହି ରାସ୍ତାରେ ମନ୍ତ୍ରୀ,ବିଧାୟକ ,ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ ଦୈନିକ ଯାତୟାତ କରୁଥିବାବେଳେ ଏହି ସମସ୍ୟା ର ସମାଧାନ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ଓଡ଼ିଶା ସାମ୍ବାଦିକ ମହାସଂଘର ଗୁରୁତ୍ୱ ପୂର୍ଣ୍ଣ ବୈଠକ




ନରସିଂହପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବଙ୍କ ପୀଠରେ ନବ ଗଠିତ ଓଡିଶା ସାମ୍ବାଦିକ ମହାସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର ସଭାପତି ଦେବୀ ପ୍ରସାଦ ରଥଙ୍କ ପୌରହିତ୍ୟରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସଂର୍ପକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମହାସଂଘର ଉପ ସଭାପତି ଶୁଭ୍ରାଂଶୁ ମହାରଣା,ସାଧାରଣ ସମ୍ପାଦକ ଅଖିଳ ବିହାରୀ ପାଣିଗ୍ରାହୀ,ସହ ସମ୍ପାଦକ ବ୍ରଜବନ୍ଧୁ ଦେହୁରୀ, କୋଷାଧକ୍ଷ ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ମହାସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ମତାମତ ପ୍ରଦାନ କରିଥିଲେ । ରାଜ୍ୟର ସମସ୍ତ ଜିଲ୍ଲାରେ କର୍ତ୍ତବ୍ୟରତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ମହାସଂଘର ମୂଳ ଲକ୍ଷ୍ୟ ବୋଲି ମତ ପ୍ରକାଶ ପାଇବା ସହ ଆସନ୍ତା ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରେ ନୟାଗଡ ଜିଲ୍ଲାର ଗଣିଆ ବ୍ଲକ ଅଧୀନ ମା କଳାପାଟ ଠାକୁରାଣୀଙ୍କ ପୀଠରେ ରାଜ୍ୟ ସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଆୟୋଜନ ନେଇ ଆଲୋଚନା ହୋଇଥିଲା ।ସେହିପରି ରାଜ୍ୟସରକାର ଅନ୍ୟ ରାଜ୍ୟ ପରି ସାମ୍ବାଦିକମାନଙ୍କର ପେନସନ, ସୁରକ୍ଷା ଓ ସମ୍ମାନ ପ୍ରତି ଦୃଷ୍ଟି ଦେବାକୁ ବରିଷ୍ଠ ସଦସ୍ୟମାନେ ଦାବି ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ ସମାଜର କଲ୍ୟାଣ ନିମନ୍ତେ ମହାସଂଘ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ବୈଠକରେ ସ୍ଥିର ହୋଇଥିଲା ।ଶେଷରେ ବରିଷ୍ଠ ସଦସ୍ୟଭୂପେନ ଦାଶ ଧନ୍ୟବାଦ ଦେଇଥିଲେ ।

## ଅପରାଧୀ ...


ସାଇକେଲ(ଓଡି୧୫ଏବି-୩୬୭୪)ରେ ଯାଉଥିବା ମହମ୍ମଦ ଇରଫାନ ଏବଂ ତାଙ୍କର ୨ ଜଣ ସହଯୋଗୀଙ୍କୁ ପୋଲିସ ଅଟକାଇଥିଲା । ଏଥିସହ ଅଇଁଠାପାଲି ଥାନା ଟାଙ୍ଗରପାଲିର ମହମ୍ମଦ ଅରମାନ(୨୮) ଓ ଧନୁପାଲି ଥାନା ସୁନାପାଲିର ଦୀପକ କୁମାର(୨୦)ଙ୍କୁ କାବୁ କରିବାରେ ପୋଲିସ ସକ୍ଷମ ହୋଇଥିଲା । ମାତ୍ର ମହମ୍ମଦ ଇରଫାନ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ । ପୋଲିସ ଟିମ୍ ତାଙ୍କୁ ପିଛା କରିଥିଲା । ଏଭଳିସ୍ଥଳେ ଇରଫାନ ପୋଲିସ ଉପରକୁ ପ୍ରଥମେ ଗୁଳିଚାଳନା କରିଥିଲା । ଆତ୍ମରକ୍ଷା ପାଇଁ ପୋଲିସ ଟିମ୍ ପକ୍ଷରୁ ନିୟନ୍ତ୍ରିତ ପାଲଟା ଗୁଳିଚାଳନା କରାଯାଇଥିଲା । ଇରଫାନ ନିଜ ପିସ୍ତଲରୁ ୩ ରାଉଣ୍ଡ ଗୁଳି ଚାଳନା କରିଥିବା ବେଳେ ପୋଲିସ ୨ରାଉଣ୍ଡ ଗୁଳି ମାରି ଥିଲା । ଗୁଳି ମାଡ଼ରେ ଇରଫାନ ଆହତ ହୋଇଥିଲେ । ଅଭିଯୁକ୍ତ ଇରଫାନଙ୍କ ନାମରେ ସମ୍ବଲପୁର, ବରଗଡ, ସୁନ୍ଦରଗଡ ଓ ଝାରସୁଗୁଡ଼ାର ବିଭିନ୍ନ ଥାନାରେ ଡକାୟତି, ରାହାଜାନି, ଆଲୁମିନିୟମ ତାର ଚୋରି, ଚୋରି ଏବଂ ନିଶା କାରବାର ଭଳି ୨୪ରୁ ଅଧିକ ଅପରାଧିକ ମାମଲା ଥିବା ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି । ତେବେ ଗତ ୧୯ ମେ, ୨୦୨୬ରେ ଚାରମାଳ ଥାନା ପୋଲିସ ଗୁଳିରେ ଗଞ୍ଜେଇ ମାଫିଆ ଦାନିପାଲିର ବର୍ଣ୍ଣି ସୁନା ଆହତ ହୋଇଥିଲା । ସେହିପରି ମେ୧୭, ୨୦୨୬ରେ ବୁର୍ଲା ଥାନା ପୋଲିସ ଗୁଳିରେ ଗୋପାଳପାଲି ଗ୍ରାମର କୁଖ୍ୟାତ ଅପରାଧୀ ମନୀଷ ସାହୁ ଆହତ ହୋଇଥିଲା । ଗତ ୪ମାସ ମଧ୍ୟରେ ୩ଜଣ ଅପରାଧି ପୋଲିସ ଗୁଳିର ଶିକାର ହୋଇଥିବା ବେଳେ ଏହା ବିପର୍ଯ୍ୟୟ ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାରିବାରେ ବେଶ ସହାୟକ ହେବ ବୋଲି ଆଶା କରାଯାଉଛି ।

# ନଗଦ ଲକ୍ଷାଧିକ ଟଙ୍କା ସହ ଦାମୀ ସୁନା ଅଳଙ୍କାର ଲୁଟ

ବାଙ୍କୀ ,(ସବ୍ୟୁ): ଗୁରୁବାର ଦିନ ବିଳମ୍ବିତ ରାତିରେ ବାଙ୍କୀ ଥାନା ଅନ୍ତର୍ଗତ ଢ଼ୁସଂର ଗ୍ରାମ ର ହାଇ ସ୍କୁଲ ନିକଟରେ ରହୁଥିବା ଚିତ୍ତରଞ୍ଜନ ସାହୁ ନାମକ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଯାଇଛି । କଳା କନା ବୁଲାଇ ଦେଇଛନ୍ତି ଚୋର । ରାତିର ପରିବାର ର ସମସ୍ତେ ଶୋଇଥିବା ଅବସ୍ଥାରେ ଘର ଭିତରେ ଥିବା ବାଇକ , ନେବା ସହ ଆଲମାରୀ ଭାଙ୍ଗି ନଗଦ ସାଢେ ଚାରି ଲକ୍ଷ ଟଙ୍କା, ବହୁ ସୁନା ଗହଣା ଓ ଅଳଙ୍କାର ଲୁଟି ନେଇ ଥିବାର ବାଙ୍କୀ ଥାନା ରେ ଅଭିଯୋଗ କରିଛନ୍ତି ଚିତ୍ତରଞ୍ଜନ ସାହୁ । ଶ୍ରୀ ସାହୁ ଜଣେ ବ୍ୟବସାୟୀ ହୋଇ ଥିବା ରୁ ତାଙ୍କୁ ଚୋର ମାନେ ଟାର୍ଗେଟ କରି ସମସ୍ତ ଜିନିଷ ଲୁଟି ନେଇଛନ୍ତି । ବାଙ୍କୀ ଥାନା କେଶ ନମ୍ବର୍ ୪୮୨/୨୦୨୬ ରେ ପୋଲିସ ମୋକଦ୍ଦମା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରି ଥିବା ବେଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

## ଚିଲିର...

ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଉଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ଘଟଣାର ତଦନ୍ତ କରୁଥିବା ଜର୍ଜ ଗ୍ରାନାଡା କହିଛନ୍ତି, ଅଗ୍ନିକାଣ୍ଡରେ କୌଣସି ତୃତୀୟ ପକ୍ଷର ସମ୍ପୃକ୍ତି ଅଛି କି ନାହିଁ, ତାହା ଯାଞ୍ଚ କରାଯାଉଛି । ନର୍ସିଂ ହୋମର ମାଲିକମାନଙ୍କୁ ମଧ୍ୟ ପଚରାଉଚରା ପାଇଁ ଡକାଯାଇଛି । ଚିଲିର ରାଷ୍ଟ୍ରପତି ଜୋସେ ଆଣ୍ଟୋନିଓ କାଷ୍ଟ୍ ଘଟଣାରେ ଶୋକ ପ୍ରକାଶ କରିବା ସହ ଦେଶର ସମସ୍ତ ନର୍ସିଂ ହୋମର ସ୍ଥିତି ଯାଞ୍ଚ ପାଇଁ ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।




**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୧୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୬୨୨, କେନ୍ଦୁଝର- ରବିନାରାୟଣରାଜ- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

# ଟେଟ୍ରାହେଡ୍ରନ ପକ୍ଷରୁ ରକ୍ତଦାନ ଶିବିର, ୨୦ ୟୁନିଟ୍ ସଂଗ୍ରହ

କଟକ, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମ ଦିବସ ପାଳନ ଉପଲକ୍ଷେ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟାଙ୍ଗୀରେ ଅବସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଟେଟ୍ରାହେଡ୍ରନ ଏଡୁକେସନାଲ ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାନପୁର ଗ୍ରାମସ୍ଥ ବାବା କାନନେଶ୍ୱର ସ୍ପୋର୍ଟସ କ୍ଲବ ପରିସରରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରେଡକ୍ରସ ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକଙ୍କ ପୌରହିତ୍ୟରେ ତଥା ଟେଟ୍ରାହେଡ୍ରନ ଟ୍ରଷ୍ଟର ଅଧକ୍ଷ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ କ୍ଲବର ୨୦ ଜଣ ସଦସ୍ୟ ନୂତନ କରି ରକ୍ତଦାନ କରିଥିଲେ। ଏହି ଶିବିରରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର କଟକର ଚିକିତ୍ସକଙ୍କ ସମେତ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, କ୍ଲବର ସଭାପତି ତଥା ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ଧନେଶ୍ୱର ନାୟକ, ଶାଳଗାଁ ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ପ୍ରବୀର କୁମାର ଦାଶ, ଯୁବ ସଂଗଠକ ବିଶ୍ୱଜିତ ଅଞ୍ଚଳ ପ୍ରମୁଖ ଯୋଗଦେଇ ଏଭଳି ମହତ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କ୍ଲବର ଶୁଭମ ବେହେରା, ସୁବ୍ରତ ବେହେରା, ରାକେଶ ବେହେରା ଓ ବାପିନା ଲେଙ୍କାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଏକମାସ ଧରି ଟେଟ୍ରାହେଡ୍ରନ ଟ୍ରଷ୍ଟ ପକ୍ଷରୁ ୧୦ରୁ ଉର୍ଦ୍ଧ ରକ୍ତଦାନ ଶିବିର ସମେତ ସ୍ୱଚ୍ଛତା କାର୍ଯ୍ୟକ୍ରମ ଏବଂ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ କରାଯିବ ବୋଲି ଟ୍ରଷ୍ଟ ଅଧକ୍ଷ ଶ୍ରୀ ବେହେରା ସୂଚନା ଦେଇଛନ୍ତି।




## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ରାୟଗଡ଼ା–କୋରାପୁଟ–ଜୟପୁର ରେଳ ସେକ୍ସନ୍ ପରିଦର୍ଶନ

# ନିର୍ମାଣ କାର୍ଯ୍ୟ, ଟ୍ରେନ୍ ପରିଚାଳନା, ଭିତ୍ତିଭୂମି ବିକାଶ ଓ ଯାତ୍ରୀ ସୁବିଧାର ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ରାୟଗଡ଼ା–କୋରାପୁଟ–ଜୟପୁର ରେଳ ସେକ୍ସନ୍ ପରିଦର୍ଶନ କରି ଏହି ସେକ୍ସନ୍‌ର ସାମଗ୍ରିକ ଟ୍ରେନ୍ ପରିଚାଳନା, ସୁରକ୍ଷା ଏବଂ ଭିତ୍ତିଭୂମି ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ରାୟଗଡ଼ାରୁ ଜୟପୁର ପର୍ଯ୍ୟନ୍ତ ୱିଣ୍ଡୋ ଟ୍ରେଲିଂ କରି ରେଳପଥର ସ୍ଥିତି, ସିଗନାଲିଂ ବ୍ୟବସ୍ଥା, ଟ୍ରେନ୍ ପରିଚାଳନା ଏବଂ ରେଳ ମାର୍ଗରେ ଚାଲୁରହିଥିବା ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ମହାପ୍ରବନ୍ଧକ ମଧ୍ୟ ସିଙ୍ଗାପୁର ରୋଡ୍–କୋରାପୁଟ ରେଳ ସେକ୍ସନ୍‌ରେ ଚାଲୁରହିଥିବା ରେଳପଥ ଦୋହରୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଇଞ୍ଜିନିୟରିଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ଅବଗତ ହୋଇଥିଲେ। ରେଳପଥର କ୍ଷମତା ବୃଦ୍ଧି, ଅଧିକ ସୁଗମ ଟ୍ରେନ୍ ପରିଚାଳନା ଏବଂ ଅଞ୍ଚଳରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏହି ପ୍ରକଳ୍ପର ବିଶେଷ ଗୁରୁତ୍ୱ ରହିଛି। ଏହା ଅଞ୍ଚଳର ସାମଗ୍ରିକ ସାମାଜିକ ଓ ଆର୍ଥିକ ବିକାଶକୁ ମଧ୍ୟ ସହାୟତା କରିବ।

ଶ୍ରୀ ଫୁଙ୍କୱାଲ ରେଳ ସେକ୍ସନ୍‌ର ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଏବଂ ନିରାପଦ ଓ ଦକ୍ଷ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ନିମନ୍ତେ ଗ୍ରହଣ କରାଯାଉଥିବା ପଦକ୍ଷେପର ସମୀକ୍ଷା କରିଥିଲେ। ଏଥିସହିତ ସେ ବିଭିନ୍ନ ଷ୍ଟେସନ୍‌ରେ ଯାତ୍ରୀ ସୁବିଧା, ଭିତ୍ତିଭୂମି ବିକାଶ, ପରିମଳ ବ୍ୟବସ୍ଥା ଏବଂ ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରିଥିଲେ। ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ଉଚ୍ଚମାନର ଗୁଣବତ୍ତା ଓ କାର୍ଯ୍ୟସ୍ଥଳୀ ସୁରକ୍ଷା ବଜାୟ ରଖି ସମୟୋଚିତ ଭାବେ ସମ୍ପନ୍ନ କରିବା ସହ ଯାତ୍ରୀମାନଙ୍କୁ ସର୍ବୋତ୍ତମ ସୁବିଧା ନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।




ପରିଦର୍ଶନ ସମୟରେ ମହାପ୍ରବନ୍ଧକ ରେଳ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରି ସୁରକ୍ଷା, ବିଶ୍ୱସନୀୟତା ଓ ଯାତ୍ରୀ ସେବାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକର ଅଗ୍ରଗତିକୁ ନିକଟରୁ ତଦାରଖ କରିବା ସହ ସେଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ପୂର୍ବତଟ ରେଳପଥର ଅନ୍ୟ ପ୍ରମୁଖ ବିଭାଗୀୟ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପ୍ରମୁଖ ମୁଖ୍ୟ ବିଦ୍ୟୁତ ଇଞ୍ଜିନିୟର, ମୁଖ୍ୟ ସେତୁ ଇଞ୍ଜିନିୟର, ମୁଖ୍ୟ ସିଗନାଲ ଓ ଟେଲିକମ୍ ଇଞ୍ଜିନିୟର/ନିର୍ମାଣ ଏବଂ ରାୟଗଡ଼ା ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଉପସ୍ଥିତ ଥିଲେ।

## ନିରକ୍ଷରତା ଦୂର କରିବ 'ଉଲ୍ଲାସ' ଆପ

# ଫରେଷ୍ଟ କଲୋନୀ କ୍ଲଷ୍ଟର ପକ୍ଷରୁ ସ୍ୱତନ୍ତ୍ର ପ୍ରଶିକ୍ଷଣ କର୍ମଶାଳା

ଖୋର୍ଦ୍ଧା, (ସବ୍ୟୁ): ନିରକ୍ଷରତା ଦୂର କରିବା ସହ ବୟସ୍କ ଶିକ୍ଷାର୍ଥୀମାନଙ୍କୁ ଡିଜିଟାଲ୍ ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ିବା ଲକ୍ଷ୍ୟରେ ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ଫରେଷ୍ଟ କଲୋନୀ ଆଂଚଳିକ ସାଧନ କେନ୍ଦ୍ର (ଏମ୍‌ପିଏଲ୍-୨) ଆନୁକୂଲ୍ୟରେ ଏକଦିବସୀୟ କ୍ଲଷ୍ଟରସ୍ତରୀୟ ଉଲ୍ଲାସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଉଲ୍ଲାସ କାର୍ଯ୍ୟକ୍ରମର ବୈଷୟିକ ଦିଗ ସମ୍ପର୍କରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣରେ ଅନଲାଇନ୍ ମାଧ୍ୟମରେ ନୂତନ ଶିକ୍ଷାର୍ଥୀଙ୍କୁ ପଞ୍ଜୀକରଣ ଓ ଯୋଡ଼ିବା, ସ୍ୱେଚ୍ଛାସେବୀ ଶିକ୍ଷକଙ୍କୁ ଟ୍ୟାଗ୍ କରିବା, ଶିକ୍ଷାଦାନ ସମ୍ପର୍କିତ ତଥ୍ୟ ଅପ୍‌ଡେଟ୍ କରିବା ଏବଂ ଶେଷରେ ମୂଲ୍ୟାୟନ ପରୀକ୍ଷା କରାଇ ଶିକ୍ଷାର୍ଥୀଙ୍କ ମାର୍କ ଅପ୍‌ଲୋଡ୍ କରିବା ଆଦି ବିଷୟରେ ବିସ୍ତୃତ ତାଲିମ ଦିଆଯାଇଥିଲା। ମୋବାଇଲ ଆପ୍ ମାଧ୍ୟମରେ ଏହି ସମସ୍ତ ପ୍ରକ୍ରିୟା କିପରି ସହଜରେ ସମ୍ପାଦନ କରାଯାଇପାରିବ, ସେନେଇ ପ୍ରାୟୋଗିକ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମର ଆରମ୍ଭରେ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ରେବତୀ ପଣ୍ଡା ପ୍ରଶିକ୍ଷଣ ଶିବିରର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜର ମୁଖ୍ୟସ୍ରୋତରୁ ବଂଚିତ ପ୍ରତ୍ୟେକ ନିରକ୍ଷର ନାଗରିକଙ୍କ ନିକଟରେ ଶିକ୍ଷାର ଆଲୋକ ପହଁଚାଇବା ଉଲ୍ଲାସ ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ କେବଳ ପାଠପଢ଼ାରେ ସୀମିତ ନୁହେଁ; ଏହା ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କୁ ଆର୍ଥିକ କାରବାର, ଡିଜିଟାଲ୍ ସାକ୍ଷରତା ଓ ଦୈନନ୍ଦିନ ଜୀବନରେ ଆବଶ୍ୟକ ବିଭିନ୍ନ ନାଗରିକ ଦାୟିତ୍ୱ ସମ୍ପର୍କରେ ସଚେତନ କରି ସ୍ୱାବଲମ୍ବୀ କରିବା ଏହାର ଅନ୍ୟତମ ଉଦ୍ଦେଶ୍ୟ ବୋଲି କହିଥିଲେ। ସେହିପରି କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ଅଂଚଳରେ ବିଭିନ୍ନ କାରଣରୁ ଔପଚାରିକ ଶିକ୍ଷାରୁ ବଂଚିତ ହୋଇଥିବା ୧୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ନାଗରିକଙ୍କୁ ଚିହ୍ନଟ କରି ଉଲ୍ଲାସ କାର୍ଯ୍ୟକ୍ରମ ସହ ଯୋଡ଼ିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନିରକ୍ଷରତା ଦୂର କରିବା ସହ ବୟସ୍କ ଶିକ୍ଷାର୍ଥୀମାନଙ୍କୁ ଆଧୁନିକ ଡିଜିଟାଲ୍ ଦୁନିଆ ସହ ସାମିଲ କରିବାକୁ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସାମାଜିକ ଦାୟିତ୍ୱବୋଧର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ।

## ନନ୍ଦନକାନନ: ବ୍ୟାଟେରୀ ଗାଡି ଧକ୍କାରେ ପର୍ଯ୍ୟଟକ ଆହତ

ବାରଙ୍ଗ (ସବ୍ୟୁ): ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପରିସରରେ ଆଜି ଏକ ଅଘଟଣ ଘଟିଛି। ପର୍ଯ୍ୟଟକଙ୍କ ପାଇଁ ଚାଲୁଥିବା ବ୍ୟାଟେରୀ ଚାଳିତ ଗାଡିର ବେପରୁଆ ଚାଳନା ଯୋଗୁଁ ଜଣେ ପର୍ଯ୍ୟଟକ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୩ଟା ସମୟରେ ପ୍ରାଣୀ ଉଦ୍ୟାନ ଭିତର ନର୍ଥ ଇଷ୍ଟ ପନୋରମା ଠାରେ ମୁଖ୍ୟ ରାସ୍ତାରେ ପର୍ଯ୍ୟଟକ ଚାଲି ଚାଲି ଜୀବଜନ୍ତୁ ଦେଖୁଥିବା ବେଳେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବ୍ୟାଟେରୀ ଗାଡି ଧକ୍କା ଦେଇଥିଲା। ଧକ୍କାରେ ପର୍ଯ୍ୟଟକ ଜଣକ ତଳେ ପଡି ଆହତ ହୋଇଥିଲେ। ତାଙ୍କ ଗୋଡ ଓ ମୁଣ୍ଡରେ ଆଘାତ ଲାଗିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଗାଡି ଚାଳକ ବହୁତ ଦ୍ରୁତ ଗତିରେ ଗାଡି ଚଳାଉଥିଲେ ଏବଂ ହର୍ଣ୍ଣ ମଧ୍ୟ ଦେଇ ନଥିଲେ। ସେଠାରେ ଉପସ୍ଥିତ ଅନ୍ୟ ପର୍ଯ୍ୟଟକମାନେ ତୁରନ୍ତ ଉଦ୍ୟାନ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଆହତ ପର୍ଯ୍ୟଟକଙ୍କୁ ପ୍ରଥମେ ନନ୍ଦନକାନନ ଭିତରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି। ଏନେଇ ପର୍ଯ୍ୟଟକଙ୍କ ଅଭିଯୋଗ ନନ୍ଦନକାନନ ଭିତରେ ଚାଲୁଥିବା ବ୍ୟାଟେରୀ ଗାଡି ଗୁଡିକର ନା ଅଛି ଗତି ସୀମା, ନା ଅଛି ସଠିକ ତାଲିମପ୍ରାପ୍ତ ଡ୍ରାଇଭର। ଭିଡ ସମୟରେ ଏହା ଅଧିକ ବିପଦଜନକ ହେଉଛି। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଡିଏଭି ୟୁନିଟ୍-୮ ରେ ମହତ୍ କାର୍ଯ୍ୟ

# ରକ୍ତଦାନ ଶିବିରରେ ୧୯୧ ୟୁନିଟ୍ ରକ୍ତ ସଂଗୃହୀତ

ଭୁବନେଶ୍ୱର, (ସବ୍ୟୁ): ମାନବସେବା ଓ ଜୀବନ ରକ୍ଷା ଭଳି ମହାନ ଉଦ୍ଦେଶ୍ୟକୁ ଆଗେଇ ନେଇ ଡ଼ିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏବଂ ସମାଜ ପ୍ରତି ବିଦ୍ୟାଳୟର ନିଷ୍ଠା ଓ ବଦାନ୍ୟତା ପ୍ରଦର୍ଶନ କରିବା ପାଇଁ ଏହି ଶିବିରର ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ଅଭିଭାବକ, ସ୍ଥାନୀୟ ନାଗରିକ ଏବଂ ବିଦ୍ୟାଳୟର ଶୁଭେଚ୍ଛୁମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଜରୁରୀ ସମୟରେ ଜୀବନ ବଞ୍ଚାଇବାର ମହତ୍ ବାର୍ତ୍ତା ଦେଇଥିଲେ। କ୍ୟାପିଟାଲ ହସ୍‌ପିଟାଲର ଚିକିତ୍ସକ ଓ ମେଡ଼ିକାଲ ଟିମ୍‌ଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଇପ୍‌ସିତା ଦାସ, ସୁପରଭାଇଜର ବୃନ୍ଦ, ଡ଼ିଏସବିଏମର ଛାତ୍ରଛାତ୍ରୀ, କବ୍-ବୁଲବୁଲ୍ କ୍ୟାଡ଼େଟ, ଅଭିଭାବକ ଓ ଶୁଭେଚ୍ଛୁମାନଙ୍କ ଉପସ୍ଥିତିରେ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ଦିନସାରା ଚାଲିଥିବା ଏହି ଶିବିରରୁ ସମୁଦାୟ ୧୯୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ସାଧୁ ଉଦ୍ୟମ ପାଇଁ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. କେ.ସି. ଶତପଥୀ ନିଜର ଆନ୍ତରିକ ପ୍ରଶଂସା ବ୍ୟକ୍ତ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶ୍ରୀ ସନ୍ତୋଷ ଉପାଧ୍ୟାୟ ଏହି ଦିବ୍ୟ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଛନ୍ତି। ବିଦ୍ୟାଳୟର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କ୍ଲବର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର ନେତାମାନେ ଶିବିରର ସୁପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ରକ୍ତଦାତାଙ୍କୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



# ମହାନଦୀରେ ଭାସି ଗଲେ ଯୁବକ

ବାଙ୍କୀ ,(ସବ୍ୟୁ): ମହାନଦୀରେ ଗାଧୋଇବା ବେଳେ ତିନି ଜଣ ଯାକ ସାଙ୍ଗ ଭାସି ଯାଉଥିଲେ ଦୁଇ ଜଣ ଉଦ୍ଧାର ହୋଇ ଥିବା ବେଳେ ଆଉ ଜଣେ ଅମିତ ସାହୁ ନାମକ ସାଙ୍ଗ ନଦୀରେ ଭାସି ଯାଇ ଥିଲେ। କିଛି ସମୟ ପରେ ଆଉ ପାଣିରେ ଅମିତକୁ ଦେଖିବାକୁ ମିଳି ନ ଥିଲା ତିନି ଜଣ ଯାକ ସାଙ୍ଗ କଟକ ଚାଉଳିଆଗଞ୍ଜ ତଳ ସାହିର। ଖବର ପାଇ ଡମପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମହାନଦୀ ପାଣିରେ ପାୱାର ବୋଟ ଯୋଗେ ଖୋଜା ଖୋଜି ଆରମ୍ଭ କରି ନିଖୋଜକୁ ନ ପାଇ ସନ୍ଧ୍ୟା ହେବାରୁ ବୋଟ ରେ ଖୋଜିବା ବନ୍ଦ କରି ଫେରି ଆସିଛନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ। ସେପଟେ ନିଖୋଜ ଯୁବକ ଅମିତ ସାହୁ ପରିବାର ଲୋକେ ଆସି ବାଙ୍କୀରେ ପହଞ୍ଚି ଛନ୍ତି। ସୋମବାର ସକାଳେ ପୁଣି ପାଣିରେ ଖୋଜା ଖୋଜି ଆରମ୍ଭ କରାଯିବ ବୋଲି ଡମପଡ଼ା ଅଗ୍ନିଶମ ବିଭାଗ ଅଧିକାରୀ ରାଜେନ୍ଦ୍ର ଜେନା ସୂଚନା ଦେଇଛନ୍ତି।

## ଭୁବନେଶ୍ୱରର ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍‌କୁ

# ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆ ସାମାଜିକ ପ୍ରଭାବର ଉପବିଜେତା ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥିତ ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍‌କୁ ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆର 'ଗତିଶୀଳତା ସାମାଜିକ ପ୍ରଭାବ ପୁରସ୍କାର-୨୦୨୬'ରେ ଉପବିଜେତା ଭାବେ ଘୋଷଣା କରାଯାଇଛି। ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍ ୨୦୧୦ ମସିହାରୁ ସୁରକ୍ଷିତ ସଡ଼କ ଓ ସୁରକ୍ଷିତ ସମୁଦାୟ ଗଠନ ଲକ୍ଷ୍ୟରେ କାର୍ଯ୍ୟ କରିଆସୁଛି। ସଚେତନତା ସୃଷ୍ଟି, ଯୁବପିଢ଼ିର ସଂପୃକ୍ତି, ନୀତିଗତ ପ୍ରଚାର ଏବଂ ତଥ୍ୟଭିତିକ ସଡ଼କ ସୁରକ୍ଷା ପଦକ୍ଷେପ ମାଧ୍ୟମରେ ସଂଗଠନ ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାମ କରୁଛି। ଶିକ୍ଷାନୁଷ୍ଠାନ, ସରକାରୀ ସଂସ୍ଥା, ଟ୍ରାଫିକ୍ ପୁଲିସ ଏବଂ ସ୍ଥାନୀୟ ସମୁଦାୟ ସହଯୋଗୀଙ୍କ ସହ ମିଶି ଫୋରମ୍ ପକ୍ଷରୁ ଦୁର୍ଘଟଣା ନିରୋଧ, ସଡ଼କ ସୁରକ୍ଷା ଶିକ୍ଷା, ସମୁଦାୟ ସଚେତନତା ଓ ଦୁର୍ଘଟଣା ପୀଡ଼ିତଙ୍କୁ ସହାୟତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାଜର୍ଷି ମୋଇତ୍ରା କହିଛନ୍ତି, ସଡ଼କକୁ ଅଧିକ ସୁରକ୍ଷିତ କରିବା, ସମୁଦାୟକୁ ସଶକ୍ତ କରିବା ଏବଂ ସାରା ଭାରତରେ ସକାରାତ୍ମକ ସାମାଜିକ ପରିବର୍ତ୍ତନ ଆଣିବା ଦିଗରେ ଫୋରମ୍‌ର ଉଦ୍ୟମକୁ ସ୍ୱୀକୃତି ଦେଇ ଆମେ ଗର୍ବିତ। ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍‌ର ପ୍ରତିଷ୍ଠାତା ଡ. ବିକାଶ ମହାପାତ୍ର କହିଛନ୍ତି, ଏହି ସ୍ୱୀକୃତି ପାଇ ଆମେ ସମ୍ମାନିତ। ସମସ୍ତଙ୍କ ପାଇଁ ସୁରକ୍ଷିତ ସଡ଼କ ଓ ସୁରକ୍ଷିତ ସମୁଦାୟ ବାସ୍ତବତାରେ ପରିଣତ ହେବା ପର୍ଯ୍ୟନ୍ତ ଆମର ପ୍ରୟାସ ଜାରି ରହିବ।




# ଚାରି ପ୍ରମୁଖ ବ୍ରାଣ୍ଡର ଫ୍ୟାକଟ୍ରି ଆଉଟ୍‌ଲେଟ୍ ଉଦ୍‌ଘାଟିତ

ଫୁଲନଖରା, (ସବ୍ୟୁ) : କଟକଭୁବନେଶ୍ୱର ମୁଖ୍ୟ ରାସ୍ତାର ଫୁଲନଖରା ଅଞ୍ଚଳରେ ଗ୍ରାହକଙ୍କ ପାଇଁ ଯୋଡ଼ି ହୋଇଛି ଆଉ ଏକ ନୂଆ ବ୍ୟବସାୟିକ ସୁଯୋଗ। ପାହାଳ ଥାନା ଅନ୍ତର୍ଗତ ଫୁଲନଖରା ଛକସ୍ଥିତ ଲକ୍ଷେଶ୍ୱର ପେଟ୍ରୋଲ ପମ୍ପ ନିକଟରେ ଲୁଇସ ଫିଲିପ, ଭାନ ହ୍ୟୁସେନ, ଆଲେନ ସୋଲି ଓ ରିବକ ଭଳି ଚାରିଟି ପ୍ରମୁଖ ବ୍ରାଣ୍ଡର ସ୍ୱତନ୍ତ୍ର ଫ୍ୟାକଟ୍ରି ଆଉଟ୍‌ଲେଟ୍ ଭବ୍ୟ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ରବିବାର ଆୟୋଜିତ ଏହି ସମାରୋହରେ ଓଡ଼ିଆ ସିନେ ଜଗତର ଚୁଲବୁଲି ନାୟିକା ଶୀତଲ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଆଉଟ୍‌ଲେଟ୍ ଶୁଭାରମ୍ଭ କରିଥିଲେ। ତାଙ୍କ ଉପସ୍ଥିତିରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅଧିକ ଆକର୍ଷଣୀୟ ଓ ଉତ୍ସବମୁଖର ହୋଇଉଠିଥିଲା। ଏହି ଅବସରରେ ଆଉଟ୍‌ଲେଟ୍‌ର ମାଲିକ ସନ୍ଦୀପ ଅଗ୍ରୱାଲଙ୍କ ସମେତ ବିଶିଷ୍ଟ କଳାକାର ରୁଦ୍ର ମନ, ବହୁ ଅତିଥି, ବ୍ୟବସାୟୀ, ଗ୍ରାହକ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ନୂତନ ଭାବେ ଖୋଲିଥିବା ଏହି ଆଉଟ୍‌ଲେଟରେ ପୁରୁଷ, ମହିଳା ଓ ଶିଶୁଙ୍କ ପାଇଁ ବିଭିନ୍ନ ପ୍ରକାରର ଆଧୁନିକ ପୋଷାକ, ଫ୍ୟାସନ ସାମଗ୍ରୀ ଓ ରିବକର ବିଭିନ୍ନ ଫୁଟେୱାୟାର୍ ଆଦି ଉପଲବ୍ଧ ହେବ। ଏକାଧିକ ପ୍ରସିଦ୍ଧ ବ୍ରାଣ୍ଡକୁ ଗୋଟିଏ ସ୍ଥାନରେ ପାଇବାର ସୁଯୋଗ ମିଳୁଥିବାରୁ ଫୁଲନଖରା ସମେତ କଟକଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଞ୍ଚଳର ଗ୍ରାହକଙ୍କ ପାଇଁ ଏହା ବେଶ ଉପଯୋଗୀ ହେବ ବୋଲି ଆଶା ପ୍ରକାଶ ପାଇଛି। ଉଦ୍‌ଘାଟନ ଅବସରରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବିଶେଷ ଶୁଭାରମ୍ଭ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଲୁଇସ ଫିଲିପ ଓ ଭାନ ହ୍ୟୁସେନରେ ୩ଟି ସାମଗ୍ରୀ କିଣିଲେ ୭ଟି ନେବାର ସୁଯୋଗ, ଆଲେନ ସୋଲିରେ ୪ଟି କିଣିଲେ ୧୦ଟି ନେବାର ଅଫର୍, ଏବଂ ରିବକ୍‌ରେ ସିଧାସଳଖ ୬୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଭଳି ଆକର୍ଷଣୀୟ ଅଫର୍ ରହିଛି।

# ୱାର୍ଡ ନଂ-୫୪ ରେ ସାଙ୍ଗଠନିକ ପ୍ରସ୍ତୁତି ବୈଠକ




କଟକ, ସ୍ୱ.ପ୍ର) : କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ-୫୪ ର ଏକ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ସେଲଟର ଛକ ସ୍ଥିତ ପୂର୍ବତନ ବିଧାୟକ ତଥା ଓଜେସି ରାଜ୍ୟ ସଭାପତି ଇଂ. ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶ୍ରୀ ମୋକିମ ଯୋଗଦେଇ ୱାର୍ଡର ବିଭିନ୍ନ ସାଙ୍ଗଠନିକ ସ୍ଥିତି ଉପରେ ସମୀକ୍ଷା କରିବା ସହ ତୃଣମୂଳ ସ୍ତରରୁ ସଂଗଠନକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଲୋକଙ୍କ ସମସ୍ୟା ସହ ଯୋଡ଼ି ହୋଇ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। କଟକ ନଗର ସଭାନେତ୍ରୀ ଗିରିବାଳା ବେହେରା ଏଥିରେ ଉପସ୍ଥିତ ରହି ସଂଗଠନର ଏକତା ତଥା ମହିଳା ଓ ଯୁବ କର୍ମୀଙ୍କ ଭାଗୀଦାରି ବୃଦ୍ଧି ଉପରେ ନିଜର ମତ ରଖିଥିଲେ। ୱାର୍ଡ ନେତା ହିମାଂଶୁ ଶେଖର ସାହୁ ୱାର୍ଡର ସାମ୍ପ୍ରତିକ ସାଙ୍ଗଠନିକ କାର୍ଯ୍ୟକ୍ରମ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ୱାର୍ଡର ବହୁ ପ୍ରମୁଖ କର୍ମକର୍ତ୍ତା, ଯୁବ ନେତୃବୃନ୍ଦ ଓ ସ୍ଥାନୀୟ କର୍ମୀ ଉପସ୍ଥିତ ରହି ସଂଗଠନକୁ ଆଗକୁ ନେବା ପାଇଁ ସଂକଳ୍ପ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସିତ କୁମାର ଦାସ (ସୁନା), ପୂର୍ଣ୍ଣ ଚନ୍ଦ୍ର ବେହେରା, ସୁଦାମ ମହାକାଡ଼, ଗୋଲକ ପ୍ରଧାନ, ରତ୍ନାକର ରାଉତ, ଶଙ୍କର ପ୍ରଧାନ, ରାଜେଶ ଖଣ୍ଡାୟତ, ଲକ୍ଷ୍ମୀଧର ସାହୁ, ନିରଞ୍ଜନ ବସ୍ତିଆ, ଗୋଲକ ଚନ୍ଦ୍ର ସାହୁ, ରଘୁନାଥ ମହାରଣା, ନରୋତ୍ତମ ବେହେରା, ଉତ୍ପଳ କୁମାର ମଲ୍ଲିକ, ଶୁଭାଶିଷ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଶାଳାରେ ଖଣି ଚୋରିନେଇ ଏନଜିଟିର କଡା ଆଭିମୁଖ୍ୟ

# ଜବାବ ଦାଖଲରେ ବିଳମ୍ବ : ୭ ଅଧିକାରୀଙ୍କ ଠାରୁ ୧୦ ହଜାର ଲେଖା ଜୋରିମାନା ଆଦାୟ ନିର୍ଦ୍ଦେଶ

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳରେ ରହିଥିବା ଖଣିଗୁଡ଼ିକରୁ କଳାପଥର ଚୋରି ହେବା ଏବେ ସବୁ ସୀମା ଟପି ଯାଇଛି। ଦୈନିକ ସର୍ବ ସମ୍ମୁଖରେ ମାଫିଆମାନେ ପାହାଡ ପର୍ବତକୁ ଖିନ୍‌ଭିନ କରି ଖଣି ଗୁଡ଼ିକରୁ ଶତାଧିକ କୋଟି ଟଙ୍କାର ପଥର ଲୁଟପାଟ କରୁଛନ୍ତି। ପଥର ଉତ୍ତୋଳନ ପରେ ଖଣି ବାହାରକୁ ତାହାର ଚାଲାଣ ପାଇଁ ରହିଥିବା କୌଣସି ନିୟମ ଏଠାରେ ପାଳନ ହେଉନଥିବାରୁ ସରକାର ଦିନକୁ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଯାହାକୁ ନେଇ ଏବେ ଏକାଧିକ ମାମଲା ମଧ୍ୟ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଇଜଲାସରେ ଦାୟର ହୋଇଛି। ଧର୍ମଶାଳା ତହସିଲର ବାଜବାଟୀ ପଥର ଖଣିରେ ହୋଇଥିବା ଏହିପରି ବେଆଇନ ଖଣି ଖନନକୁ ନେଇ ଏନଜିଟିରେ ଦାଖଲ ହୋଇଥିବା ଏକ ମାମଲାର ସୁଣାଣି ଚାଲିଥିଲା ବେଳେ ଗତ ସେପ୍ଟେମ୍ବର ୭ ତାରିଖରେ ଏନଜିଟି ଏହି ମାମଲାରେ ପକ୍ଷଭୁକ୍ତ ଥିବା ଜିଲ୍ଲା ଠାରୁ ରାଜ୍ୟ ପର୍ଯ୍ୟନ୍ତ ୭ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟଧାରା ଓ ଅବହେଳାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କ ଉପରେ ଜୋରିମାନା ଧାର୍ଯ୍ୟ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଧାର୍ଯ୍ୟ ସମୟ ମଧ୍ୟରେ ନିଜ ନିଜର ଜବାବ ଓ ରିପୋର୍ଟ କୋର୍ଟରେ ଦାଖଲ କରିନଥିବାରୁ ସଂପୃକ୍ତ ୭ଜଣ ଅଧିକାରୀଙ୍କୁ ପ୍ରତ୍ୟେକ ୧୦ ହଜାରକରି ଜୋରିମାନା ଅର୍ଥ ଦାଖଲ ପାଇଁ ଗ୍ରୀନ ଟ୍ରିବ୍ୟୁନାଲ ଆଦେଶ ଦେଇଛନ୍ତି। ଏହି ଯୋରିମାନା ଅର୍ଥ ଏକମାସ ମଧ୍ୟରେ ଅର୍ଥାତ ପରବର୍ତ୍ତୀ ସୁଣାଣିର ତାରିଖ ପୂର୍ବରୁ ଏନଜିଟିର କଲକତା ବେଞ୍ଚ ରେଜିଷ୍ଟାରଙ୍କ ନିକଟରେ ପୈଠ କରିବାକୁ ଆଦେଶ ହୋଇଛି। ଏହି ମାମଲାର ପରବର୍ତ୍ତୀ ସୁଣାଣି ପାଇଁ ଆସନ୍ତା ୨୦୨୬ ଅକ୍ଟୋବର ୨୮ ତାରିଖକୁ ଧାର୍ଯ୍ୟ ହୋଇଥିବା ଜଣାପଡିଛି।

ଧର୍ମଶାଳା ତହସିଲର ଆରୁହା ନିକଟ ବାଜବାଟୀ ୨ ଓ ୬ ନମ୍ବର ଖଣିରେ ପରିବେଶ ନିୟମର ଉଲଙ୍ଘନ କରାଯାଇ ବେଆଇନ ଖନନ ଓ ଧାର୍ଯ୍ୟ ପରିମାଣ ଠାରୁ ମାତ୍ରାଧିକ ପରିମାଣର କଳାପଥର ଉତ୍ତୋଳନକୁ ନେଇ ଜନୈକ ଉର୍ବଶୀ ଜେନାଙ୍କ ପକ୍ଷରୁ ଗତ ୨୦୨୫ ମସିହାରେ ଅରିଜିନାଲ ଆପ୍ଲିକେସନ ନଂ ୧୮୩/୨୫ ଓ ପରବର୍ତ୍ତୀ ଆଇଏ ନଂ ୧୨୫/୨୦୨୬ ଇଜେଡରେ ମାମଲା ଦାୟର କରାଯାଇଥିଲା। ଏଥିରେ ରାଜ୍ୟ ମୁଖ୍ୟ ସଚିବଙ୍କ ଠାରୁ ଆରମ୍ଭ କରି ୧୦ଜଣଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ୨୦୨୫ ଡିସେମ୍ବର ମାସ ୨୬ ତାରିଖ ଠାରୁ କୋର୍ଟରେ କେଶ ଦାୟର ସମୟ ମଧ୍ୟରେ ଉକ୍ତ ଖଣିରୁ କେତେ ପରିମାଣର ଖଣିଜ ଉତ୍ତୋଳନ ହୋଇଛି ତାର ଆକଳନ କରିବା ପାଇଁ ଡିଡିଏମଙ୍କୁ ନିର୍ଦ୍ଦେଶ ଦେବା ସହିତ ଉକ୍ତ ଖଣି ଖନନ ଯୋଗୁଁ ଯେତେ ପରିବେଶ ନଷ୍ଟ ହୋଇଛି ତତ ଜନିତ କ୍ଷତି ପୂରଣ ଭରଣା ପାଇଁ ଆଦେଶ ଦେବାକୁ ଆବେଦନକାରୀ କୋର୍ଟଙ୍କୁ ତାଙ୍କ ଆବେଦନରେ ଅନୁରୋଧ କରିଥିଲେ। ଗତ ୨୦୨୬ ମେ ୧୩ ତାରିଖରେ ଏହି ମାମଲାର ସୁଣାଣି କରି ଏକମାସ ମଧ୍ୟରେ ପ୍ରତିପକ୍ଷ ସେମାନଙ୍କ ଜବାବ ଓ ସଠିକ ରିପୋର୍ଟ କୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ପକ୍ଷମାନେ କୋର୍ଟରେ ନିଜ ନିଜର ଜବାବ ଏବଂ ରିପୋର୍ଟ ରଖିପାରି ନଥିବାରୁ ୧୦ ଜଣ ପକ୍ଷଙ୍କ ମଧ୍ୟରୁ ୭ଜଣ ଯଥା ରାଜ୍ୟ ମୁଖ୍ୟ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଯାଜପୁର ଏସପି, ଧର୍ମଶାଳା ତହସିଲଦାର, ଡିଡିଏମ ଯାଜପୁର, ଡେପୁଟି ଡାଇରେକ୍ଟର ଜେନେରାଲ ଅଫ ଫରେଷ୍ଟ (ସି) ଓ ରାଜ୍ୟ ପରିବେଶ ପ୍ରଦୁ୍ୟଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବଙ୍କ ଠାରୁ ଯୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବ୍ରିକ୍ସ ସମ୍ମିଳନୀ ଉଦ୍‌ଯାପିତ

## ବିଭିନ୍ନ ରାଷ୍ଟ୍ରନେତାଙ୍କୁ ନୈଶ ଭୋଜିରେ ଆପ୍ୟାୟିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ନୂଆଦିଲ୍ଲୀସ୍ଥିତ ପ୍ରସିଦ୍ଧ ଭାରତ ମଣ୍ଡପମ୍ ପରିସରରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀଆଜି ଐତିହାସିକ ସଫଳତା ସହ ଉଦ୍‌ଯାପିତ ହୋଇଯାଇଛି। ସମ୍ପ୍ରସାରିତ ଭୂ-ରାଜନୈତିକ ଗୋଷ୍ଠୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିବା ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀର ଶେଷ ଦିବସ ମୁକ୍ତ ଅଧିବେଶନରେ ବିଶ୍ୱନେତାଙ୍କ ଏକ ଉଚ୍ଚସ୍ତରୀୟ ସମାବେଶ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବ୍ରିକ୍ସର ମୁଖ୍ୟ ରାଷ୍ଟ୍ରମୁଖ୍ୟମାନେ ଯୋଗଦେଇଥିଲେ। ଯେଉଁଥିରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଇଜିପ୍ଟ ରାଷ୍ଟ୍ରପତି




ଅବଦେଲ ଫତାହ ଅଲ୍-ସିସି, ଇଥିଓପିଆ ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ ଅଲ୍ଲୀ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋୱୋ ସୁବିଆନ୍ତୋ ସାମିଲ ଥିଲେ। ବ୍ରାଜିଲର ପ୍ରତିନିଧିତ୍ୱ ବୈଦେଶିକ ମନ୍ତ୍ରୀ ମୌରୋ ଭିଏରା କରିଥିଲେ। ସମ୍ମିଳନୀରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍, ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର. ମାର୍କୋସ ଜୁନିୟର, କାଜାଖସ୍ତାନ ରାଷ୍ଟ୍ରପତି କାସିମ୍-ଜୋମାର୍ଟ ଟୋକାୟେଭ୍ ଏବଂ ବୁରୁଣ୍ଡି ରାଷ୍ଟ୍ରପତି ଏଭାରିଷ୍ଟ ନଦାୟିସିମିୟେଙ୍କ ସମେତ ପ୍ରମୁଖ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟରେ ନାଇଜେରିଆ ଉପରାଷ୍ଟ୍ରପତି କାସିମ୍ ସେଟ୍ଟିମା, ଉଗାଣ୍ଡା ଉପରାଷ୍ଟ୍ରପତି ଜେସିକା ଅଲୁପୋ ଏବଂ ସାଉଦି ଆରବ ବୈଦେଶିକ ମନ୍ତ୍ରୀ ଶେହଜାଦା ସହଯୋଗୀ ଦେଶର ନେତାମାନଙ୍କୁ ସ୍ୱାଗତ କରାଯାଇଥିଲା। ଫୈଜଲ ବିନ୍ ଫରହାନ ଅଲ୍ ସାଉଦଙ୍କ ସହ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଉପସ୍ଥିତ ଥିଲେ। ଶେଷ ଗ୍ରୁପ୍ ଫଟୋ ପୂର୍ବରୁ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଗ୍ଲୋବାଲ୍ ସାଉଥ୍ ପାଇଁ 'ପିରାମିଡ୍ ଅଫ୍ ପ୍ରିଭିଲେଜ୍' (ବିଶେଷାଧିକାରର ପିରାମିଡ୍) କୁ ଭାଗୀଦାରୀର ମଞ୍ଚରେ ପରିଣତ କରିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ ଜଣାଇଥିଲେ। ଏହାସହ ବୈଷୟିକ ଜ୍ଞାନକୌଶଳ ଏବଂ ସଙ୍କଟଜନକ ଖଣିଜ ପଦାର୍ଥର ଅସ୍ତ୍ରୀକରଣ ବିରୋଧରେ ସେ ଚେତାବନୀ ଦେଇଥିଲେ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଗମ୍ଭୀର ବିଶ୍ୱସ୍ତରୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଏକ ମିଳିତ ସହମତି ସୃଷ୍ଟି କରିବାର କୂଟନୈତିକ ସଫଳତାକୁ ପ୍ରଶଂସା କରିଥିଲେ।

## ୯/୧୧ ପୂର୍ବରୁ ଭାରତରେ ଆକ୍ରମଣ ଯୋଜନା କରିଥିଲା ଲାଡେନ

ନୂଆଦିଲ୍ଲୀ : ଭାରତ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲା ଅଲ୍ କଏଦାର ପୂର୍ବତନ ମୁଖ୍ୟ ଓସାମା ବିନ୍ ଲାଡେନ। ଆମେରିକାର କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ଶୁକ୍ରବାର ୯/୧୧ ଆକ୍ରମଣର ୨୫ ବର୍ଷ ପୂର୍ତ୍ତି ଅବସରରେ ସିଆଇଏ ଓସାମା ବିନ୍ ଲାଡେନ ସହିତ ଜଡ଼ିତ ୧୦୦ ପୃଷ୍ଠା ସମ୍ବଳିତ ୭୦ରୁ ଅଧିକ ପ୍ରେସିଡେନସିଆଲ ଇଣ୍ଟେଲିଜେନ୍ସ ବ୍ରିଫ୍ ସାର୍ବଜନୀନ କରିଥିଲା। ସେଥିରୁ ୧୯୯୮ ଅଗଷ୍ଟ ୨୮ ତାରିଖ ବ୍ରିଫରେ ଉଲ୍ଲେଖ ରହିଛି ଯେ ଓସାମା ବିନ୍ ଲାଡେନ ଭାରତ ସମେତ ଅନେକ ଦେଶ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଛି। ଏଥିରେ ଆହୁରି କୁହାଯାଇଛି ଯେ ଭାରତ ସମେତ ଆଉ ଯେଉଁ ଦେଶଗୁଡିକ ଉପରେ ଆକ୍ରମଣ କରିବାକୁ ଓସାମା ଯୋଜନା କରୁଛି, ସେଗୁଡ଼ିକ ହେଉଛନ୍ତି - ପାକିସ୍ତାନ, ଇଜିପ୍ଟ, କୁଏତ, ସାଉଦି ଆରବ, ୟେମେନ, ଉଗାଣ୍ଡା ଓ 'ସମ୍ଭବତଃ' ନାଇଜେରିଆ। ଏହି ପୁସ୍ତକରେ ସୂଚନାର ଉତ୍ସକୁ ଗୋପନ ରଖାଯାଇଛି। ଏଥିରେ ଭାରତର କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ଆକ୍ରମଣ କରିବାକୁ ଓସାମା ଲକ୍ଷ୍ୟ ରଖିଥିଲା କି ନାହିଁ ସେ ସଂପର୍କରେ କିଛି ଉଲ୍ଲେଖ ନାହିଁ। ସେହିପରି ତାର ଆକ୍ରମଣ ଜନା ଉପରେ ଆଉ କିଛି



ସୂଚନା ମଧ୍ୟ ଦିଆଯାଇ ନାହିଁ। ଏହି ଦଲିଲରେ ଆହୁରି କୁହାଯାଇଛି ଯେ ଉତ୍ତର ଆମେରିକା, ୟୁରୋପ ଏବଂ ପୂର୍ବ ଏସିଆରେ ବିନ୍ ଲାଡେନର ସୁଦୃଢ଼ ସଂଗଠନ ରହିଛି। ଏଣୁ ଏହି ରିପୋର୍ଟ ଆଧାରରେ ବିଶ୍ୱାସ କରାଯାଉଛି ଯେ ସେ ଏହି ଅଞ୍ଚଳଗୁଡ଼ିକରେ ଆମେରିକୀୟ ସ୍ୱାର୍ଥକୁ ମଧ୍ୟ ଟାର୍ଗେଟ୍ କରିବ। ସିଡିଏ ପକ୍ଷରୁ ଜାରି କରାଯାଇଥିବା ଏହି ପୁସ୍ତକରୁ ଜଣାପଡିଛି ଯେ,ଆମେରିକା ଉପରେ ଅଲ୍ କଏଦାର ସମ୍ଭାବ୍ୟ ଆକ୍ରମଣ ନେଇ ୧୯୯୮ରୁ ୨୦୦୧ ମଧ୍ୟରେ ସରକାରଙ୍କୁ ଏକାଧିକ ଥର ସତର୍କ କରାଯାଇଛି। ବିଲ୍ କ୍ଲିଣ୍ଟନଙ୍କ ଠାରୁ ଆରମ୍ଭ କରି ଜର୍ଜ ବବ୍ଲୁ ବୁଶ୍ ପର୍ଯ୍ୟନ୍ତ ସରକାରଙ୍କୁ ଏହି ସତର୍କ ସୂଚନା ଦିଆଯାଇଥିଲା। ୨୦୦୧ ମସିହା ସେପ୍ଟେମ୍ବର ୧୧ ତାରିଖରେ ୧୯ ଜଣ ଅଲ-କାଏଦା ଆତଙ୍କବାଦୀ ଚାରୋଟି ବିମାନ ଅପହରଣ କରିଥିଲେ। ଦୁଇଟି ବିମାନ ନ୍ୟୁୟର୍କ ସ୍ଥିତ ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଯୁଗ୍ମ ଟାୱାରକୁ ଧକ୍କା ଦେଇଥିଲେ। ଫଳରେ ଏହି ନଭଚୁମ୍ବୀ କୋଠାଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିଲା। ତୃତୀୟ ବିମାନଟି ପେଣ୍ଟାଗନକୁ ଧକ୍କା ଦେଇଥିଲା। ଚତୁର୍ଥ ବିମାନଟି ହ୍ୱାଇଟ ହାଉସ୍ କିମ୍ବା ଆମେରିକାର ସଂସଦକୁ ଆକ୍ରମଣ କରିବାକୁ ଲକ୍ଷ୍ୟ ରଖିଥିଲା ବୋଲି ବିଶ୍ୱାସ କରାଯାଏ। ସେଥିରେ ଥିବା ଯାତ୍ରୀମାନେ ପ୍ରତିରୋଧ କରିବା ପରେ ପେନସିଲାଭାନିଆର ଏକ କ୍ଷେତରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ବ୍ରିକ୍ସ ସମ୍ମିଳନୀରେ ଉଠିଲା ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗ

ନୂଆଦିଲ୍ଲୀ : ରୁଷ୍-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହାୟତା ପ୍ରସ୍ତାବକୁ ରୁଷ୍ ସ୍ୱାଗତ କରିଛି। ନୂଆଦିଲ୍ଲୀରେ ଚାଲିଥିବା ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଏହି ଦୁଇ ନେତା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଯୁଦ୍ଧ ଶେଷ କରିବା ପାଇଁ ନିଜ ନିଜର କୂଟନୈତିକ ସହଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଥିବା କ୍ରେମଲିନ୍ କହିଛି। କ୍ରେମଲିନର ମୁଖପାତ୍ର ଦିମିତ୍ରି ପେସ୍କୋଭ୍ କହିଛନ୍ତି, ମୋଦୀ ଓ ଜିନ୍ପିଙ୍ଗ୍ ଉଭୟେ ପୁଟିନଙ୍କୁ ନିଜ ଦେଶର 'ସଦିଚ୍ଛାପୂର୍ଣ୍ଣ ସହଯୋଗ' ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଆଲୋଚନା ଆଗକୁ ବଢ଼ାଇବାରେ ଦୁଇ ଦେଶ ସହାୟକ ହୋଇପାରନ୍ତି। ମୋଦୀଙ୍କ ପକ୍ଷରୁ ଏଭଳି ସହଯୋଗ ପ୍ରସ୍ତାବ ପୂର୍ବରୁ ମଧ୍ୟ ଦିଆଯାଇଥିବା ରୁଷ୍ ସୂଚନା ଦେଇଛି। ଏହି ଘଟଣା ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରୁଷ୍-ୟୁକ୍ରେନ୍ ଶାନ୍ତି ଉଦ୍ୟମ ଆଗକୁ ବଢ଼ିପାରୁନାହିଁ। ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ପକ୍ଷରୁ ଆଲୋଚନାର ରାସ୍ତା ଖୋଲିବାକୁ ପ୍ରୟାସ ହୋଇଥିଲେ ମଧ୍ୟ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ମୁଖ୍ୟ ପ୍ରସଙ୍ଗଗୁଡ଼ିକରେ ସହମତି ହୋଇପାରିନାହିଁ। ଫଳରେ ଶାନ୍ତି ଆଲୋଚନା ଅଟକି ରହିଛି। ରୁଷ୍ ପକ୍ଷରୁ ଭାରତର ଭୂମିକାକୁ ନେଇ ମଧ୍ୟ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ମୋଦୀ ମଧ୍ୟ ପୁଟିନଙ୍କ ସହ ବୈଠକରେ ଯୁଦ୍ଧର ସମାଧାନ ପାଇଁ କୂଟନୀତି ଓ ଆଲୋଚନାକୁ ଗୁରୁତ୍ୱ ଦେଇଛନ୍ତି। ଚୀନ୍ ମଧ୍ୟ ଯୁଦ୍ଧର ରାଜନୈତିକ ସମାଧାନ ପାଇଁ ଆଲୋଚନା ପକ୍ଷରେ ରହିଛି। ବ୍ରିକ୍ସ ସମ୍ମିଳନୀରେ ମୋଦୀ, ଜିନପିଙ୍ଗ ଓ ପୁଟିନଙ୍କ ଏକାଠି ଆଲୋଚନା ଏହି ପ୍ରସଙ୍ଗରେ ଗୁରୁତ୍ୱ ବହନ କରିଛି। ରୁଷ୍ ଆଶା କରୁଛି, ଯୁଦ୍ଧ ଶେଷ ପାଇଁ କୂଟନୈତିକ ପ୍ରୟାସରେ ଭାରତ ଓ ଚୀନର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

## ବିଦେଶୀ ମୁଦ୍ରା ଭଣ୍ଡାରରେ ଚତୁର୍ଥ ସ୍ଥାନକୁ ଉଠିଲା ଭାରତ

### ଶୀର୍ଷରେ ଚୀନ, ଜାପାନ ଦ୍ୱିତୀୟ, ସ୍ୱିଜରଲାଣ୍ଡ ତୃତୀୟ

ମୁମ୍ବାଇ : ଭାରତ ବିଶ୍ୱର ଚତୁର୍ଥ ବୃହତ୍ ବିଦେଶୀ ମୁଦ୍ରା ଭଣ୍ଡାର ଥିବା ରାଷ୍ଟ୍ରରେ ପରିଣତ ହୋଇଛି। ରୁଷ୍କୁ ପଛରେ ପକାଇ ଭାରତ ଏହି ସ୍ଥାନ ହାସଲ କରିଛି। ସେପ୍ଟେମ୍ବର ୪ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ରେକର୍ଡ ୪୪.୯ ବିଲିଅନ ଡଲାରର ବୃଦ୍ଧି ଘଟିବା ସହ ଏହା ୭୮୫.୭ ବିଲିଅନ ଡଲାରରେ ପହଞ୍ଚିଛି। ଭାରତର ଉପରକୁ ଏବେ ଚୀନ, ଜାପାନ ଓ ସ୍ୱିଜରଲାଣ୍ଡ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ବୋଲି ବ୍ଲୁମବର୍ଗ ତଥ୍ୟରୁ ଜଣାଯାଇଛି। ତଥ୍ୟରୁ ଜଣାଯାଇଛି ଯେ ବ୍ୟାଙ୍କ ଅଫ୍ ରୁଷର ବିଦେଶୀ ମୁଦ୍ରା ଭଣ୍ଡାର ସେପ୍ଟେମ୍ବର ୪ ସୁଦ୍ଧା ୭୫୩.୫ ବିଲିଅନ ଡଲାରରେ ରହିଛି। ତା ପୂର୍ବ ସପ୍ତାହରେ ରୁଷ୍ର ବିଦେଶୀ ମୁଦ୍ରା ଭଣ୍ଡାର ୭୭୪.୨ ବିଲିଅନ ଡଲାରରେ ରହିଥିଲା। ତେଣୁ ସପ୍ତାହକ ମଧ୍ୟରେ ରୁଷର ବିଦେଶୀ ମୁଦ୍ରା ଭଣ୍ଡାର ୨୦.୭ ବିଲିଅନ ଡଲାର ହ୍ରାସ ଘଟିଛି।




ଚୀନ ନିକଟରେ ସବୁଠୁ ଅଧିକ ଅର୍ଥାତ୍ ୩.୮୫ ଟ୍ରିଲିଅନ ଡଲାରର ବିଦେଶୀ ମୁଦ୍ରା ରହିଛି। ଏହା ପଛକୁ ଜାପାନ ପାଖରେ ୧.୨୧ ଟ୍ରିଲିଅନ ଡଲାରର ବିଦେଶୀ ମୁଦ୍ରା ରହିଛି। ସେହିଭଳି ସ୍ୱିଜରଲାଣ୍ଡ ବିଦେଶୀ ମୁଦ୍ରା ଭଣ୍ଡାରର ଆକାର ୧.୦୯ ଟ୍ରିଲିଅନ ଡଲାର ସ୍ତରରେ ରହିଛି। ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ବୃଦ୍ଧି ପଛରେ ପ୍ରବାସୀଙ୍କ ପାଇଁ ରିଜର୍ଭ ବ୍ୟାଙ୍କ ଆଣିଥିବା ଏଫ୍ସିଏନ୍ଆର୍ (ବି) ଜମା ଯୋଜନା ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଦେଶୀ ମୁଦ୍ରା ଭଣ୍ଡାର ବୃଦ୍ଧି ଫଳରେ ଭାରତୀୟ ଅର୍ଥନୀତିର ମୂଳଦୁଆ ମଜବୁତ୍ ଥିବା ପ୍ରତିଫଳିତ ହୋଇଛି। ଏଥି ସହିତ ଟଙ୍କାର ବିନିମୟ ମୂଲ୍ୟରେ ଅସ୍ଥିରତା ଦେଖାଦେଲେ ସେଥିରେ ସ୍ଥିରତା ଆଣିବା ରିଜର୍ଭ ବ୍ୟାଙ୍କ ପାଇଁ ସହଜ ହେବ। ଅନ୍ୟପକ୍ଷରେ ଭାରତୀୟ ବ୍ୟାଙ୍କିଂ ବ୍ୟବସ୍ଥାରେ ବର୍ତ୍ତମାନ ଅଧିକ ନଗଦ ଅର୍ଥ ରହିଛି। ତାହାକୁ ପରିଚାଳନା କରିବା ପାଇଁ ରିଜର୍ଭ ବ୍ୟାଙ୍କ ୧ ଲକ୍ଷ କୋଟି ଟଙ୍କାର ବଣ୍ଡ ଖୋଲା ବଜାରରେ ବିକ୍ରି କରିବା ଲାଗି ଘୋଷଣା କରିଛି। ୩ଟି ପର୍ଯ୍ୟାୟରେ ଏହି ବଣ୍ଡ ବିକ୍ରି କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୦ ହଜାର କୋଟି ଟଙ୍କାର ବଣ୍ଡ ବିକ୍ରି ସେପ୍ଟେମ୍ବର ୧୭ରେ ହେବ। ଏହା ପରେ ସେପ୍ଟେମ୍ବର ୨୧ରେ ୨୫ ହଜାର କୋଟି ଏବଂ ସେପ୍ଟେମ୍ବର ୨୮ରେ ୨୫ ହଜାର କୋଟି ଟଙ୍କାର ବଣ୍ଡ ବିକ୍ରି ହେବ ବୋଲି ଜଣାଯାଇଛି।

## ଭାରତ ମଣ୍ଡପ ବାହାରେ ବିକ୍ଷୋଭ

### ଯୁବ କଂଗ୍ରେସ କର୍ମୀ ଅଟକ

ନୂଆଦିଲ୍ଲୀ : ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ନିକଟରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ। ରାଜଧାନୀରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଅଂଶଗ୍ରହଣକୁ ବିରୋଧ କରି ୫୦ରୁ ଅଧିକ ତିବ୍ବତୀୟ ଯୁବ କଂଗ୍ରେସ କର୍ମୀଙ୍କୁ ଦିଲ୍ଲୀ ପୋଲିସ ଅଟକ ରଖିଛି। ବିକ୍ଷୋଭକାରୀମାନେ ଭାରତ ମଣ୍ଡପମରେ ଆୟୋଜିତ ରାତ୍ରିଭୋଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସି ଜିନପିଙ୍ଗଙ୍କ ଯୋଗଦାନକୁ ବିରୋଧ କରୁଥିଲେ। ଭାରତର ଆୟୋଜନରେ ହେଉଥିବା ଏହି ବ୍ରିକ୍ସ ସମ୍ମିଳନୀ ପାଇଁ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଏହି ଘଟଣା ଘଟିଥିଲା। ବିକ୍ଷୋଭକାରୀମାନେ ଚୀନ୍ ପ୍ରତିନିଧି ଦଳ ବିରୋଧରେ ସ୍ଲୋଗାନ୍ ଦେବା ସହ ତିବ୍ବତକୁ ଚୀନର ନିୟନ୍ତ୍ରଣରୁ ମୁକ୍ତ କରିବାକୁ ଦାବି କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଚୀନ୍ ପ୍ରତିନିଧି ଦଳ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ପ୍ରଗତି ମୈଦାନ ଅଞ୍ଚଳରୁ ଚାରିଜଣ ତିବ୍ବତୀୟ ନାଗରିକଙ୍କୁ ଅଟକ ରଖାଯାଇଥିଲା। ସମ୍ମିଳନୀ ସମୟରେ ଏହି କର୍ମୀମାନେ ଭାରତ ମଣ୍ଡପମରେ ବ୍ୟାନର ପ୍ରଦର୍ଶନ କରିଥିବାର ଅଭିଯୋଗ ରହିଛି। ନୂଆଦିଲ୍ଲୀରେ ଚୀନ୍ ପ୍ରତିନିଧି ଦଳର ଉପସ୍ଥିତିକୁ ବିରୋଧ କରିବା ସହ ଏକ ମୁକ୍ତ ତିବ୍ବତ ପାଇଁ ସେମାନେ ଦାବି ଉଠାଇଥିଲେ। ବ୍ରିକ୍ସ ସମ୍ମିଳନୀ ସମୟରେ ଜାତୀୟ ରାଜଧାନୀର ଭାରତ ମଣ୍ଡପମ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଦ୍ୱାରା କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ଜିନପିଙ୍ଗଙ୍କ ପାଇଁ ଭାଷଣ ଅଟକାଇଲେ ମୋଦୀ

ନୂଆଦିଲ୍ଲୀ: ବ୍ରିକ୍ସ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ନିଜ ବକ୍ତବ୍ୟ ପ୍ରଦାନ କରୁଥିବା ସମୟରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଅସୁସ୍ଥ ଜଣାପଡ଼ିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଳ୍ପ ସମୟ ପାଇଁ ନିଜ ଭାଷଣ ରୋକିଥିଲେ। ପ୍ରଧାନମନ୍ତ୍ରୀ ଚୀନ୍ ରାଷ୍ଟ୍ରପତିଙ୍କ ଅନୁବାଦକଙ୍କ ଆଡ଼କୁ ଚାହିଁ 'ଇଜ୍ ଇଟ୍ ଓକେ?' (ସବୁ ଠିକ୍ ଅଛି ତ?) ବୋଲି ଦୁଇଥର ପଚାରିଥିଲେ। ୭ ବର୍ଷ ପରେ ଭାରତ ଗସ୍ତରେ ଆସିଥିବା ଜିନପିଙ୍ଗ ଠିକ୍ ଅଛନ୍ତି ବୋଲି ସଙ୍କେତ ଦେବା ପରେ ପ୍ରଧାନମନ୍ତ୍ରୀ ପୁନର୍ବାର ଭାଷଣ ଜାରି ରଖିଥିଲେ। ତେବେ କ୍ଲାନ୍ତି ଏବଂ ଯାତ୍ରାଜନିତ ଅସୁସ୍ଥତା ଯୋଗୁଁ ଜିନପିଙ୍ଗ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ରାତ୍ରିଭୋଜନରେ ଯୋଗ



ଦେଇନଥିଲେ। ସୂଚନାଯୋଗ୍ୟ, ଗତକାଲି ବ୍ରିକ୍ସ ପ୍ରଥମ ଦିବସରେ ଭାରତ ମଣ୍ଡପମରେ ତାମିଲନାଡୁର ରାମନାଥସ୍ୱାମୀ ମନ୍ଦିରର ୧୨୧୨ ସ୍ତମ୍ଭ ବିଶିଷ୍ଟ କରିଡରର ବ୍ୟାକଡ୍ରପ୍ ଆଗରେ ଦୁଇ ନେତା ହାତ ମିଳାଇଥିଲେ। ୨୦୧୯ର ମହାବଳୀପୁରମ୍ ସମ୍ମିଳନୀର ସ୍ମୃତିଚାରଣ କରି ପ୍ରଧାନମନ୍ତ୍ରୀ ମୋଦୀ ଏହି ସ୍ଥାପତ୍ୟର ମହତ୍ତ୍ୱ ସମ୍ପର୍କରେ ଜିନପିଙ୍ଗଙ୍କୁ ବୁଝାଇଥିଲେ। ୨୦୨୦ ଗଲୱାନ ଘାଟି ସଂଘର୍ଷ ପରେ ସମ୍ପର୍କ ବିଗିଡ଼ିଥିଲେ ହେଁ, ବିମାନ ସେବା ଏବଂ ଚୀନ୍ ନିବେଶ କଟକଣା କୋହଳ ହେବା ପରେ ସମ୍ପର୍କରେ ସୁଧାର ଆସିଛି। ଏହାସହ ଚୀନ୍ ବ୍ରିକ୍ସ ନୂଆଦିଲ୍ଲୀ ଘୋଷଣାପତ୍ରରେ ସ୍ୱାକ୍ଷର କରି ପାକିସ୍ତାନ ସଂପୃକ୍ତ ଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛି। ଏହି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସତ୍ତ୍ୱେ ଦ୍ୱିପାକ୍ଷିକ ଆଲୋଚନାରେ ପୂର୍ବ ଲଦାଖ ସୀମା ବିବାଦ ମୁଖ୍ୟ ପ୍ରସଙ୍ଗ ହୋଇ ରହିଥିଲା। ଦୁଇ ଦେଶ ମଧ୍ୟରେ ଥିବା ମତଭେଦ ଯେପରି ବିବାଦର ରୂପ ନନେବ, ସେଥିପାଇଁ ଦୀର୍ଘମିଆଦୀ ରଣନୀତି ଆପଣାଇବାକୁ ଉଭୟ ନେତା ସମ୍ମତି ପ୍ରକାଶ କରିଛନ୍ତି। ତେବେ ଆଲୋଚନା ପରେ ଜାରି ପ୍ରେସ ବିଜ୍ଞପ୍ତିରେ ଦୁଇ ଦେଶର ଆଭିମୁଖ୍ୟରେ ଭିନ୍ନତା ଦେଖିବାକୁ ମିଳିଛି। ସୀମାରେ ଶାନ୍ତି ଏବଂ ସ୍ଥିରତା ଦ୍ୱିପାକ୍ଷିକ ସମ୍ପର୍କର ମୂଳ ଭିତ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଦୃଢ଼ଭାବେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସୀମା ସମସ୍ୟାର ସମାଧାନ ଏବଂ ଦ୍ୱିପାକ୍ଷିକ ସମ୍ପର୍କର ସୁଧାର ପ୍ରକ୍ରିୟା ସମାନ୍ତରାଳ ଭାବେ ଆଗେଇବା ଉଚିତ ବୋଲି ଚୀନ୍ ଦାବି କରିଛି।

## ୨୦୨୯ ସୁଦ୍ଧା ୨୧ ରାଜ୍ୟରେ ଲାଗୁ ହେବ ୟୁସିସି : ଶାହ

ମୁମ୍ବାଇ: ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏନ୍ଡିଏ ନେତୃତ୍ୱାଧୀନ ୨୧ ରାଜ୍ୟରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରୁ ୩୦ ଦିନିଆ 'ସେବା ସଂକଳ୍ପ ଅଭିଯାନ' ପାଇଁ ଯୋଜନା ଘୋଷଣା କରିବା ସହିତ କେନ୍ଦ୍ର ଗୃହମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ମୁମ୍ବାଇଠାରେ ସେବା ସଙ୍କଳ୍ପ ଅଭିଯାନ ଉପରେ ଗଣମାଧ୍ୟମକୁ ସମ୍ବୋଧନ କରି ଶାହ କହିଛନ୍ତି, ଆମେ କେତେକ ରାଜ୍ୟରେ ୟୁସିସି ଲାଗୁ କରିସାରିଛୁ। ମୋର ଗଭୀର ବିଶ୍ୱାସ ରହିଛି, ୨୦୨୯ ନିର୍ବାଚନ ପୂର୍ବରୁ ବିଜେପି ନେତୃତ୍ୱାଧୀନ ଏନ୍ଡିଏ ଶାସିତ ୨୧ ରାଜ୍ୟରେ ୟୁସିସି କାର୍ଯ୍ୟକାରୀ ହେବ। ବର୍ତ୍ତମାନ ୧୯ ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଏନ୍ଡିଏ କ୍ଷମତାରେ ରହିଛି। ଉତ୍ତରାଖଣ୍ଡ, ଗୁଜରାଟ ଓ ଆସାମରେ ୟୁସିସି ଲାଗୁ ହୋଇସାରିଥିବାବେଳେ ମଧ୍ୟପ୍ରଦେଶରେ ୟୁସିସିର ଖସଡ଼ା ପ୍ରସ୍ତୁତ କରିବାକୁ ଏକ କମିଟି ଗଠନ ହୋଇଛି ବୋଲି ଶାହ କହିଛନ୍ତି। ସେ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ସମଗ୍ର ଏନ୍ଡିଏ ମେଣ୍ଟ ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ପ୍ରଧାନମନ୍ତ୍ରୀ ଓ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ମୋଦୀଙ୍କ କାର୍ଯ୍ୟକାଳର ୨୫ ବର୍ଷ ପୂରଣ ଅବସରରେ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ପରିଚାଳନା କରିବାକୁ ଏକାଠି ହେଉଛନ୍ତି। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରିବା ଓ ଧାରା ୩୭୦ ଉଚ୍ଛେଦ କରିବା, ତିନି ତଲାକ୍ ପ୍ରତ୍ୟାହାର କରିବା ଓ ନକ୍ସଲବାଦର ମୂଳୋତ୍ପାଟନ କରିବାରେ ସଫଳ ହୋଇଛି ବୋଲି ଶାହ କହିଛନ୍ତି। ୨୦୧୪ ପୂର୍ବରୁ ଦେଶର ଜାତୀୟ ରାଜନୀତି ଦୁର୍ନୀତି, ଜାତିବାଦ ଓ ପରିବାରବାଦ ପରି ପ୍ରସଙ୍ଗରେ ଗ୍ରସ୍ତ ଥିଲା।

## ଓମାନ ଉପକୂଳରେ ଜାହାଜ ଉପରେ ଆକ୍ରମଣକୁ ଭାରତର ନିନ୍ଦା

ନୂଆଦିଲ୍ଲୀ: ପାନାମା ପତାକା ବହନ କରୁଥିବା ତୈଳ ଟ୍ୟାଙ୍କର ଉପରେ ଆକ୍ରମଣକୁ ରବିବାର ଭାରତ ତୀବ୍ର ନିନ୍ଦା କରିଛି। ନାଗରିକ ଭିତ୍ତିଭୂମି ଓ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ ବୋଲି ଭାରତ କହିଛି। ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଓମାନ ଉପକୂଳରେ ଆକ୍ରମଣ ପରେ ଏମ୍ଭି ଏଲ୍ ଗାୟା କୁ ଥିବା ୧୩ ଜଣ ଭାରତୀୟ ନାବିକଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ଜଣେ ନିଖୋଜ ଭାରତୀୟ ନାବିକଙ୍କୁ ଉଦ୍ଧାର କରିବାକୁ ଅପରେସନ ଜାରି ରହିଛି। ଓମାନରେ ଥିବା ଭାରତର ଦୂତାବାସ ପରିସ୍ଥିତି ଉପରେ ନଜର ରଖିଛି। ଚାଲିଥିବା ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ଓମାନ୍ କର୍ତ୍ତୃପକ୍ଷଙ୍କ ସହ ସକ୍ରିୟ ଭାବରେ ସମନ୍ୱୟ ରଖିଛି ବୋଲି ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## କାର୍ଡବିହୀନ ପେମେଣ୍ଟ : ଫୋନ ପେ -ଭିସା ସହବନ୍ଧିତ

ନୂଆଦିଲ୍ଲୀ : ଫୋନେପେ ଏବଂ ଭିସା ପକ୍ଷରୁ ମିଳିତ ଭାବେ ତିନୋଟି ନୂଆ ପେମେଣ୍ଟ ସେବା, ଯଥା - 'ଟାପ ଟୁ ପେ', 'କ୍ରସ ବୋର୍ଡର ସ୍କାନ ଟୁ ପେ', 'ଅନଲାଇନ ଡିଭାଇସ ଟୋକନାଇଜେସନ' ଏବଂ 'ସ୍ମାର୍ଟ ଆକ୍ସେପ୍ଟ'ର ଶୁଭାରମ୍ଭ କରାଯାଇଛି । 'ଗ୍ଲୋବାଲ ଫିନଟେକ ଫେଷ୍ଟ' ୨୦୨୬ ମଂଚରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଏହା ଉନ୍ମୋଚିତ ହୋଇଛି। ଏହି ସହଭାଗିତା ଫଳରେ ଆନ୍ତର୍ଜାତୀୟ ଟ୍ରାଞ୍ଜାକସନ ପାଇଁ 'କ୍ରସ ବୋର୍ଡର ସ୍କାନ ଟୁ ପେ' ଆରମ୍ଭ କରିବାରେ ଫୋନେପେ ଭାରତର ପ୍ରଥମ ଆପ ହୋଇପାରିଛି। କେବଳ ସେତିକି ନୁହେଁ, ଗ୍ରାହକମାନଙ୍କ ପାଇଁ ଭିସାର ତିନୋଟି ମୁଖ୍ୟ ସୁବିଧା ଯେପରିକି, 'ଅନଲାଇନ ଡିଭାଇସ ଟୋକନାଇଜେସନ', 'ଟାପ ଟୁ ପେ' ଏବଂ 'କ୍ରସ ବୋର୍ଡର ସ୍କାନ ଟୁ ପେ' ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାରେ ଫୋନେପେ ପ୍ରଥମ ଆପ ପାଲଟିଛି। ଏହାସହିତ, 'ସ୍ମାର୍ଟ ଆକ୍ସେପ୍ଟ' ମାଧ୍ୟମରେ ଏହି ପ୍ଲାଟଫର୍ମ କ୍ଷୁଦ୍ର-ମର୍ଚାଂଟ ମାନଙ୍କୁ ସିଧାସଳଖ କାର୍ଡ ମାଧ୍ୟମରେ ପେମେଣ୍ଟ ଗ୍ରହଣ କରିବାକୁ ସକ୍ଷମ କରୁଛି। ଏହି ଶୁଭାରମ୍ଭ ବିଷୟରେ ଫୋନପେ'ର ସହ-ପ୍ରତିଷ୍ଠାତା ତଥା ସିପିଟିଓ, ରାହୁଲ ଚାରୀ କହିଛନ୍ତି, "ଫୋନେପେ'ରେ ଆମର ଲକ୍ଷ୍ୟ ସବୁବେଳେ ଏପରି ପ୍ରଯୁକ୍ତିବିଦ୍ୟା ତିଆରି କରିବା ଯାହା ପେମେଂଟକୁ ସାର୍ବଜନୀନ, ସହଜ ଏବଂ ସୁରକ୍ଷିତ କରିପାରିବ। ଭିସା ସହିତ ସହଭାଗିତା ଆମର ସେହି ଲକ୍ଷ୍ୟକୁ ବିଶ୍ୱସ୍ତରରେ ପହଂଚାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ। ଏହି ସହଭାଗିତା ମାଧ୍ୟମରେ ଆମେ କେବଳ କାର୍ଡର ଡିଜିଟାଇଜେସନ କରୁନାହୁଁ, ବରଂ ଭାରତୀୟ ଉପଭୋକ୍ତା ଏବଂ କ୍ଷୁଦ୍ର-ମର୍ଚାଂଟ ମାନଙ୍କ ପାଇଁ ସୀମାହୀନ ଓ କାର୍ଡବିହୀନ ବ୍ୟବସାୟର ଏକ ନୂଆ ଯୁଗ ଆରମ୍ଭ କରୁଛୁ।" ଭିସାର ଭାରତ ଏବଂ ଦକ୍ଷିଣ ଏସିଆର ଗ୍ରୁପ କଂଟ୍ରି ମ୍ୟାନେଜର ସୁରେଶ ସେଠୀ କହିଛନ୍ତି, "ବିଶ୍ୱ ଡିଜିଟାଲ ପେମେଂଟ ବିପ୍ଳବରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ଏବଂ ଏହି ପରିବର୍ତ୍ତନରେ ସହଯୋଗୀ ହୋଇ ଭିସା ଗର୍ବିତ। ଏହି ସହଯୋଗିତା ସାରା ବିଶ୍ୱରେ ପେମେଂଟ କରିବା ଏବଂ ଗ୍ରହଣ କରିବାର ସବୁଠାରୁ ପସନ୍ଦଯୋଗ୍ୟ ମାଧ୍ୟମ ହେବା ପାଇଁ ଭିସାର ସଂକଳ୍ପକୁ ପୁନଃପ୍ରତିଷ୍ଠିତ କରୁଛି ଯାହା ସୁରକ୍ଷିତ ହେବା ସହ ଅନାୟାସ କାରବାରର ଅନୁଭୂତି ପ୍ରଦାନ କରିଥାଏ।"

## ଏକତରଫା ପ୍ରେମର କରୁଣ ପରିସମାପ୍ତି

### ମହିଳାଙ୍କୁ ଗୁଳି ମାରିବା ପରେ ନିଜେ ଆତ୍ମହତ୍ୟା କଲେ

କାଲିଫର୍ଣ୍ଣିଆ : ଏକ ତରଫା ପ୍ରେମିକର ଜଘନ୍ୟକାଣ୍ଡ। ଜଣେ ୩୮ ବର୍ଷୀୟ ମହିଳାଙ୍କୁ ଗୋଡ଼ାଇ ଗୋଡ଼ାଇ ଗୁଳି କରି ହତ୍ୟା କରିଛନ୍ତି ଜଣେ ୨୨ ବର୍ଷୀୟ ଯୁବକ। ସେ ମହିଳାଙ୍କୁ ଏକତରଫା ଭଲ ପାଇବା ସହ ବାହା ହେବାକୁ ଚାହୁଁଥିଲେ। ହେଲେ ମହିଳା ଜଣଙ୍କ ଏଥିରେ ରାଜି ନ ହେବାରୁ ଯୁବକ ଜଣଙ୍କ ତାଙ୍କୁ କାଲିଫର୍ଣ୍ଣିଆର ସାକ୍ରାମେଣ୍ଟୋ ସ୍ଥିତ ଗୋଟିଏ ରେଷ୍ଟୁରାଣ୍ଟ ବାହାରେ ଗୁଳି ମାରି ହତ୍ୟା କରିଛନ୍ତି। ମହିଳାଙ୍କୁ ମାରିବା ପରେ ଯୁବକ ଜଣଙ୍କ ମଧ୍ୟ ପୁଲିସର ନାକାବନ୍ଦୀ ଯୋଗୁ ନିଜକୁ ମଧ୍ୟ ଗୁଳି କରି ଦେଇଛନ୍ତି। ନିଜ ଠାରୁ ୧୬ ବର୍ଷ ବଡ଼ ଶାଳିନୀ ଠାକୁରଙ୍କୁ ଭଲ ପାଉଥିଲା ୨୨ ବର୍ଷୀୟ ରୋହିତ। ଏକତରଫା ପ୍ରେମ କରିବା ସହ ସେ ମାସାଧିକ କାଳ ତାଙ୍କ ପିଛା ମଧ୍ୟ କରୁଥିଲେ। ହେଲେ ରୋହିତଙ୍କ ପ୍ରେମ ନିବେଦନକୁ ଗ୍ରହଣ କରି ନଥିଲେ ଶାଳିନୀ। ଏହା ରୋହିତଙ୍କୁ ବେଶ ବାଧିଥିଲା। ମଙ୍ଗଳବାର ଦିନ ଶାଳିନୀ ଠାକୁର ସାକ୍ରାମେଣ୍ଟୋର



ଆର୍ଡେନ ଆରକାଡେ ଅଞ୍ଚଳ ସ୍ଥିତ ଗୋଟିଏ ଶପିଂ ପ୍ଲାଜରେ ପହଞ୍ଚିଥିଲେ। ସେଠାରେ ସେ ଛିଡ଼ା ହୋଇଥିବା ବେଳେ ରୋହିତ ଆସିଥିଲେ। ସେ ଶାଳିନୀଙ୍କ ସହ କଥା ହେବା ସହ ପୁଣି ନିବେଦନ କରିଥିଲେ। ଶାଳିନୀ କିଛି ନ ଶୁଣି ସେଠାରୁ ତରବରିଆ ଭାବେ ଚାଲି ଯାଇଥିଲେ। କିନ୍ତୁ ରୋହିତ ତାଙ୍କୁ ପୁଣି ପିଛା କରିଥିଲେ। ଏହା ଦେଖି ଶାଳିନୀ କିଛି ବାଟ ଦୌଡ଼ିଥିଲେ। ତଥାପି ରୋହିତ କିଛି ବି ଶୁଣି ନଥିଲେ। କିଛି ବାଟ ଗୋଡ଼ାଇବା ପରେ ସେ ଶାଳିନୀଙ୍କ ଉପରକୁ ଏକାଧିକ ରାଉଣ୍ଡ ଗୁଳି କରିଥିଲେ। ଗୁଳି ମାଡ଼ ଯୋଗୁ ଶାଳିନୀ ତଳେ ପଡ଼ି ଯାଇଥିଲେ। ସେ ତଳେ ପଡ଼ିଥିବା ବେଳେ ମଧ୍ୟ ରୋହିତ ଅତି ନିକଟରୁ ତାଙ୍କ ମୁଣ୍ଡକୁ ଗୁଳି କରି ସେଠାରୁ ଫେରାର ହୋଇ ଯାଇଥିଲେ। ଅପରାହ୍ନ ୩ଟା ବେଳେ ପୁଲିସ୍ ଘଟଣା ସମ୍ପର୍କରେ ଖବର ପାଇ ତୁରନ୍ତ ପହଞ୍ଚିଥିଲା। ଶାଳିନୀଙ୍କୁ ହସ୍ପିଟାଲ ନେଇଥିଲେ ହେଁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଘଟଣା ସ୍ଥଳରେ ଉପସ୍ଥିତ ଥିବା ଲୋକଙ୍କ ତଥ୍ୟ ଆଧାରରେ ରୋହିତଙ୍କ ଗାଡ଼ିକୁ ଟ୍ରାକ କରିଥିଲା। ତୁରନ୍ତ ଗାଡ଼ିର ଶେଷ ଲୋକେସନ ମଧ୍ୟ ମିଳିଥିଲା। କାର୍ଟି ଜାତୀୟ ରାଜପଥ ୫୦ରେ ଥିବା ଜଣାପଡ଼ିବା ପରେ ପୁଲିସ୍ ନାକାବନ୍ଦୀ କରିଥିଲା। ପୁଲିସ୍କୁ ଦେଖି ରୋହିତ ବ୍ରେକ ଲଗାଇ ରାସ୍ତା ମଝିରେ ଅଟକି ଯାଇଥିଲେ। ହେଲେ ପୁଲିସ୍ ତାଙ୍କ ଗାଡ଼ି ପାଖରେ ପହଞ୍ଚିଲା ବେଳକୁ ସବୁ କିଛି ଶେଷ ହୋଇ ଯାଇଥିଲା। କାରଣ ଡ୍ରାଇଭ ସିଟରେ ଥିବା ରୋହିତ ପୁଲିସ୍କୁ ଦେଖି ନିଜକୁ ନିଜେ ଗୁଳି କରି ଦେଇଥିଲେ। ପୁଲିସ୍ ତାଙ୍କୁ ଗାଡ଼ି ଭିତରୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲା। ପୁଲିସ୍ ଭୟରେ ରୋହିତ ଆତ୍ମହତ୍ୟା କରିଥିବା କୁହାଯାଉଛି। ଶାଳିନୀଙ୍କ ମା' ସୁଦେଶ କୁମାରୀଙ୍କ କହିବା କଥା ଯେ ରୋହିତ ବେଶ କିଛି ମାସ ହେଲା ଝିଅର ପିଛା କରିବା ସହ ତାଙ୍କୁ ହଇରାଣ କରୁଥିଲେ। ସେ ଶାଳିନୀଙ୍କୁ ବାହା ହେବାକୁ ପ୍ରସ୍ତାବ ବି ଦେଇଥିଲେ। ହେଲେ ବୟସରେ ଥିବା ପାର୍ଥକ୍ୟ ଯୋଗୁ ଶାଳିନୀ ଏଥିରେ ରାଜି ହୋଇ ନଥିଲେ। ତଥାପି ରୋହିତ ପିଛା ଛାଡ଼ି ନଥିଲା। ଏବେ ସେ ଝିଅକୁ ହତ୍ୟା କରିଥିବା ସୁଦେଶ କୁମାରୀ କହିଛନ୍ତି।

# ଚୀନକୁ ୧-୦ରେ ହରାଇ ଭାରତର ହ୍ୟାଟ୍ରିକ୍ ଏସିଆ କପ୍ ଟାଇଟଲ୍

## ସାନିକାଙ୍କ ଗୋଲରେ ଚାମ୍ପିଅନ୍ ଭାରତ ; ଜୁନିୟର ମହିଳା ବିଶ୍ୱକପ୍ ଟିକେଟ୍ ନିଶ୍ଚିତ

ମୋକି, ଚୀନ୍, ୧୩/୯ (ଏଜେନ୍ସି) : ଘରୋଇ ଚୀନକୁ ରୋମାଞ୍ଚକ ଫାଇନାଲରେ ୧-୦ ଗୋଲରେ ପରାସ୍ତ କରି ଭାରତୀୟ ଜୁନିୟର ମହିଳା ହକି ଦଳ ଏଏଚ୍ଏଫ୍ ଜୁନିୟର ଏସିଆ କପ୍ ୨୦୨୬ ଚାମ୍ପିଅନ୍ ହୋଇଛି। ସାନିକା ଚନ୍ଦ୍ରକାନ୍ତ ମାଣେଙ୍କ ୧୭ତମ ମିନିଟର ଗୋଲ୍ ଭାରତକୁ ବିଜୟ ଦେବା ସହ ଦଳ କ୍ରମାଗତ ତୃତୀୟ ଥର ପାଇଁ ମହିଳା ଜୁନିୟର ଏସିଆ କପ୍ ଟାଇଟଲ୍ ଜିତି ହ୍ୟାଟ୍ରିକ୍ ପୂରଣ କରିଛି। ଏହି ବିଜୟ ସହ ଭାରତ ଏଫ୍ଆଇଏଚ୍ ଜୁନିୟର ମହିଳା ବିଶ୍ୱକପ୍ ପାଇଁ ମଧ୍ୟ ଯୋଗ୍ୟତା ହାସଲ କରିଛି। ଏହି ସଫଳତା ପାଇଁ ହକି ଇଣ୍ଡିଆ ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ଟଙ୍କା ଏବଂ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍ ସଦସ୍ୟଙ୍କୁ ୧.୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛି। ଫାଇନାଲର ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ସତର୍କତାର ସହ ଖେଳିଥିଲେ। ଚୀନ୍ ଅଧିକ ସମୟ ବଲ୍ ନିଜ ନିୟନ୍ତ୍ରଣରେ ରଖି ଭାରତ ଉପରେ ଚାପ ସୃଷ୍ଟି କରିଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗ ଦୃଢ଼ ରହିଥିଲା। ଫଳରେ ପ୍ରଥମ କ୍ୱାର୍ଟର




ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭ ହେବାର ଦୁଇ ମିନିଟ୍ ପରେ ଭାରତ ଗୋଲ୍ ପାଇଥିଲା। ଚୀନ୍ ଡିଫେଣ୍ଡରଙ୍କ ପଛପଟେ ଚତୁରତାର ସହ ନିଜ ସ୍ଥାନ ନେଇଥିବା ସାନିକା ପ୍ରାୟ ୫ ମିଟର ଦୂରରୁ ଲମ୍ବା ସ୍ଲାପ୍-ପୁସରେ ଷ୍ଟିକ୍ ଲଗାଇ ବଲକୁ ଚୀନ୍ ଗୋଲକିପର ଜୁ ମେଙ୍ଗଜିଆଓଙ୍କୁ ପରାସ୍ତ କରିଥିଲେ। ଏହା ଭାରତକୁ ୧-୦ରେ ଅଗ୍ରଣୀ ଦେଇଥିଲା। ଚୀନ୍ ଗୋଲ୍ ପରିଶୋଧ କରିବାର ସବୁଠାରୁ ବଡ଼ ସୁଯୋଗ ପାଇଥିଲା ଏକମାତ୍ର ପେନାଲ୍ଟି କର୍ଣ୍ଣରରୁ। ତେବେ ତାଙ୍କ ସିଧା ଶଟ୍ ଗୋଲରେ ପ୍ରବେଶ କରିଥିଲେ ମଧ୍ୟ ବଲଟି ବ୍ୟାକ୍ବୋର୍ଡର ଅନୁମୋଦିତ ଉଚ୍ଚତାଠାରୁ ଉପରେ ଥିବାରୁ ଗୋଲ୍ ବାତିଲ୍ ହୋଇଥିଲା। ହାଫ୍ଟାଇମ୍ ପୂର୍ବରୁ ଭାରତର ଅଗ୍ରଣୀ ଦ୍ୱିଗୁଣିତ କରିବାର ସୁଯୋଗ ମଧ୍ୟ ଆସିଥିଲା। ଅଧିନାୟକ ଖାଇଦେମ ଶିଲେଇମା ଚାନୁଙ୍କ ଶଟକୁ ଚୀନ୍ ଗୋଲକିପର ଚମତ୍କାର ଭାବେ ରୋକି ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଚୀନ୍ ସମାନତା ଫେରାଇବା ପାଇଁ ଆକ୍ରମଣ ଜୋରଦାର କରିଥିଲା। ତୃତୀୟ କ୍ୱାର୍ଟରରେ ଗୋଲର ନିକଟତର ହୋଇଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗ ସତର୍କ ରହି ବିପଦକୁ ଏଡ଼ାଇ ଦେଇଥିଲା। ଶେଷ କ୍ୱାର୍ଟରରେ ଭାରତୀୟ ଖେଳାଳିମାନେ ରକ୍ଷଣଭାଗକୁ ଅତ୍ୟନ୍ତ ସୁଦୃଢ଼ ରଖିଥିଲେ। ଚୀନ୍ ବାରମ୍ବାର ଆକ୍ରମଣ କରିଥିଲେ ମଧ୍ୟ ଭାରତୀୟ ଡିଫେନ୍ସକୁ ଭେଦ କରିବାରେ ସଫଳ ହୋଇନଥିଲା। ଶେଷରେ ୧-୦ ବିଜୟ ସହ ଭାରତ ଟ୍ରଫି ଉଠାଇଥିଲା। ଏହି ପ୍ରତିଯୋଗିତାରେ ଭାରତ ଅପରାଜିତ ରହିଛି। ଏଲିଟ୍ ପୁଲରେ ୩ ବିଜୟ ଓ ଗୋଟିଏ ଡ୍ର ସହ ଶୀର୍ଷରେ ରହିବା ପରେ ସେମିଫାଇନାଲରେ ଦକ୍ଷିଣ କୋରିଆକୁ ୫-୧ରେ ହରାଇଥିଲା। ଫାଇନାଲରେ ଚୀନକୁ ୧-୦ରେ ପରାସ୍ତ କରି ଭାରତ ଲଗାତାର ତୃତୀୟ ମହିଳା ଜୁନିୟର ଏସିଆ କପ୍ ଟାଇଟଲ୍ ହାସଲ କରିଛି।

# ଆଫଗାନିସ୍ତାନକୁ ୭ ୱିକେଟରେ ହରାଇ ଭାରତ ବିଜୟୀ

## ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି) : ଆଫଗାନିସ୍ତାନ ବିପକ୍ଷ ଟି୨୦ ଶୃଙ୍ଖଳାରେ ଭାରତ ଦମଦାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତୀୟ ଖେଳାଳିମାନେ ପ୍ରଥମେ ବୋଲିଂ ଏବଂ ପରେ ପ୍ରଶଂସନୀୟ ବ୍ୟାଟିଂ କରିଛନ୍ତି। ଭାରତ ୧୩.୪ ଓଭରରେ ୩ ୱିକେଟ୍ ହରାଇ ୧୫୭ ରନର ବିଜୟ ଲକ୍ଷ୍ୟ ପୂରା କରିଛି। ଭାରତର ବିଜୟରେ ଅଭିଷେକ ଶର୍ମା ହିରୋ ସାଜିଛନ୍ତି। ସେ ୩୨ଟି ବଲର ସାମ୍ନା କରିଥିଲେ। ୭ଟି ଚୌକା ଏବଂ ୭ଟି ଛକା ବଳରେ ୮୨ ରନ୍ ସଂଗ୍ରହ କରିଥିଲେ। ମହମ୍ମଦ ନବିଙ୍କ ବଲ୍ ରସିଦ ଖାନଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସଂଜୁ ସାମସନ (୧୦ ରନ୍) ଆଉଟ୍ ହୋଇଥିଲେ। ଈଶାନ କିଶନ ୪୨ ରନ୍ କରି ଆଉଟ୍ ହୋଇଥିଲେ। ଶ୍ରେୟସ ଆୟର (୮) ଏବଂ ତିଲକ ବର୍ମା (୩) ଅପରାଜିତ ଥିଲେ। ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚରେ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରିଥିଲା। ଅଜମାତୁଲ୍ଲାହ ଓମରଜଇଙ୍କ ଅର୍ଦ୍ଧଶତକ ବଳରେ ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୫୬ ରନ୍ ସଂଗ୍ରହ କରିଥିଲା। ଆଫଗାନିସ୍ତାନର ପ୍ରାରମ୍ଭିକ ଓପନର ରହମନୁଲ୍ଲା ଗୁରବାଜ ନୁର ଅହମଦ ଖାତା ଖୋଲିପାରି ନଥିଲେ। ଗୁଲାବଦିନ ନବି ଏବଂ ଡାରୱିସ ରାସୋଲି ୨-୨ ରନ୍ ସଂଗ୍ରହ କରିଥିଲେ। ରସିଦ ଖାନ ମାତ୍ର ୧ ରନ୍ କରି ଆଉଟ୍



ହୋଇଥିଲେ। ଇବ୍ରାହିମ ଜଦ୍ରାନ ୧୧ ରନ୍, ସକିଦୁଲ୍ଲା ଅଟଲ ୧୩ ରନ୍, ମହମ୍ମଦ ନବି ୩୩ ରନ୍ କରିଥିଲେ। ଭାରତ ପକ୍ଷରୁ ଦ୍ରୁତ ବୋଲର ଅର୍ଶଦୀପ ସିଂହ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଯଶପ୍ରୀତ ବୁମରା, ଅକ୍ଷର ପଟେଲ ଏବଂ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା। ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ଦଳ ୫ରନରେ ପ୍ରଥମ ୱିକେଟ୍ ହରାଇଥିଲା। ସେହିପରି ୩୮ ରନରେ ଦ୍ୱିତୀୟ, ୩୯ ରନରେ ତୃତୀୟ ୪ ରନରେ ଚତୁର୍ଥ ଏବଂ ୪୩ ରନରେ ପଞ୍ଚମ ଝଟକା ପାଇଥିଲା। ଅର୍ଦ୍ଧଶତକ ପୂର୍ବରୁ ଦଳ ଆଗଧାଡ଼ିର ୫ ଜଣ ଖେଳାଳିଙ୍କୁ ହରାଇ ସାରିଥିଲା।

### ଜାପାନ ପାରା ବ୍ୟାଡମିଣ୍ଟନ

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ ; ଦୀପ ରଞ୍ଜନ-କୁଳଦୀପଙ୍କୁ କାଂସ୍ୟ

ନୂଆଦିଲ୍ଲୀ, ୧୩।୯: ଜାପାନ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାସନାଲ-୨୦୨୬ରେ ଭାରତୀୟ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଦେଖିବାକୁ ମିଳିଛି। ପୁରୁଷ ଏସଏଲ ୩ -ଏସୟୁ୫ ବର୍ଗରେ ଭାରତ ୩ଟି ପଦକ ଜିତିଛି। ପାରାଲିମ୍ପିକ୍ସ ଚାମ୍ପିୟନ ପ୍ରମୋଦ ଭଗତ ପୁରୁଷ ସିଙ୍ଗଲ୍ସ ଏସଏଲ ୩ରେ ସ୍ୱର୍ଣ୍ଣ ଏବଂ ପୁରୁଷ ଡବଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ଦୀପ ରଞ୍ଜନ ବିଷୋୟୀ ଓ କୁଳଦୀପ ମହାକୁଳଙ୍କ ଯୋଡ଼ି କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ସିଙ୍ଗଲ୍ସ ଏସଏଲ ୩ ଫାଇନାଲରେ ପ୍ରମୋଦ ୩୦ ମିନିଟ୍ରେ ଭାରତର



ଉମେଶ ବିକ୍ରମ କୁମାରଙ୍କୁ ୨୧-୧୬, ୨୧-୮ ରେ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ପ୍ରଥମ ଗେମରେ ଉମେଶ ଆରମ୍ଭରୁ ଆଗୁଆ ରହିଥିଲେ ମଧ୍ୟ ପ୍ରମୋଦ ନିଜ ଅଭିଜ୍ଞତା ଓ ଧୈର୍ଯ୍ୟ ବଳରେ ମ୍ୟାଚ୍କୁ ନିୟନ୍ତ୍ରଣକୁ ନେଇଥିଲେ। ପରେ ସୁକାନ୍ତ କଦମଙ୍କ ସହ ଯୋଡ଼ି ହୋଇ ପ୍ରମୋଦ ପୁରୁଷ ଡବଲ୍ସ ଏସଏଲ୩ -ଏସୟୁ୫ ରେ ରୌପ୍ୟ ଜିତିଥିଲେ। ଫାଇନାଲରେ ଏହି ଭାରତୀୟ ଯୋଡ଼ି ଇଣ୍ଡୋନେସିଆର ହିକମତ ରାମଦାନୀ ଓ ଫ୍ରେଡି ସେତିଆୱାନଙ୍କଠାରୁ ୫-୨୧, ୧୫-୨୧ରେ ପରାସ୍ତ ହୋଇଥିଲେ। ସେହିପରି ଦୀପ ରଞ୍ଜନ ବିଷୋୟୀ-କୁଳଦୀପ ମହାକୁଳ ଯୋଡ଼ି ସେମିଫାଇନାଲରେ ଇଣ୍ଡୋନେସିଆର ହିକମତ-ଫ୍ରେଡିଙ୍କଠାରୁ ୧୩-୨୧, ୧୧-୨୧ରେ ହାରି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।

# ଜାପାନର ଆଇଚି-ନାଗୋୟାରେ ଏସିଆନ୍ ଗେମ୍ ପାଇଁ ମହମ୍ମଦ ଆଜମ୍ ମନୋନୀତ




ଭୁବନେଶ୍ୱର, ୧୩।୯ (ସବ୍ୟୁ) : ଚଳିତ ମାସ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାଠାରେ ଆୟୋଜିତ ୨୦ ତମ ଏସିଆନ୍ ଗେମ୍-୨୦୨୬ରେ ସଫ୍ଟ ଟେନିସ୍ ବୈଷୟିକ ଅଧିକାରୀ ଭାବରେ ମହମ୍ମଦ ଆଜମ୍ ଯୋଗଦେବେ। ତାଙ୍କର ଏହି ସଫଳତା ପାଇଁ ଟାଇମ୍ସ ସ୍କଲାର ଗୁରୁକୁଳର ଅଧ୍ୟକ୍ଷ ଡ. ସାରଦା ପ୍ରସାଦ ମିଶ୍ର ତାଙ୍କୁ ସ୍ଥାନୀୟ ଟାଇମ୍ସ ସ୍କଲାର ଗୁରୁକୁଳ, ଭୁବନେଶ୍ୱରଠାରେ ସମ୍ମାନିତ କରିବା ସହ ଟ.୫୦,୦୦୦ /- ସହାୟତା ରାଶି ପ୍ରଦାନ କରିଛନ୍ତି। ଟାଇମ୍ସ ସ୍କଲାର ଗୁରୁକୁଳର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ମହାପାତ୍ର, ମନୋରଞ୍ଜନ ସାହୁ, ଚିନ୍ମୟ ମହାନ୍ତି, ପ୍ରଜ୍ଞା ବଳିଆରସିଂହ, ବାସୁଦେବ ଓଝା ଉପସ୍ଥିତ ରହି ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ।

### ମହିଳା ଏସିଆ କପ୍ ୨୦୨୬ ଫାଇନାଲ

# ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିଅନ

ଦୁବାଇ, ୧୩।୯ (ଏଜେନ୍ସି) : ରବିବାର ଦିନ ଦୁବାଇର ଦୁବାଇ ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ମହିଳା ଏସିଆ କପ୍ ୨୦୨୬ ଫାଇନାଲରେ ଭାରତ ଶ୍ରୀଲଙ୍କାକୁ ୭୨ ରନରେ ପରାସ୍ତ କରିଛି। ୧୮୪ ରନର ରକ୍ଷା କରି, ଶ୍ରୀଚରଣୀ ତାଙ୍କର ଚତୁର ବାମହାତୀ ସ୍ପିନ୍ ସାହାଯ୍ୟରେ ଚାରିଟି ୱିକେଟ୍ ନେଇ ଏକ ଜାଲ ବୁଲାଇଛନ୍ତି। ଖେଳ ଆରମ୍ଭ କରୁଥିବା ପ୍ରମୁଖ ୱିକେଟ୍ ଟେକର ଦୀପ୍ତି ଶର୍ମା ପୁଣି ଥରେ ରାତିରେ ଚମତ୍କାର କାମ କରିଥିଲେ। ପୂର୍ବରୁ, ସେଫାଲି ବର୍ମା (୬୮) ଏବଂ ଉପ-ଅଧିନାୟିକା ସ୍ମୃତି ମନ୍ଧାନା (୫୯) ଶକ୍ତି ଏବଂ ସୌଜନ୍ୟର ଏକ ସିମ୍ଫନି ସୃଷ୍ଟି କରିଥିଲେ। କିନ୍ତୁ ଶ୍ରୀଲଙ୍କା ତଥାପି ଭାରତରେ ପାଞ୍ଚ ୱିକେଟ୍ ୧୮୩ ରନରେ ଲଗାମ ଲଗାଇଥିଲା। ବ୍ୟାଟିଂ ପାଇଁ ନିଷ୍ପତ୍ତି ନେବା ପରେ, ମାନ୍ଧାନା, ଯିଏ ତାଙ୍କର ୩୬ତମ ଟି -୨୦। ଅର୍ଦ୍ଧଶତକ ମାରିଥିଲେ ଏବଂ ଶାଫାଲି, ଯାହାଙ୍କର ୨୪ ବଲ୍ ଅର୍ଦ୍ଧଶତକ ମହିଳା ଏସିଆ କପରେ ସବୁଠାରୁ ଦ୍ରୁତ ଥିଲା, ଲଙ୍କା ଦଳକୁ ମ୍ୟାଚ୍ ରୁ ବାହାର କରିଦେଲେ। ପ୍ରକୃତରେ, ଶାଫାଲି ଟୁର୍ଣ୍ଣାମେଣ୍ଟର ୨୦୨୨ ସଂସ୍କରଣରେ ମାନ୍ଧାନାଙ୍କ ୨୫ ବଲ୍ ଅର୍ଦ୍ଧଶତକକୁ ପଛରେ ପକାଇ ଦେଇଥିଲେ। ମାନ୍ଧାନାଙ୍କ ସହିତ ୧୨.୫ ଓଭରରେ ୧୨୯ ରନ ଯୋଡିଥିବା ୨୨ ବର୍ଷୀୟା ଖେଳାଳି ଆରମ୍ଭରୁ ତାଙ୍କର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ, ଶକ୍ତି ସହିତ ଡ୍ରାଇଭିଂ କରିଥିଲେ। ଶାଫାଲି ତାଙ୍କର ପ୍ରଥମ ଓଭରରେ ଲଙ୍କା ଅଧିନାୟକ ଚାମାରି ଆଥାପଥୁଙ୍କୁ ଟାର୍ଗେଟ କରିଥିଲେ। ତାଙ୍କୁ ୬.୬ ଏବଂ ୪ ରନରେ କ୍ରିମ କରିଥିଲେ। କାରଣ ଭାରତ ପାୱାର ପ୍ଲେ ସେଗମେଣ୍ଟରେ ୫୭ ରନ ଏବଂ କୌଣସି ୱିକେଟ ନ ହରାଇ ଅଧା ରାସ୍ତାରେ ୯୮ ରନ କରିଥିଲା। ପ୍ରାରମ୍ଭରେ, ମାନ୍ଧାନା ଶାଫାଲିଙ୍କୁ ସମର୍ଥନ ଦେବାରେ ଧ୍ୟାନ ଦେଇଥିଲେ, ୨୨ ବଲ୍ ରୁ ୨୩ ରନ କରିଥିଲେ। କିନ୍ତୁ ତାଙ୍କ ସାନ ସାଥୀ ୫୦ ରନ କରିବା ପରେ, ବାମହାତୀ ଖେଳାଳି ସହଜରେ ଗିଅର ବଦଳାଇ ଦେଇଥିଲେ। ସେ ନୀଳାକ୍ଷୀ ସିଲଭାଙ୍କୁ ଛକା ମାରିଥିଲେ ଏବଂ ତା'ପରେ ଚାମୁଡି ପ୍ରବୋଡାଙ୍କ ବଲ୍ରେ ସର୍ବାଧିକ ସ୍କୋର କରିଥିଲେ, ଯାହା ଲଙ୍ଗ-ଅନ୍ ଉପରେ ଏକ ସଠିକ୍ ସମୟରେ ସେଲିଂ ଷ୍ଟ୍ରାଇକ୍ ଥିଲା। କିନ୍ତୁ ତାଙ୍କର ସିଗ୍ନେଚର୍ ସଟ୍ ଆଥାପଥୁଙ୍କ ବଲ୍ରେ ଏକ ଭିତର କଭର ଡ୍ରାଇଭ୍ ଥିଲା ଯାହା ମନ୍ଧାନା ୩୫ ବଲ୍ରେ ତାଙ୍କର ପଚାଶ ରନ୍ ପୂରଣ କରିଥିଲେ। ତଥାପି, ଶଫାଲି ପ୍ରବୋଡାଙ୍କୁ ସର୍କଲର କଡ଼ରେ ସିଧା ଆଥାପଥୁଙ୍କ ପାଖକୁ ସଟ୍ ମାରିବା ପରେ ଏହି ବୃଦ୍ଧି ପାଉଥିବା ଷ୍ଟାଣ୍ଡ ଭାଙ୍ଗିଗଲା। ପ୍ରାୟତଃ ଏହା ଘଟେ, ପ୍ରଥମ ସଫଳତା ପରେ ଆଉ ଏକ ୱିକେଟ୍ ଆସିଥିଲା। ମନ୍ଧାନା ଅଧିନାୟକ ହରମନପ୍ରୀତ କୌରଙ୍କ ସହିତ ହଁ-ନା ପରିସ୍ଥିତିରେ ଫସି ଯାଇଥିଲେ ଏବଂ ଶେଷରେ ରନ ଆଉଟ୍ ମାଧ୍ୟମରେ ତାଙ୍କ ୱିକେଟ୍ ବଳିଦାନ ଦେଇଥିଲେ।

# ୟୁଏସ୍ ଓପନ୍ : ରିବାକିନା ଯୁଗଳ ସଫଳତା

ନ୍ୟୁୟର୍କ, ୧୩।୯ (ଏଜେନ୍ସି) : ରୁଷୀୟ ଜନ୍ମିତ କାଜାଖସ୍ତାନ ଖେଳାଳି ଏଲିନା ରିବାକିନା ରବିବାର ଯୁଗଳ ସଫଳତା ପାଇଛନ୍ତି। ଏଠାରେ ଚାଲିଥିବା ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ରିବାକିନା ନୂଆ ୟୁଏସ୍ ଓପନ୍ ବିଜୟିନୀ ହେବା ସହ ବିଶ୍ୱର ୧ ନମ୍ବର ଖେଳାଳି ହୋଇଛନ୍ତି। ମହିଳା ଏକକ ଫାଇନାଲରେ ୨୭ ବର୍ଷୀୟା ଏହି ଅଷ୍ଟ୍ରେଲିଆ ଓପନ୍ ବିଜୟିନୀ ୬-୪, ୫-୭, ୬-୨ ସେଟରେ ଶୀର୍ଷ ମାନ୍ୟତାପ୍ରାପ୍ତ ବେଲାରୁଷ ଲଲନା ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ଏଥିସହ ୨୦୨୨ରେ ୱିମ୍ବଲଡନ୍ ଜିତିଥିବା ରିବାକିନା ଚଳିତ ବର୍ଷ ଦ୍ୱିମୁକୁଟ ହାସଲ କରି ନିଜ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି



ସଂଖ୍ୟା ୩ରେ ପହଞ୍ଚାଇଛନ୍ତି। ଆର୍ଥର ଏସ୍ ଷ୍ଟାଡିୟମରେ ବିଶ୍ୱର ୧-୨ ଖେଳାଳିଙ୍କ ମଧ୍ୟରେ ଖେଳାଯାଇଥିବା ଏହି କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ପ୍ରଥମ ସେଟ୍ ସାବାଲେଙ୍କା ହାରିବା ପରେ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ସେଟ୍ ଜିତି ନେଇଥିଲେ। ହେଲେ ନିର୍ଣ୍ଣାୟକ ସେଟକୁ ରିବାକିନା ସହଜରେ ଜିତି ଟ୍ରଫି ନିଶ୍ଚିତ କରିବା ସହ ୫.୫ ମିଲିୟନ ଡଲାର (ପ୍ରାୟ ୫୨.୫୫ କୋଟି ଟଙ୍କା) ପକେଟସ୍ଥ କରିଥିଲେ। ଏଥିସହ ସେ ୟୁଏସ୍ ଓପନରେ ୨୦୨୪ ଓ ୨୦୨୫ ବିଜୟିନୀ ସାବାଲେଙ୍କାଙ୍କ ଲଗାତାର ୧୯ ମ୍ୟାଚ୍ ବିଜୟରେ ରୋକ୍ ଲଗାଇଥିଲେ। ୨୦୨୩ ଫାଇନାଲ୍ରେ କୋକୋ ଗୌଫଙ୍କଠୁ ହାରିବା ପରଠୁ ୨୮ ବର୍ଷୀୟା ସାବାଲେଙ୍କା ଫ୍ଲସିଂ ମିଡୋଜରେ ଆଉ ପରାଜୟର ମୁହଁ ଦେଖି ନଥିଲେ।

# ଜିଲ୍ଲାସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ହାନା ଏକାଡେମୀର ସଫଳତା

ସାକ୍ଷୀଗୋପାଳ ,(ସବ୍ୟୁ): ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରୀଡା ଟାଇକୋଣ୍ଡୋ ପ୍ରତିଯୋଗିତାରେ ହାନା ଟାଇକୋଣ୍ଡୋ ଏକାଡେମୀ ସାକ୍ଷୀଗୋପାଳର କ୍ରୀଡ଼ାବିତ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏକାଡେମୀ ପକ୍ଷରୁ ୧୨ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ୬ ଜଣ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡା ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଣ୍ଡର-୧୭ ବାଳିକା ବର୍ଗର ୬୮ କିଲୋଗ୍ରାମ ବିଭାଗରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳର ଛାତ୍ରୀ ସ୍ମୃତିରେଖା ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଣ୍ଡର-୧୭ ବାଳକ ବର୍ଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାକ୍ଷୀଗୋପାଳର ୨ ଛାତ୍ର କମଲେଶ ମିଶ୍ର ୬୮ ରୁ ୭୩ କିଲୋଗ୍ରାମ



ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପିଏମଶ୍ରୀ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଆୟୁଷ୍ମାନ ମିଶ୍ର ୪୮ରୁ ୫୧ କିଲୋଗ୍ରାମ ଏବଂ ସୋମନାଥ ନାୟକ ୫୧ ରୁ ୫୫ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଣ୍ଡର-୧୪ ବାଳିକା ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାକ୍ଷୀଗୋପାଳର ଛାତ୍ରୀ ପ୍ରିୟଙ୍କା ମେକାପ ୩୫ ରୁ ୩୮ କିଲୋଗ୍ରାମ ଏବଂ ପିଏମ ଶ୍ରୀ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆରାଧ୍ୟା ସତାକ୍ଷୀ ମିଶ୍ର ୩୮ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜେତା ଏହି ୬ ଜଣ କ୍ରୀଡ଼ାବିତ ଆଗାମୀ ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କେଉଁଝର ଗସ୍ତ କରିବେ। ଏହି ସଫଳତା ସତ୍ୟବାଦୀ ଅଞ୍ଚଳ ପାଇଁ ଗର୍ବର ବିଷୟ ପାଲଟିଛି। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଓ ମଣ୍ଡଳ ସଭାପତି ସୁଚିତ୍ର ଖଟୋଇଙ୍କ ନେତୃତ୍ୱରେ ଏହି ୧୨ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନେ ସାକ୍ଷୀଗୋପାଳସ୍ଥିତ ହାନା ଟାଇକୋଣ୍ଡୋ ଏକାଡେମୀର ପ୍ରଶିକ୍ଷକ ଦୀପକ କୁମାର ପ୍ରଧାନଙ୍କ ଠାରୁ ନିୟମିତ ପ୍ରଶିକ୍ଷଣ ନେଉଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ଅଭିଭାବକ, ବିଦ୍ୟାଳୟ ଓ ଏକାଡେମୀ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଅଛି।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ଭିଏତନାମ୍ ଓପନ୍: ଈଶା ଉପବିଜୟିନୀ

ହୋଚିମିନ୍ ସିଟି, ୧୩।୯ (ଏଜେନ୍ସି) : ଚଳିତ ଭିଏତ୍ନାମ ଓପନ୍ ବିଡବ୍ଲ୍ୟୁଏଫ୍ ସୁପର ୧୦୦ ପ୍ରତିଯୋଗିତାର ମହିଳା ଏକକରେ ଭାରତୀୟ ତାରକା ଈଶା ବରୁଆ ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି। ରବିବାର ଫାଇନାଲରେ ଏହି ଭାରତୀୟ ୨୨ ବର୍ଷୀୟା ଯୁବତୀ ୮-୨୧, ୧୫-୨୧ରେ ଥାଇଲାଣ୍ଡର ସାରୁନରାକ



ଭିତିଦ୍ୱର୍ନଙ୍କଠୁ ହାରି ଯାଇଥିଲେ। ୪ ବର୍ଷ ପରେ ଉଭୟ ପ୍ରଥମ ଥର ମୁହାଁମୁହିଁ ହୋଇଥିଲା ବେଳେ ସାରୁନରାକ୍ ବିଜୟୀ ହୋଇ ବ୍ୟବଧାନକୁ ୨-୦ରେ ପହଞ୍ଚାଇଛନ୍ତି। ଶେଷ ଥର ଲାଗି ୨୦୨ରେ ଇଣ୍ଡିଆ ଜୁନିୟର ଇଣ୍ଟରନ୍ୟାସନାଲ୍ ଗ୍ରାଣ୍ଡ ପ୍ରିକ୍ସରେ ସାରୁନରାକଙ୍କଠୁ ଈଶା ହାରିଥିଲେ। ଏହା ଈଶାଙ୍କ ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ଟୁର୍ ୧୦୦ ପ୍ରତିଯୋଗିତା ଫାଇନାଲ୍ ଥିଲା। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବରରେ ଓଡ଼ିଶା ମାଷ୍ଟର୍ସ ଫାଇନାଲରେ ସାଥୀ ଭାରତୀୟ ଖେଳାଳି ଉନ୍ନତି ହୁଡାଙ୍କଠୁ ହାରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲେ। ଚଳିତ ପ୍ରତିଯୋଗିତାରେ ଏକ ମାତ୍ର ଭାରତୀୟ ଭାବେ ଫାଇନାଲ୍ ଖେଳିଥିବା ଈଶା ସେମିଫାଇନାଲରେ ନିଜ ଦେଶର ତାରକା ଖେଳାଳି ତନ୍ୱୀ ଶର୍ମାଙ୍କୁ ପରାସ୍ତ କରିଥିଲେ।

# ୟୁଏସ୍ ଓପନ୍ : ପ୍ରଥମ ଥର ଫାଇନାଲରେ ସେଲଟନ

ନ୍ୟୁୟର୍କ: ୟୁଏସ୍ ଓପନ୍ ପୁରୁଷ ଏକକ ଫାଇନାଲରେ ଜର୍ମାନୀର ଆଲେକ୍ସାଣ୍ଡର ଭେରଭଙ୍କ ସହ ସ୍ଥାନୀୟ ତାରକା ତଥା ଆମେରିକାର ବେନ୍ ସେଲଟନଙ୍କ ମୁକାବିଲା ହେବ। ଶୁକ୍ରବାର ବିଳମ୍ବିତ ରାତିରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଭେରଭ, ରୁଷିଆର କାରେନ୍ ଖାଚାନୋଭଙ୍କୁ ୬-୩, ୭-୬ (୭), ୭-୬ (୬) ସେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଆମେରିକାର ଅଷ୍ଟମ ସିଡ୍ ବେନ୍ ସେଲଟନ୍ ନିଜ ଦେଶର ଫ୍ରାନ୍ସିସ୍ ଟିଆଫୋଙ୍କୁ ୪-୬,



୬-୩, ୬-୩, ୭-୫ରେ ପରାସ୍ତ କରି ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମର ଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ସେଲଟନଙ୍କର ଏହା ହେଉଛି ପ୍ରଥମ ୟୁଏସ୍ ଓପନ୍ ଫାଇନାଲ୍ ପ୍ରବେଶ। ପ୍ରଥମ ସେଟରୁ ହିଁ ଆକ୍ରମଣାତ୍ମକ ଟେନିସ୍ ଖେଳି ଖାଚାନୋଭଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ପ୍ରଥମ ସେଟକୁ ୬-୩ରେ ସେଟ୍ ଜିତିବା ପରେ ଦ୍ୱିତୀୟ ସେଟରେ ମଧ୍ୟ ଆରମ୍ଭରୁ ବ୍ରେକ୍ ହାସଲ କରିଥିଲେ। କିନ୍ତୁ ଖାଚାନୋଭ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ତାଙ୍କ ସର୍ଭିସ୍ ଭାଙ୍ଗି ମ୍ୟାଚକୁ ରୋମାଞ୍ଚକର କରିଥିଲେ। ନିର୍ଣ୍ଣାୟକ ତୃତୀୟ ସେଟକୁ ପୁଣି ଥରେ ରୋମାଞ୍ଚକ ଭାବେ ଜିତି ଭେରେଭ ଷଷ୍ଠ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ୍ ଫାଇନାଲ ଏବଂ ୟୁଏସ୍ ଓପନରେ ଦ୍ୱିତୀୟ ଥର ପାଇଁ ଫାଇନାଲ ଟିକେଟ ହାସଲ କରିଥିଲେ। ଅଷ୍ଟମ ସିଡ୍ ବେନ୍ ସେଲଟନ୍ ନିଜ ଦେଶର ଫ୍ରାନ୍ସିସ୍ ଟିଆଫୋଙ୍କୁ ୪-୬, ୬-୩, ୬-୩, ୭-୫ରେ ପରାସ୍ତ କରି ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମର ଫାଇନାଲରେ ପହଞ୍ଚିଛନ୍ତି। ମ୍ୟାଚର ପ୍ରଥମ ସେଟ୍ରେ ଟିଆଫୋ ଆଗୁଆ ହୋଇଥିଲେ। କିନ୍ତୁ ଏହା ପରେ ସେଲଟନ୍ ନିଜର ଶକ୍ତିଶାଳୀ ବାମହାତୀ ସର୍ଭିସ୍ ଏବଂ ଦୃଢ଼ ଡିଫେନ୍ସର ସଫଳ ବ୍ୟବହାର କରି ଲଗାତାର ତିନିଟି ସେଟ୍ ଜିତି ମ୍ୟାଚ୍ ନିଜ ନାମରେ କରିଥିଲେ। ୨୩ ବର୍ଷୀୟ ସେଲଟନଙ୍କ ପାଇଁ ଏହା ଏକ ଐତିହାସିକ ସୁଯୋଗ। ଫାଇନାଲରେ ଭେରଭଙ୍କୁ ହରାଇଲେ ୨୦୦୩ରେ ଆଣ୍ଡି ରଡିକଙ୍କ ପରେ ପ୍ରଥମ ଆମେରିକୀୟ ପୁରୁଷ ଭାବେ କୌଣସି ଗ୍ରାଣ୍ଡସ୍ଲାମ୍ ସିଙ୍ଗଲ୍ସ ଟାଇଟଲ୍ ଜିତିବାର ଗୌରବ ହାସଲ କରିବେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି